# ପବିତ୍ରଆତ୍ମା କଅଣ ଅଟେ?

…ଏକ ସଭା ପାଇଁ ବଡ଼ କଷ୍ଟରେ। ଏହି ସଭା ଟିକିଏ ତାହାଠାରୁ ଭିନ୍ନ ସଭା ହେବ ଯାହାକି ଆମର ସାଧାରଣତଃ ଏଠାରେ ହୋଇଥାଏ। ପ୍ରାୟତଃ, ପ୍ରତ୍ୟେକ ଥର ଯେତେବେଳେ ଆମେ ଏଠାରେ ଏକାଠି ଆସୁ, ଏହା ଏକ ସଭା ହୋଇଥାଏ… ରୋଗୀମାନଙ୍କର ଆରୋଗ୍ୟତା ପାଇଁ ଏବଂ ଶାରୀରିକ ଆବଶ୍ୟକତା ପାଇଁ। ଏହା ସେଗୁଡିକ ଉପରେ ଗୁରୁତ୍ୱ ଦିଆଯାଇଥାଏ। କିନ୍ତୁ ଆଜି ରାତି ଆମେ ପ୍ରାଣର ଆରୋଗ୍ୟତା ପାଇଁ ଏହି ଉଦ୍ଦୀପନାକୁ ଆରମ୍ଭ କରିଅଛୁ, ମନୁଷ୍ୟର ସେହି—ସେହି ଆତ୍ମା ପାଇଁ।

ତଥାପି, ଯଦି ପ୍ରଭୁ ଇଚ୍ଛା କରନ୍ତି, ରବିବାର ସକାଳେ, ରବିବାର ଶ୍ରେଣୀରେ, ରବିବାର ସକାଳରେ, ପ୍ରଭୁଙ୍କର ଇଚ୍ଛା ହେଲେ, ଆମେମାନେ ରବିବାର ସକାଳ ପାଇଁ, ରୋଗୀମାନଙ୍କ ନିମନ୍ତେ ପ୍ରାର୍ଥନା କରିବାକୁ ଯାଉଅଛୁ ଓ ଏକ ନିୟମିତ ଆରୋଗ୍ୟତାର ଧାଡି କରିବାକୁ ଯାଉଅଛୁ। ଏବଂ ଏହି ସପ୍ତାହାନ୍ତ ରାତିଗୁଡିକରେ, ଆମେମାନେ ସେହି—ସେହି ପ୍ରାଣ ପାଇଁ ଅନନ୍ତ ବିଷୟଗୁଡ଼ିକ କହିବା ହେତୁ ଅତ୍ୟଧିକ ଚାପଗ୍ରସ୍ତ ଅଟୁ।

2 ତେବେ, ଆମେ ଜାଣୁ ଯେ ଯେତେବେଳେ ଏକ—ଏକ ଶରୀର ସୁସ୍ଥ ହୋଇଥାଏ, ତାହା ଆମ ସମସ୍ତଙ୍କୁ ଖୁସି କରିଥାଏ, କାରଣ ଆମେ ଜାଣୁ ଯେ ତାହା ନିଶ୍ଚିତ ଭାବରେ ଏହା ଦର୍ଶାଏ ଯେ ଆମ ପରମେଶ୍ୱର ରୋଗୀମାନଙ୍କୁ ସୁସ୍ଥ କରନ୍ତି। କିନ୍ତୁ ସେହି ଅସୁସ୍ଥ ବ୍ୟକ୍ତି, ଯଦି ସେ ଅଧିକ ସମୟ ବଞ୍ଚନ୍ତି, ହୋଇପାରେ ଯେ ସେ ପୁନର୍ବାର ଅସୁସ୍ଥ ହେବେ, ବୋଧହୁଏ ସେହି ସମାନ ରୋଗରେ ଯେଉଁଥିରୁକି ସେ ସୁସ୍ଥତା ଲାଭ କରିଥିଲେ ପୀଡିତ ହେବେ, ଅବଶ୍ୟ ତାହା ଆରୋଗ୍ୟତାକୁ ଅନ୍ୟଥା କରେ ନାହିଁ। ସେହି ଚିକିତ୍ସକ ନିମୋନିଆ ପାଇଁ ଔଷଧ ଦେବେ, ଏବଂ ହୋଇପାରେ ଯେ ଦୁଇ ଦିନ ଉତ୍ତାରେ ଡାକ୍ତର ସେମାନଙ୍କୁ ସୁସ୍ଥ ଘୋଷଣା କରିସାରିବା ପରେ ସେ ନିମୋନିଆରେ ମରିଯିବେ। ଏହା ପୁନର୍ବାର ଘଟିଥାଏ। କିନ୍ତୁ ଯେତେବେଳେ ସେହି ପ୍ରାଣ ସୁସ୍ଥ ହୋଇଥାଏ, ସେତେବେଳେ ଆପଣଙ୍କ ପାଖରେ, ଆପଣଙ୍କଠାରେ, ଅନନ୍ତ ଜୀବନ ରହିଥାଏ।

3 ଏବଂ ମୁଁ ବିଶ୍ୱାସ କରେ ଯେ ଆମେ ପ୍ରଭୁ ଯୀଶୁଙ୍କ ଆଗମନର ଏତେ ନିକଟବର୍ତ୍ତି ଅଟୁ, ଯେ ଏହା ଆମକୁ ଯଥାସମ୍ଭବ ପ୍ରତ୍ୟେକ ପ୍ରାଣକୁ ଯେତିକି ଆମେମାନେ ପାରୁ ରାଜ୍ୟକୁ ଆଣିବା ନିମନ୍ତେ, ଏବଂ ଲୋକମାନଙ୍କ ନିକଟକୁ ରାଜ୍ୟକୁ ନେଇ ଆସିବା ନିମନ୍ତେ ବାଧ୍ୟ କରାଏ, ଯେପରିକି ଆମେମାନେ ଆମର ଆତ୍ମାରେ ସୁସ୍ଥ ହୋଇପାରୁ। ମୁଁ ବିଶ୍ୱାସ କରେ ଯେ ଯୀଶୁଙ୍କ ଶରୀରଟି ହେଉଛି ସବୁଠାରୁ ଅସୁସ୍ଥ ଶରୀର ଯାହାକି ମୁଁ ଜାଣେ; ତାହା ହେଉଛି, ସେହି—ସେହି ଶରୀର, ପୃଥିବୀରେ ଥିବା ଖ୍ରୀଷ୍ଟଙ୍କ ଆତ୍ମିକ ଶରୀର, ତାହା ବହୁତ ଅସୁସ୍ଥ ଅଟେ।

4 ଏବଂ ବର୍ତ୍ତମାନ, ଆମେମାନେ ଆପଣଙ୍କୁ ଗୋଟିଏ ରାତିର ଅଧିକ ସମୟ ପାଇଁ ରଖିବାକୁ ଯୋଜନା କରୁନାହୁଁ, କାରଣ ପ୍ରଥମ ରାତିରେ ଆମର ପ୍ରିୟ ବନ୍ଧୁମାନଙ୍କୁ ବସାଇବା ପାଇଁ ଯଥେଷ୍ଟ ସ୍ଥାନ ନାହିଁ। ଆମେମାନେ ଏକ ନୂତନ ଗୀର୍ଜାଘରର ନିର୍ମାଣର ପ୍ରକଳ୍ପରେ ଅଛୁ, ଠିକ୍ ଏଠାରେ ଏହି ସ୍ଥାନରେ ଏକ ବଡ଼ ଆରାଧନାଳୟଟିଏ, କିମ୍ବା ପ୍ରଭୁ ଯେଉଁଆଡ଼କୁ ବି କଢାଇ ନେବେ; କିନ୍ତୁ ଯେତେଦୂର ଆମେ ଜାଣୁ, ଏଠାରେ।

5 ଏବଂ ବର୍ତ୍ତମାନ ଆମେମାନେ ବୁଧବାରଠାରୁ ନେଇ ରବିବାର ପର୍ଯ୍ୟନ୍ତ, ସଭାଗୁଡିକର ବିବରଣୀ ଦେଇଅଛୁ। କିନ୍ତୁ ତେବେ ରବିବାର ଦିନରେ, ତାହା ଖ୍ରୀଷ୍ଟମାସ ଛୁଟିରେ ମିଶୁଅଛି, କିନ୍ତୁ ତାହା...ଯେତେବେଳେ ବି ପ୍ରଭୁ ଆମକୁ ବନ୍ଦ କରିବାକୁ କହିବେ, ତାହା ସେହି ସମୟ ହେବ। ଆମେ ଜାଣିନାହୁଁ ଯେ ପରିଣାମଗୁଡିକ କଅଣ ହେବ। କିନ୍ତୁ ଏହା ବିଶ୍ୱାସ କରି ଯେ ଏଠାରେ ଏହି ଆରାଧନାଳୟ ଏବଂ ଆମର ସଙ୍ଗୀ ମଣ୍ଡଳୀଗୁଡିକରେ ଲୋକମାନେ (ଯାହାକି ହେଉଛି, ସେମାନଙ୍କ ମଧ୍ୟରୁ ଗୋଟିଏ ହେଉଛି—ହେଉଛି ଉଟିକାରେ ଥିବା ହୋଲିନେସ୍ ଟେବର୍ନେକଲ୍, ଯାହାର ପାଳକ ଭାଇ ଗ୍ରାହାମ୍ ସ୍ନେଲିଙ୍ଗ୍ ଅଟନ୍ତି, ଓ ନ୍ୟୁ ଆଲ୍‌ବାନିରେ ଯେଉଁଠାରେ ଭାଇ—ଭାଇ ଜୁନି ଜ୍ୟାକସନ ପାଳକ ଅଟନ୍ତି, ପୁଣି ରାଜପଥରେ ମଧ୍ୟ ଯେଉଁଠାରେ ଭାଇ ରୁଡେଲ୍ ପାଳକ ଅଟନ୍ତି), ଆମେ ଏବଂ ସେମାନେ, ଏହି ଆରାଧନାଳୟର ସଙ୍ଗୀ ମଣ୍ଡଳୀମାନ, ଆମେ ଆମର ଲୋକମାନଙ୍କୁ ଖ୍ରୀଷ୍ଟଙ୍କ ସହିତ ଏକ ଉତ୍ତମ ସହଭାଗୀତାରେ...ଆଣିବାକୁ ଚେଷ୍ଟା କରୁଛୁ। ତାହାହିଁ ଆମର ଉଦ୍ଦେଶ୍ୟ ଅଟେ। ତେଣୁ ମୁଁ ପରବର୍ତ୍ତୀ କିଛି ରାତି ପାଇଁ, ପାଠ କରିବାକୁ ଏବଂ ଶିକ୍ଷା ଦେବାକୁ ବାଛିଅଛି...

6 ଆଜି ରାତିରେ ମୁଁ ଏହି ବିଷୟ ଉପରେ କହିବାକୁ ଚାହେଁ: *ପବିତ୍ରଆତ୍ମା କଅଣ ଅଟେ?* ଏବଂ ଆସନ୍ତାକାଲି ରାତିରେ, ମୁଁ ପ୍ରଚାର କରିବାକୁ ଚାହେଁ: *ଏହା କଅଣ ପାଇଁ ଦିଆଗଲା?* ଏବଂ ଶୁକ୍ରବାର ରାତିରେ...ଏବଂ, ରେକର୍ଡ କରୁଥିବା କର୍ମୀମାନଙ୍କୁ, ମୁଁ ଶୁକ୍ରବାର ରାତିରେ ଏହାକୁ ରେକର୍ଡ କରିବା ପାଇଁ ଚାହେଁ ନାହିଁ: *ମୁଁ କିପରି ପବିତ୍ରଆତ୍ମା ପାଇବି?* ଏବଂ *ଯେତେବେଳେ ମୁଁ ଏହା ପାଇବି ମୁଁ କିପରି ଜାଣିବି?* ଏବଂ ତାହାପରେ ଆମେ କେବଳ ଅପେକ୍ଷା କରିବା, ତାହାପରେ ଦେଖିବା ଯେ ଶନିବାର ଏବଂ ରବିବାର ପାଇଁ, ପ୍ରଭୁ ଆମକୁ କେଉଁଥିରେ କଢେଇ ନେବେ। ଏବଂ ରବିବାର ସକାଳେ, ଏକ ଆରୋଗ୍ୟତା ସେବା, ଓ ରବିବାର ରାତି ପାଇଁ ଅନ୍ୟ ଏକ ସୁସମାଚାର ପ୍ରଚାର ସେବା।

7 ଏବଂ ବର୍ତ୍ତମାନ ଆମେମାନେ ଚାହୁଁ ଯେ ସମସ୍ତେ ଏହା ଜାଣନ୍ତୁ...ଆଉ ମୁଁ ଜାଣେ ଯେ ରେକର୍ଡରଗୁଡିକ ପଛ କୋଠରୀରେ ଚାଲୁଅଛି, ଏବଂ ଆମେ ଏହା କହିବାକୁ ଚାହୁଁ। କାରଣ, ଏହି ପରି ସଭାଗୁଡ଼ିକରେ, ସୁସମାଚାର ପ୍ରଚାର ହେଉଥିବା ଉପରେ, ଆମ ପାଖରେ ବିଭିନ୍ନ ନାମଧାରୀ ମଣ୍ଡଳୀର ଲୋକମାନେ ରହିଥାଆନ୍ତି ଯେଉଁମାନଙ୍କୁକି, ପ୍ରତ୍ୟେକ ଜଣଙ୍କୁ ସେମାନଙ୍କର ନିଜ ନିଜର ବିଶ୍ୱାସ କ୍ଷେତ୍ରରେ ଶିକ୍ଷା ଦିଆଯାଇଥାଏ। ଏବଂ ତାହା ଠିକ୍ ଅଟେ। ମୁଁ କେବେବି ଭାଇମାନଙ୍କ ମଧ୍ୟରେ ମତଭେଦ ବୁଣିବାର ଦୋଷୀ ହେବାକୁ ଚାହେଁ ନାହିଁ।

ଏବଂ ସଭାଗୁଡ଼ିକରେ, ମୁଁ କେବଳ ଶାସ୍ତ୍ରର ମହାନ ସୁସମାଚାର ସତ୍ୟତାଗୁଡିକ ବିଷୟରେ ପ୍ରଚାର କରେ, ଯାହାକି ମୋର ସଭାକୁ ପ୍ରାୟୋଜିତ କରୁଥିବା ମୋର ଭାଇମାନେ ବିଶ୍ୱାସ କରନ୍ତି। ମାତ୍ର, ଏଠାରେ ଆରାଧନାଳୟରେ, ମୁଁ—ମୁଁ ତାହା ବିଷୟରେ କହିବାକୁ ଚାହେଁ ଯାହା ଆମେ ବିଶ୍ୱାସ କରୁ। ଅତଏବ, ଯଦି ଆପଣ—ଯଦି ଆପଣ ଏହା ବୁଝନ୍ତି ନାହିଁ, ତାହାହେଲେ ମୁଁ ଆପଣମାନଙ୍କଠାରୁ ଏକ ଛୋଟ ଚିଠି କିମ୍ବା ଟିପ୍ପଣୀଟିଏ ପାଇବା ପାଇଁ ବହୁତ ଖୁସି ହେବି, ଯେଉଁଥିରେ ମୋତେ ତାହା ବିଷୟରେ—ରେ ଏକ ପ୍ରଶ୍ନ ପଚାରନ୍ତୁ ଯେ ଆମେ ତାହା ସେହିପରି କାହିଁକି ବିଶ୍ୱାସ କରୁ। ଏବଂ ମୁଁ ତାହାକୁ ମୋର ଯଥାସମ୍ଭବ ସର୍ବୋତ୍ତମ ଭାବରେ ବ୍ୟାଖ୍ୟା କରିବା ପାଇଁ ଚେଷ୍ଟା କରିବାକୁ ଖୁସି ହେବି।

8 ଆପଣ ଜାଣନ୍ତି, ପ୍ରତ୍ୟେକ ମଣ୍ଡଳୀ, ଯଦି ଆପଣଙ୍କର କୌଣସି ଏକ ଶିକ୍ଷା ନାହିଁ, ତେବେ ଆପଣ ଏକ ମଣ୍ଡଳୀ ନୁହଁନ୍ତି। ଆପଣଙ୍କ ପାଖରେ ତ ଏପରି କିଛି ରହିବାକୁ ଅଛି ଯାହା ପାଇଁ ଆପଣ ଛିଡା ହୁଅନ୍ତି, ଏପରି କିଛି ନୀତିମାନ ଯାହା ଆପଣ ଧରି ରଖିଥାନ୍ତି। ଏବଂ ଏହି ବିଷୟର ନିର୍ବିଶେଷରେ ଯେ ଜଣେ ବ୍ୟକ୍ତିର ସମ୍ପର୍କ କିମ୍ବା କେଉଁ ନାମଧାରୀ ମଣ୍ଡଳୀ ସହିତ ହୋଇ ଥାଇପାରେ, ଯଦି ସେହି ବ୍ୟକ୍ତି ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ଜନ୍ମଗ୍ରହଣ କରିଛନ୍ତି, ଯାହା ହେଉନା କାହିଁକି, ତାହା ମୋର ଭାଇ କିମ୍ବା ମୋର ଭଉଣୀ ଅଟେ...ଆମେ ଅନ୍ୟାନ୍ୟ ବିଷୟଗୁଡିକରେ ପୃଥକ୍ ହୋଇପାରୁ, ଯେପରିକି ପଶ୍ଚିମଠାରୁ ପୂର୍ବ ପୃଥକ୍ ଅଟେ, କିନ୍ତୁ ତଥାପି ଆମେମାନେ ଭାଇ ଅଟୁ। ଏବଂ ମୁଁ ସେହି ଭାଇଙ୍କୁ ଖ୍ରୀଷ୍ଟଙ୍କ ସହିତରେ ଏକ ନିକଟବର୍ତ୍ତୀ, ଅଧିକ ଉତ୍ତମ ଭାବରେ ଚାଲିବାକୁ ସାହାଯ୍ୟ କରିବା ପାଇଁ ଚେଷ୍ଟା କରିବା ଅପେକ୍ଷା ଆଉ କିଛି କରିବି ନାହିଁ। ଏବଂ ମୁଁ ବିଶ୍ୱାସ କରେ ଯେ କୌଣସି ବାସ୍ତବିକ, ପ୍ରକୃତ ଖ୍ରୀଷ୍ଟିଆନ ମୋ ପାଇଁ ମଧ୍ୟ ଠିକ୍ ସେହି ସମାନ ବିଷୟ ହିଁ କରିବେ।

9 ତେବେ, ମୁଁ ଏହି ଆରାଧନାଳୟକୁ ପଚାରିଅଛି...ବର୍ତ୍ତମାନ, ଆମେ କେବଳ ଏକ ପ୍ରତୀକାତ୍ମକ ସଭା ପାଇଁ ଏଥିରେ ପ୍ରବେଶ କରୁନାହୁଁ। ମୁଁ ଏଥିରେ ପ୍ରବେଶ କରିବାକୁ ଚାହୁଁଛି, ଏବଂ ମୁଁ ଚାହୁଁଛି ଯେ ଆପଣ, ଆଉ ଆପଣଙ୍କୁ ପଚାରିଅଛି ଯେ, ଆପଣ ନିଜ ପଛରେ ଥିବା ପ୍ରତ୍ୟେକ ସେତୁକୁ ଜାଳି ଭସ୍ମ କରି ଦିଅନ୍ତୁ, ଓ ପ୍ରତ୍ୟେକ ପାପକୁ ଠିକ୍ କରି ଦିଅନ୍ତୁ, ଯେ ଆମେ ଏହା ଭିତରକୁ ଆମର ହୃଦୟ ଏବଂ ଜୀବନରେ ଥିବା ସମସ୍ତ ବିଷୟ ସହିତ ପ୍ରବେଶ କରୁଅଛୁ। ଆମକୁ ଏଠାରେ କେବଳ ଏକମାତ୍ର ଉଦ୍ଦେଶ୍ୟ ନେଇ ଆସିବା ଉଚିତ୍ ଯେ ପ୍ରଭୁଙ୍କ ଆଗମନ ପାଇଁ ଆମର ପ୍ରାଣଗୁଡିକୁ ପ୍ରସ୍ତୁତ କରୁ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ନୁହେଁ। ଏବଂ ମୁଁ ଯେପରି କହିଅଛି ଏବଂ ବ୍ୟକ୍ତ କରିଅଛି, ଯେ ହୁଏତ କୌଣସି ସମୟରେ ବୋଧହୁଏ ମୁଁ ଏପରି କିଛି ଶିକ୍ଷା ଦେଇପାରେ କିମ୍ବା କହିପାରେ ଯାହାକି ତାର ବିରୁଦ୍ଧରେ ଥିବା ପରି ଲାଗିପାରେ ଯାହାକି ଅନ୍ୟ କେହି, ଯେଉଁ ପ୍ରକାରେ ସେମାନେ ଏହାକୁ ବିଶ୍ୱାସ କରିଥାନ୍ତି। ମୁଁ—ମୁଁ ନାହିଁ—ବିବାଦ ପାଇଁ ଆସିନାହିଁ, ଆପଣ ଦେଖନ୍ତୁ, ମୁଁ—ମୁଁ ଆସିଛି...ଆମେମାନେ ଏଠାରେ ପ୍ରଭୁଙ୍କ ଆଗମନ ନିମନ୍ତେ ପ୍ରସ୍ତୁତ କରିବା ପାଇଁ ଅଛୁ। ଏବଂ ମୁଁ ଭାବୁଛି ଯେ ଏହି ଛୋଟ ଗୋଷ୍ଠୀ...

10 ମୋ ପାଖରେ ଏଠାରେ ମୋ ସହିତ କିଛି ଭ୍ରମଣକାରୀ ଭାଇମାନେ ଅଛନ୍ତି ଯାହାଙ୍କୁ ମୁଁ ଜାଣେ, ବିଭିନ୍ନ ସ୍ଥାନରୁ ଅଟନ୍ତି, ଏବଂ ଆମେ ସେମାନଙ୍କୁ ପାଇ ଖୁସି ଅଟୁ । ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ମାତ୍ର ସେଠାରେ ଦର୍ଶକଙ୍କ ମଧ୍ୟରେ ଯାହା ଅଛି, ଏପରି ଅନେକେ ସହର ବାହାରୁ ଅଛନ୍ତି, ଆମ ସୀମାନ୍ତରେ ଥିବା ଆଖପାଖର ଛୋଟ ଛୋଟ ସହରଗୁଡିକରୁ ଅଛନ୍ତି । ଏବଂ ଆମେ ଆପଣମାନଙ୍କୁ ପାଇ ଖୁସି ଅଟୁ, ଏବଂ ଆପଣମାନଙ୍କୁ ଅତ୍ୟଧିକ ପ୍ରଶଂସା କରୁ, ଯଦି ଆପଣ ଏହି ସବୁ ବିଷୟଗୁଡ଼ିକ ଶୁଣିବା ନିମନ୍ତେ ଆସିବା ହେତୁ ଆମକୁ ଯଥେଷ୍ଟ ପ୍ରେମ କରନ୍ତି । ପରମେଶ୍ୱର...ମୋର ପ୍ରାର୍ଥନା ଯେ, ହେ ମୋର ଭାଇ, ଭଉଣୀ, ଆପଣ ନିଜ ସାଙ୍ଗରେ ସେହି ସବୁଠାରୁ ମୂଲ୍ୟବାନ ଧନ ସମ୍ପତ୍ତିକୁ ଘରକୁ ନେଇଯାଆନ୍ତୁ, ଯାହା ପରମେଶ୍ୱର ଆପଣମାନଙ୍କ ହୃଦୟରେ ଢାଳିପାରନ୍ତି ।

11 ଏବଂ ଏହି ଛୋଟ ଆରାଧନାଳୟକୁ, ଏହା ଦେଖି ଯେ ମୁଁ ବିଶ୍ୱାସ କରେ ଯେ ଏହା ସେହି ସର୍ବଶ୍ରେଷ୍ଠ ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି ଯାହା ମୁଁ ବିଶ୍ୱାସ କରେ ଯେଉଁମାନେକି ପୃଥିବୀରେ ଅଛନ୍ତି, ଏହି ଆରାଧନାଳୟକୁ ଯାଆନ୍ତି । ତେବେ, ମୁଁ କଦାପି କହି ନାହିଁ "ସମସ୍ତ" ସର୍ବୋତ୍ତମ ଲୋକ । ମୁଁ କହିଲି ପୃଥିବୀର କିଛି ସର୍ବୋତ୍ତମ ଲୋକ ଏହି ଆରାଧନାଳୟକୁ ଯାଆନ୍ତି । କିନ୍ତୁ ଦିନକୁ ଦିନ, ସଭାରୁ ସଭାକୁ, ପ୍ରବେଶ କରିବାରେ, ମୁଁ ଏହି ଆରାଧନାଳୟର ଅତ୍ୟଧିକ ଆବଶ୍ୟକତାକୁ ଦେଖୁଅଛି, ଏଥିରେ ଏକ ଅତ୍ୟଧିକ ଆବଶ୍ୟକତା ଅଛି, ଏବଂ ତାହା ଏକ ପରିପୂର୍ଣ୍ଣତା ନିମନ୍ତେ, କିମ୍ଵା ଏକ ଉତ୍ସର୍ଗୀକରଣ, ପରମେଶ୍ୱରଙ୍କ ସହିତ ଏକ ଗଭୀର ଜୀବନ, ଏକ ଅଧିକ ନିକଟତର ଚାଲିବା ନିମନ୍ତେ ଅଟେ । ଏବଂ ମୁଁ ଏହା କରିବି ବୋଲି ସେମାନଙ୍କୁ ପ୍ରତିଜ୍ଞା କରିଛି, ଯେ ସେମାନଙ୍କ ପାଇଁ ଏହି ବାର୍ତ୍ତାଗୁଡିକୁ ପ୍ରସ୍ତୁତ କରିବି । ଏବଂ ଆମେ ଆପଣଙ୍କୁ ପରମେଶ୍ୱରଙ୍କ ବାକ୍ୟର ଚାରିପାଖରେ ଆମ ସହିତ ସହଭାଗୀତାରେ ଆଣିବା ହେତୁ ଆନନ୍ଦିତ ଅଟୁ, ଯେତେବେଳେକି ଆମେ ଶିକ୍ଷା ଦେବାକୁ ଓ ବାହାରକୁ ଆଣିବାକୁ ଚେଷ୍ଟା କରୁଅଛୁ ।

12 ତେବେ, ପ୍ରଥମ ତିନି ରାତି ଆମେ ପ୍ରଚାର କରିବା ପାଇଁ କୌଣସି ବିଷୟ ଗ୍ରହଣ କରିବୁ ନାହିଁ, ମାତ୍ର ପରମେଶ୍ୱରଙ୍କ ବାକ୍ୟରୁ ଶିକ୍ଷା ଦେବା ପାଇଁ ଏକ ବାର୍ତ୍ତାକୁ ନେବୁ ।

ଏବଂ ବର୍ତ୍ତମାନ, ଯେହେତୁ, ମୁଁ କାହାରିକୁ ଏପରି କିଛି ବିଷୟ କରିବାକୁ କହିବି ନାହିଁ ଯାହା ମୁଁ ନିଜେ କରେ ନାହିଁ । ଏବଂ ଏହି ସପ୍ତାହଟି ମୋ ପାଇଁ ଏକ ସମ୍ପୂର୍ଣ୍ଣ କାଲବରୀ ହୋଇ ରହିଛି । ମୁଁ ଚେତାଶୁନ୍ୟ ହୋଇଯିବାର—ର ଏତେ ନିକଟବର୍ତ୍ତୀ ହୋଇଥିଲି, ଯେପରିକି ମୁଁ ଏହାକୁ ଉପସ୍ଥାପନ କରିବି, ଏପରିକି ମୁଁ ମୋର ନିଜ ଚେତନାରେ ନ ଥିଲି । ମାତ୍ର ମୁଁ ପ୍ରଭୁଙ୍କ ନିକଟରେ ପ୍ରତ୍ୟେକ ଇଚ୍ଛାକୁ, ଏବଂ ସମସ୍ତକିଛିକୁ ଯାହା ମୁଁ ଜାଣେ, ତାହା ସମ୍ପୂର୍ଣ୍ଣ ରୂପେ ସମର୍ପଣ କରିଅଛି ।

13 ଅନ୍ୟ ଏକ ରାତିରେ, ମଧ୍ୟରାତ୍ରିର ଟିକିଏ ପରେ, ପତ୍ନୀ ଏବଂ ମୁଁ, ବସି ରହିଥିଲୁ, ଓ ଆମର ସମ୍ମୁଖସ୍ଥ କୋଠରୀରେ...ସେହି ଛୋଟ ପାଦ ରଖିବା ଷ୍ଟୁଲ୍ ପାଖରେ, ପ୍ରଭୁଙ୍କ

ସହିତରେ ପ୍ରାର୍ଥନା ଏବଂ କଥାବାର୍ତ୍ତା କରୁଥିଲୁ, ଦୁଇଟି ଖୋଲା ବାଇବଲ ସହିତ, ଆମେ ନିଜକୁ ପରମେଶ୍ୱରଙ୍କ ନିକଟରେ ଏକ ସଂପୂର୍ଣ୍ଣ ସେବା ପାଇଁ, ନୂତନ ଭାବେ ଉତ୍ସର୍ଗୀକୃତ କରୁଥିଲୁ, ଯେ ଆମେ ଆମର ନିଜସ୍ୱ ଇଚ୍ଛାଗୁଡିକୁ, ଏବଂ ସବୁକିଛିକୁ, ଓ ପ୍ରତ୍ୟେକ ନକାରାତ୍ମକ ଚିନ୍ତାଧାରାକୁ ସମର୍ପଣ କରିବୁ, ଆଉ ପ୍ରଭୁ ଯୀଶୁଙ୍କର ସେବା କରିବୁ।

ଏବଂ ମୁଁ ବିଶ୍ୱାସ କରେ ଯେ ତାହା ଆପଣମାନଙ୍କର ମଧ୍ୟ, ମନୋଭାବ ଅଟେ, ଯେ ଆପଣ ସେହି ସମାନ କାର୍ଯ୍ୟ କରିଅଛନ୍ତି। ତାହାପରେ ଯେତେବେଳେ ଆମେମାନେ ଆଜି ରାତିରେ ଆସୁଅଛୁ, ଆମେମାନେ ଏପରି ଲୋକମାନଙ୍କ ଗହଣରେ ପବିତ୍ର ଭୂମିକୁ ଆସୁଅଛୁ, ଯେଉଁମାନେକି ପ୍ରାର୍ଥନା କରୁଅଛନ୍ତି, ଓ ଉପବାସ କରୁଅଛନ୍ତି, ଆଉ ପୁନଃପ୍ରସ୍ତୁତିକରଣ କରୁଅଛନ୍ତି, ଏବଂ ପରମେଶ୍ୱରଙ୍କଠାରୁ କିଛି ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଅଛନ୍ତି। ଏବଂ ମୁଁ ଜାଣେ ଯେ ଯିଏ କ୍ଷୁଧିତ ହୋଇ ଆସିବ ସେ କ୍ଷୁଧିତ ହୋଇ ଫେରିଯିବ ନାହିଁ, ମାତ୍ର ପରମେଶ୍ୱର ଜୀବନର ରୁଟିରେ ପରିପୋଷିତ କରିବେ।

14 ବର୍ତ୍ତମାନ, ଏହା ପୂର୍ବେକି ଆମେ ତାହାଙ୍କର ପବିତ୍ର ପୁସ୍ତକରୁ ପାଠ କରୁ, ଆସନ୍ତୁ ଆମେମାନେ ପ୍ରାର୍ଥନା ପାଇଁ କିଛି କ୍ଷଣ ମସ୍ତକଗୁଡିକୁ ନତ କରିବା।

15 ପ୍ରଭୁ, ଆଜି ରାତି ଏହି ସ୍ଥାନରେ ପ୍ରାର୍ଥନା ଅର୍ପଣ କରା ହୋଇସାରିଛି। ସେଠାରେ ରହିଅଛି...ସିୟୋନର ଗୀତଗୁଡ଼ିକ ତୁମର ସନ୍ତାନମାନେ ଗାଇଛନ୍ତି। ସେମାନଙ୍କର ହୃଦୟଗୁଡିକ ଉପରକୁ ଉନ୍ନୀତ ହୋଇଅଛି। ଏବଂ ଆମେ ଏଠାରେ ନିଜକୁ ସମର୍ପିତ କରିବା ପାଇଁ ଓ ଆମର ପ୍ରାଣର ଗଭୀରତାରୁ ତୁମକୁ ଉପାସନା କରିବା ପାଇଁ ଆସିଅଛୁ। ଏବଂ ହେ ପ୍ରଭୁ, ଆମେମାନେ ଏହାକୁ ତୁମର ସ୍ମରଣକୁ ଆଣୁଅଛୁ, ଯେ ତୁମେ ଯେତେବେଳେ ପର୍ବତ ଉପରେ ବସି ନିଜର ଶିଷ୍ୟମାନଙ୍କୁ ଶିକ୍ଷା ଦେଉଥିଲ ସେତେବେଳେ କହିଥିଲ, "ଯେଉଁମାନେ ଧାର୍ମିକତା ପାଇଁ କ୍ଷୁଧିତ ଓ ତୃଷିତ ଅଟନ୍ତି, ସେମାନେ ଧନ୍ୟ କାରଣ ସେମାନେ ପରିପୂର୍ଣ୍ଣ କରାଯିବେ।" ହେ ପ୍ରଭୁ, ତୁମେ ହିଁ ତାହା ପ୍ରତିଜ୍ଞା ଦେଇଥିଲ। ଆମେମାନେ ଆଜି ରାତି ଖୋଲା ହୃଦୟ ସହିତ ଆସୁଅଛୁ। ଆମେମାନେ କ୍ଷୁଧିତ ଓ ତୃଷିତ ହୋଇ, ଆସୁଅଛୁ, ଏବଂ ଆମେ ଜାଣୁ ଯେ ତୁମେ ତୁମର ପ୍ରତିଜ୍ଞାକୁ ରକ୍ଷା କରିବ।

16 ଯେତେବେଳେ ଆମେ ବାଇବଲର ଏହି ପବିତ୍ର ପୃଷ୍ଠାଗୁଡ଼ିକୁ ଖୋଲିବାକୁ ସାହସ କରୁଛୁ, ଯେପରିକି ଏଥିରୁ ବିଷୟବସ୍ତୁ ପାଠ କରିବୁ, ଏହା ହେଉ ଯେ ପବିତ୍ରଆତ୍ମା ଏହାକୁ ପ୍ରତ୍ୟେକ ହୃଦୟକୁ ନେଇଯାଆନ୍ତୁ। ଏବଂ ଏହା ହେଉ ଯେ ସେହି ବୀଜଟି ଗଭୀର, ସମୃଦ୍ଧ ବିଶ୍ୱାସରେ ପଡୁ ଯାହାକି ବାକ୍ୟ କରିଥିବା ପ୍ରତ୍ୟେକ ପ୍ରତିଜ୍ଞାକୁ ବାହାର କରି ଆଣିବ। ହେ ପ୍ରଭୁ, ଆମ କଥା ଶୁଣ, ଏବଂ ଆମକୁ ପରିଷ୍କାର କର, ଓ ଆମକୁ ପରୀକ୍ଷା କର। ଏବଂ ଯଦି ଆମଠାରେ କୌଣସି ଅଶୁଚି ବିଷୟ ଥାଏ, ହେ ପ୍ରଭୁ, କୌଣସି ଅସ୍ୱୀକୃତ ପାପ, ଏପରି କିଛି ଯାହାକି ଠିକ୍ ନୁହେଁ, ତାହାହେଲେ ଏହାକୁ ବର୍ତ୍ତମାନ ହିଁ ପ୍ରକାଶ କର, ପ୍ରଭୁ, ଆମେ ସିଧା ସଳଖ ଚାଲିକରି ଯିବୁ ଓ ତାହାକୁ କରିବୁ, କାରଣ ଆମେ ଅନୁଭବ କରୁଛୁ ଯେ ଆମେ ପ୍ରଭୁ ଯୀଶୁଙ୍କ

ଆଗମନର ଛାୟାରେ ବାସ କରୁଅଛୁ । ଏବଂ ହେ ପବିତ୍ର ପରମେଶ୍ୱର, ଆମେମାନେ ଆଜି ରାତି, ତୁମର—ତୁମର ନ୍ୟାୟର ଛାୟାରେ ଆସିଅଛୁ, ପୁଣି ଆମେ ଏକ ନୂତନ ଉତ୍ସର୍ଗୀକରଣ, ଓ ପବିତ୍ରୀକରଣ, ଆଉ ଆମ ଜୀବନରେ ପବିତ୍ରଆତ୍ମାର ପରିପୂର୍ଣ୍ଣତା ପାଇଁ ନିବେଦନ କରୁଅଛୁ ।

17 ଉଦ୍ଦୀପନାର ଅଗ୍ନିଗୁଡିକୁ ଧୀମେଇ ଯାଉଥିବାର ଦେଖି, ଆସନ୍ତୁ ବାକ୍ୟର କାଠ ପକାଇବା, ଯେପରିକି ଏହା ଏକ ନୂତନ ଅଗ୍ନି ପ୍ରଜ୍ୱଳିତ କରିପାରେ, ଯେ ଆମର ହୃଦଗୁଡିକୟ ଉତ୍ସାହରେ ପରିପୂର୍ଣ୍ଣ ହେବ । ହେ ପ୍ରଭୁ, ତୁମର ବହୁମୂଲ୍ୟ ବାକ୍ୟ ଏବଂ ତୁମର ରକ୍ତ, ଓ ତୁମର ଅନୁଗ୍ରହ, ଦ୍ୱାରା ଆମକୁ, ପବିତ୍ରୀକୃତ କର । ଏବଂ ସମସ୍ତ ଧନ୍ୟବାଦ ଓ ପ୍ରଶଂସା ତୁମର ହେବ । ଆମ ହୃଦୟରୁ ସମସ୍ତ ପକ୍ଷପାତକୁ କାଢି ନିଅ । ହେ ପ୍ରଭୁ, ଆମକୁ ପରିଷ୍କାର କର । ଆମକୁ ପବିତ୍ର ହୃଦୟମାନ, ଓ ଶୁଚି ହସ୍ତମାନ, ଏବଂ ପରିଷ୍କାର ମନଗୁଡିକ ଦିଅ, ଯେପରିକି ଆମେ ତୁମର ପବିତ୍ର ସ୍ଥାନକୁ ଆସିପାରୁ, ରାତି ପରେ ରାତି, ଆନନ୍ଦରେ ଏବଂ ତୁମର ଆତ୍ମାରେ ପରିପୂର୍ଣ୍ଣ ହୋଇପାରୁ । ଆମେ ଏହାକୁ ଯୀଶୁଙ୍କ ନାମରେ, ଏବଂ ତାହାଙ୍କ ପାଇଁ ମାଗୁଅଛୁ । ଆମେନ୍ ।

18 ମୁଁ ବର୍ତ୍ତମାନ ବାକ୍ୟ ଠିକ୍ ପାଠ କରିବାକୁ ଇଚ୍ଛା କରେ । ଏବଂ ଯେତେବେଳେ…ମୁଁ ଆପଣମାନଙ୍କୁ ଶାସ୍ତ୍ରାଂଶ ପାଇଁ, ନିଜର ବାଇବଲ, ନିଜର ପେନ୍ସିଲ, ନିଜର କାଗଜପତ୍ର ଆଣିବାକୁ କହୁଅଛି । ଯଦି ଆପଣ ସେପରି ଏତେ ଇଚ୍ଛା କରନ୍ତି, ଏହା ବହୁତ ଉତ୍ତମ ହେବ । ଏବଂ ବର୍ତ୍ତମାନ ଯେତେବେଳେ ଆପଣ ଆରମ୍ଭ କରିବା ପାଇଁ, ପ୍ରେରିତ କ୍ରିୟାର 7ମ ପର୍ବକୁ ଯାଉଛନ୍ତି; ସେହି ପ୍ରଶ୍ନର ଉତ୍ତର ଦେବାକୁ, କିମ୍ୱା ସେହି ପ୍ରଶ୍ନର ଉତ୍ତର ଦେବାକୁ ଆରମ୍ଭ କରିବା ପାଇଁ: *ପବିତ୍ରଆତ୍ମା କଅଣ ଅଟେ?*

19 ଏପରି କିଛି ନାହିଁ ଯାହାକି ଶୟତାନକୁ ପରାସ୍ତ କରିବ, ପୃଥିବୀରେ ଏପର୍ଯ୍ୟନ୍ତ ଏପରି କିଛି କୌଣସି ହେଲେ ବିଷୟ ନାହିଁ ପରମେଶ୍ୱରଙ୍କ ବାକ୍ୟ ପରି, ଯାହାକି ଶୟତାନକୁ କେବେ ପରାସ୍ତ କରିବ । ଯୀଶୁ ଏହାକୁ ତାହାଙ୍କର ମହାନ ଯୁଦ୍ଧରେ ବ୍ୟବହାର କରିଥିଲେ; ସେ କହିଥିଲେ, "ଏହା ଲେଖା ଅଛି…"

20 ଏବଂ ଆଜି ସକାଳେ, ଯେତେବେଳେ ମୁଁ ଶୁଣୁଥିଲି, କିଛି ଦିନ ପୂର୍ବରୁ, ଏକ ପ୍ରସାରଣକୁ ଯାହାକି ଏହା କହିବାକୁ ଚାହୁଁଥିଲା ଯେ ସୃଷ୍ଟିଟି କେବଳ କିଛି ପାଉଁଶର ଏକତ୍ର ଉଡିବାରୁ ଆସିଥିଲା, ଏବଂ କିଛି ଫସଫେଟ୍, ଓ ପୃଥିବୀର କିଛି ରାସାୟନିକ ପଦାର୍ଥମାନ, ଆଉ ଉଷ୍ମ ସୂର୍ଯ୍ୟକିରଣ ଜୀବନର ଜୀବାଣୁକୁ ସୃଷ୍ଟି କରି ଜୀବନକୁ ନେଇ ଆସିଥିଲା । କେତେ ହାସ୍ୟାସ୍ପଦ! ଯେତେବେଳେକି, ସୂର୍ଯ୍ୟକିରଣ ଜୀବନର ଯେକୌଣସି ଜୀବାଣୁକୁ ମାରି ପକାଇବ । ଗୋଟିଏ ଜୀବାଣୁକୁ ପଦାରେ ସୂର୍ଯ୍ୟକିରଣରେ ରଖନ୍ତୁ, ଏହା ତୁରନ୍ତ ଏହାକୁ ମାରିଦେବ । ଏବଂ ସେହିପରି କୌଣସି ବିଷୟ ହିଁ ନାହିଁ; ମାତ୍ର ଶୟତାନ ମୋତେ ମୁଷ୍ଟୀ ମାରିବାକୁ ଚେଷ୍ଟା କରୁଥିଲା । ଏବଂ ଆଜି ସକାଳେ ମୁଁ ମୋର ଛୋଟ ରିବିକାକୁ ସ୍କୁଲକୁ ନେଇଯିବା ପରେ, ଓ

ଫେରିବା ବାଟରେ, ମୁଁ ପୁନର୍ବାର ରେଡିଓ ଚାଲୁ କରିବାକୁ ଆରମ୍ଭ କଲି; ଏବଂ ମୁଁ ଭାବିଲି ଯେ ମୁଁ ପୁନର୍ବାର ସେହି ବିଷୟ ଭିତରକୁ ପଶି ଯିବି, ତେଣୁ ମୁଁ ଏହାକୁ ବନ୍ଦ କରିଦେଲି ।

ଏବଂ ମୁଁ ରାସ୍ତାରେ ଉପରକୁ ଯାଉଥିବାବେଳେ, ଶୟତାନ ମୋତେ କହିଲା, ସେ କହିଲା, "କଅଣ ତୁମେ ଜାଣିଛ କି ଏହି ବ୍ୟକ୍ତି ଯାହାକୁ ତୁମେମାନେ ଯୀଶୁ ବୋଲି ଡାକ, ସେ ନିଜର ଏକ ଦିନରେ କେବଳ ଜଣେ ବ୍ୟକ୍ତି ପରି ହିଁ ଥିଲେ, ଯେପରିକି ବିଲି ଗ୍ରାହାମ୍ କିମ୍ବା ଓରାଲ୍ ରୋବର୍ଟସ୍ ଅଟନ୍ତି? ସେ ତ କେବଳ ଜଣେ ବ୍ୟକ୍ତି ମାତ୍ର ହିଁ ଥିଲେ ଯାହାର ଆଖପାଖରେ ସେମାନେ ଲୋକମାନଙ୍କୁ ଏକାଠି କରିବାକୁ ଆରମ୍ଭ କରିଥିଲେ ଓ ସେ ଜଣେ ମହାନ ବ୍ୟକ୍ତି ବୋଲି କୁହାଇଥିଲେ, ଏବଂ କିଛି ସମୟ ପରେ ସେ ଆହୁରି ବଡ଼ ହୋଇଗଲେ, ଆଉ ତାହାପରେ ସେ ସେମାନଙ୍କ ପାଇଁ ଏକ—ଏକ ଈଶ୍ୱର ହୋଇଗଲେ । ଏବଂ ବର୍ତ୍ତମାନ ତାହାଙ୍କର ମୃତ୍ୟୁ ପରେ, ଏହା ସମଗ୍ର ବିଶ୍ୱରେ ବ୍ୟାପ୍ତ ହୋଇଯାଇଛି, ଆଉ ତାହା ହିଁ ସବୁକିଛି ଅଟେ ।"

21 ମୁଁ ଭାବିଲି, "ତୁମେ କେଡ଼େ ଏକ ମିଥ୍ୟାବାଦୀ ଅଟ!" ଏବଂ ତାହାପରେ ମୁଁ ଯେତେବେଳେ ଗ୍ରାହାମ୍ ଷ୍ଟ୍ରିଟ୍ ଅତିକ୍ରମ କରୁଥିଲି ମୁଁ ବୁଲି ପଡିଲି । ମୁଁ କହିଲି, "ଶୟତାନ, ତୁ ଯିଏକି ମୋର ବିବେକ ସହିତ କଥାବାର୍ତ୍ତା ହେଉଛୁ, ମୁଁ ତୋତେ କିଛି କଥା ପଚାରିବାକୁ ଚାହେଁ: ଏବ୍ରୀ ଭବିଷ୍ୟଦ୍‌ବକ୍ତାମାନେ ଯାହା ବିଷୟରେ ଆସିବେ ବୋଲି କହିଥିଲେ ତାହା କିଏ ଥିଲେ? ଅଭିଷିକ୍ତ ମଶୀହ କିଏ ଥିଲେ? ସେହି ବ୍ୟକ୍ତିମାନଙ୍କ ଉପରେ କଅଣ ଥିଲା ଯିଏକି ତାହାଙ୍କୁ ତାହାଙ୍କର ଏଠାରେ ଆସିବାର ହଜାରେ ବର୍ଷ ପୂର୍ବରୁ, ଆଗରୁ ପୂର୍ବ ଦର୍ଶନରେ ଦେଖିଥିଲେ ଏବଂ ତାହାଙ୍କ ଜୀବନ ବିଷୟରେ କହିଥିଲେ? ସେ କିଏ ଥିଲେ ଯିଏକି ଏହାକୁ ଠିକ୍ ଅକ୍ଷର ଅକ୍ଷରରେ ଭବିଷ୍ୟଦ୍‌ବାଣୀ କରିଥିଲେ? ଏବଂ ଯେତେବେଳେ ସେ ଆସିଲେ, ସେମାନେ କହିଥିଲେ, 'ସେ ଅଧର୍ମୀମାନଙ୍କ ସହିତ ଗଣନା କରାଗଲେ,' ଏବଂ ସେ ଥିଲେ । 'ସେ ଆମମାନଙ୍କର ଅପରାଧ ସକାଶୁ ଘାତ ହୋଇଥିଲେ, ' ଏବଂ ସେ ଥିଲେ । 'ସେ ଧନୀମାନଙ୍କ ସହିତ ତାହାଙ୍କର କବର ପ୍ରାପ୍ତ ହେଲେ, ମାତ୍ର ସେ ତୃତୀୟ ଦିନ, ପୁନରୁତ୍‌ଥିତ ହେଲେ,' ଏବଂ ସେ ତାହା କଲେ । ଏବଂ ତାହାପରେ ସେ ପବିତ୍ରଆତ୍ମାର ପ୍ରତିଜ୍ଞା କରିଥିଲେ, ଏବଂ ମୁଁ ତାହା ପାଇଅଛି । ତେଣୁ ତୁ ମଧ୍ୟ ଏଥିରୁ ଦୂରେଇ ପଳାଇ ଯାଇପାରୁ, କାରଣ ଏହା ବାକ୍ୟରେ ଲେଖା ହୋଇଛି, ଏବଂ ପ୍ରତ୍ୟେକ ବାକ୍ୟ ସତ୍ୟ ଅଟେ ।" ତାହାପରେ ସେ ଚାଲିଗଲା । ତାକୁ କେବଳ ବାକ୍ୟ ଦିଅନ୍ତୁ, ତାହା କାମ କରେ । ସେ ସେହି ବାକ୍ୟକୁ ସହ୍ୟ କରିପାରେ ନାହିଁ, କାରଣ ଏହା ଅନୁପ୍ରାଣିତ ଅଟେ ।

ଆସନ୍ତୁ ଆଜି ରାତିରେ ପ୍ରେରିତ କ୍ରିୟା ପୁସ୍ତକର 7ମ ପର୍ବରେ ପାଠ କରିବାକୁ ଆରମ୍ଭ କରିବା ।

*ସେଥିରେ ମହାଯାଜକ ପଚ୍ଛାରିଲେ, ଏହିସମସ୍ତ କଥା କି ସତ୍ୟ?*

*ସେ କହିଲେ, ହେ ପୁରୁଷ, ଓ ଭ୍ରାତୃଗଣ, ଏବଂ ପିତୃଗଣ, ଶ୍ରବଣ କରନ୍ତୁ; ଆମ୍ଭମାନଙ୍କର ପିତା ଅବ୍ରହାମ ହାରଣରେ ବାସ କରିବା ପୂର୍ବେ, ଯେତେବେଳେ*

*ସେ ମେସପତାମିଆରେ ଥିଲେ, ସେତେବେଳେ ଗୌରବନମୟ ପରମେଶ୍ୱର ତାଙ୍କୁ ଦର୍ଶନ ଦେଇ କହିଲେ,*

*ତୁମ୍ଭେ ସ୍ୱଦେଶରୁ, ଓ ଆପଣା ଆତ୍ମିୟମାନଙ୍କ ମଧ୍ୟରୁ ବାହାରି ଆସ, ପୁଣି ଆମ୍ଭେ ତୁମ୍ଭକୁ ଯେଉଁ ଦେଶ ଦେଖାଇବା, ସେହି ଦେଶକୁ ଯାଅ ।*

*ସେଥିରେ କଲ୍‌ଦୀୟମାନଙ୍କ ଦେଶରୁ ବାହାରି, ସେ ହାରଣରେ ବାସ କଲେ: ପୁଣି, ତାଙ୍କ ପିତାଙ୍କ ମୃତ୍ୟୁ ଉତ୍ତାରେ, ସେଠାରୁ ଆପଣମାନେ ଏବେ ଯେଉଁ ଦେଶରେ ବାସ କରୁଅଛନ୍ତି, ଏହି ଦେଶକୁ ପରମେଶ୍ୱର ତାଙ୍କୁ ଘେନିଆସିଲେ ।*

*ଆଉ ସେ ତାଙ୍କୁ ସେଥିରେ କୌଣସି ଅଧିକାର ଦେଲେ ନାହିଁ, ନା, ଏକ ପାଦ ପରିମିତ ଭୂମି ହିଁ ଦେଲେ ନାହିଁ: ପୁଣି ସେତେବେଳେ ତାଙ୍କର ସନ୍ତାନ ନ ଥିଲେ ସୁଦ୍ଧା, ସେ ତାଙ୍କୁ ଓ ତାଙ୍କ ଭବିଷ୍ୟତ ବଂଶଧରକୁ, ତାହା ଅଧିକାର କରିବା ନିମନ୍ତେ ଦେବେ ବୋଲି ପ୍ରତିଜ୍ଞା କଲେ ।*

*…ପରମେଶ୍ୱର ଏହିପରି କହିଲେ, ତାଙ୍କ ବଂଶ ବିଦେଶରେ ପ୍ରବାସ କରିବେ; ଏବଂ ସେସ୍ଥାନର ଲୋକେ ସେମାନଙ୍କୁ ଚାରିଶ ବର୍ଷ ପର୍ଯ୍ୟନ୍ତ ଦାସତ୍ୱରେ ରଖି, ସେମାନଙ୍କ ପ୍ରତି ଦୋରାତ୍ମ୍ୟ କରିବେ ।*

*ପୁଣି ପରମେଶ୍ୱର କହିଲେ, ସେମାନେ ଯେଉଁ ଜାତିର ଦାସ ହେବେ, ଆମ୍ଭେ ତାର ବିଚାର କରିବା: ତତ୍ପରେ ସେମାନେ ବାହାରିଆସି, ଏହିସ୍ଥାନରେ ଆମ୍ଭର ଉପାସନା କରିବେ ।*

*ଆଉ ସେ ତାଙ୍କୁ ସୁନ୍ନତବିଧି ପ୍ରଦାନ କଲେ: ପୁଣି ତଦନୁସାରେ ଅବ୍ରହାମ ଯିସ୍‌ହାକଙ୍କୁ ଜନ୍ମ ଦେଇ, ଅଷ୍ଟମ ଦିନରେ ସୁନ୍ନତ କଲେ; ଯିସ୍‌ହାକ ଯାକୁବଙ୍କୁ ଜନ୍ମ ଦେଇ; ପୁଣି ଯାକୁବ ଦ୍ୱାଦଶ ପିତୃକୁଳପତିଙ୍କୁ ଜନ୍ମ ଦେଇ ସେପରି କଲେ ।*

22 ଏହି ସ୍ଥାନ ଉପରେ, ଆମେ ସେହି ବିଷୟ ନିକଟକୁ ଯିବାକୁ ଇଚ୍ଛା କରୁ, ଯାହା ମୁଁ ଭାବୁଛି ଯେ ଆଜିର ଉଲ୍ଲେଖନୀୟ ବିଷୟ ଅଟେ, ସେହି ବିଷୟରେ… *ପବିତ୍ରଆତ୍ମା କଅଣ ଅଟେ?* ଏହା କଅଣ ଅଟେ? ଏବଂ, ବର୍ତ୍ତମାନ, ମୁଁ ଏହି ବିଷୟକୁ ଏହିପରି ଧାଡିରେ ନେବାର କାରଣ ହେଲା ଯେ, ଆପଣ ଆସି ସେପର୍ଯ୍ୟନ୍ତ ପବିତ୍ରଆତ୍ମାଙ୍କୁ ଗ୍ରହଣ କରିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ଆପଣ ଏହା ଜାଣନ୍ତି ନାହିଁ ଯେ ତାହା କଅଣ ଅଟେ । ଏବଂ ଯଦି ଆପଣ ଏହା ଜାଣନ୍ତି ଯେ ତାହା କଅଣ ଅଟେ, ତଥାପି ଆପଣ ଏହାକୁ ସେପର୍ଯ୍ୟନ୍ତ ଗ୍ରହଣ କରିପାରିବେ ନାହିଁ, ଯେପର୍ଯ୍ୟନ୍ତକି ଆପଣ ଏହା ବିଶ୍ୱାସ କରିବେ ନାହିଁ ଯେ ଏହା ଆପଣଙ୍କୁ ଦିଆଯାଇଅଛି, ଏବଂ ଏହା ଆପଣଙ୍କ ପାଇଁ ଅଟେ । ଏବଂ, ତାହାପରେ, ଆପଣ ଜାଣିପାରିବେ ନାହିଁ ଯେ ଆପଣ ଏହା ପାଇଛନ୍ତି, କି ନାହିଁ, ଯେପର୍ଯ୍ୟନ୍ତକି ଆପଣ ଏହା ଜାଣନ୍ତି ନାହିଁ ଯେ ଏହା କେଉଁ ପରିଣାମଗୁଡିକୁ ନେଇ ଆସିଥାଏ । ତେଣୁ ଯଦି ଆପଣ ଏହା ଜାଣିଛନ୍ତି ଯେ ତାହା କଅଣ ଅଟେ, ଏବଂ ଏହା କାହା ପ୍ରତି ଅଟେ, ଆଉ ଯେତେବେଳେ ଏହା ଆସେ ତାହା କଅଣ କାର୍ଯ୍ୟ ସାଧନ କରେ, ତେବେ ଆପଣ

ଜାଣିଯିବେ ଯେ ଆପଣ ସେତେବେଳେ କଅଣ ପାଇଅଛନ୍ତି ଯେତେବେଳେ ଆପଣ ଏହାକୁ ପାଇଯାଆନ୍ତି । ବୁଝିଲେ? ତାହା କେବଳ ଏହାକୁ ସମାଧାନ କରିଦେବ ।

23 ଠିକ୍ ଯେପରିକି ମୁଁ ଆଜି ଆମ ଭାଇ ଜେଫ୍ରିଜଙ୍କ ସହ କଥାବାର୍ତ୍ତା କରୁଥିଲି, ଏବଂ ସେ କହିଲେ, "ମୁଁ ଆଜି ରାତିରେ ସଭାରେ ରହିବାକୁ ଚାହେଁ, କିନ୍ତୁ ମୁଁ ଆସନ୍ତାକାଲି ରାତିରେ ସେଠାରେ ରହିବି ।" ସେ ଜାଣି ନ ଥିଲେ ଯେ ସଭାଟି ଚାଲିଥିଲା, କାରଣ ଆମେ ଏହାକୁ ଘୋଷଣା କରି ନ ଥିଲୁ; ଠିକ୍ ଏଠାରେ । କେତେକ...ଭାଇ ଲିଓ ଏବଂ ସେମାନେ ଆମର କିଛି ସହର ବାହାରୁ ବନ୍ଧୁମାନଙ୍କୁ ଲେଖି ସେମାନଙ୍କୁ ଜଣାଇଥିଲେ । ତେବେ, କାରଣ ଆମ ପାଖରେ ସ୍ଥାନ ନ ଥିଲା ।

24 ତେବେ ମୁଁ କହିଲି, "ଭାଇ ଜେଫ୍ରିଜ୍, ଯଦି ଆପଣ ମୋତେ ଆପଣଙ୍କର ତେଲ କୂଅ ମଧ୍ୟରୁ ଗୋଟିଏକୁ ଆରମ୍ଭ କରିବା ପାଇଁ ପଠାଇବେ, ଏବଂ ମୁଁ ତାହା ବିଷୟରେ କିଛି ହେଲେ ଜାଣେ ନାହିଁ, ହୋଇପାରେ ମୁଁ ଏହାକୁ ବିସ୍ଫୋଟରେ ଉଡ଼ାଇ ଦେବି । ମୁଁ ବୋଧହୁଏ ଭୁଲ ଚାବି ଲଗାଇପାରେ କିମ୍ୱା ଭୁଲ ମୋଟର ଆରମ୍ଭ କରିପାରେ । ତେବେ ମୋତେ ତାହା କରିବା ପୂର୍ବରୁ ଏହାକୁ କିପରି କରିବାକୁ ହୁଏ ତାହା ଜାଣିବାକୁ ପଡିବ ।"

ଏବଂ ପବିତ୍ରଆତ୍ମା ଗ୍ରହଣ କରିବା ସହିତ ଠିକ୍ ସେହି ପ୍ରକାର ହିଁ ଅଟେ । ଆପଣଙ୍କୁ ଏହା ଜାଣିବାକୁ ପଡ଼ିବ ଯେ ଆପଣ କଅଣ ପାଇଁ ଆସୁଛନ୍ତି, ଏବଂ ଏହାକୁ କିପରି ଗ୍ରହଣ କରିବାକୁ ଅଛି, ଓ ଏହା କଅଣ ଅଟେ ।

ତେବେ, ପ୍ରଥମ ସ୍ଥାନରେ, ପବିତ୍ରଆତ୍ମା ପ୍ରତିଜ୍ଞା କରାଯାଇଛନ୍ତି ।

25 ଆମେ ଦଶ ସପ୍ତାହ ନେଇପାରିବା ଏବଂ କେବେବି ପାଇପାରିବା ନାହିଁ...ଏହି ବିଷୟ ଯେ ପବିତ୍ରଆତ୍ମା କଅଣ ଅଟେ, ତାର କେବଳ ଶେଷ ଅଗକୁ ହିଁ ଛୁଇଁ ଚାଲି ଯାଇପାରିବା । ମାତ୍ର, ପ୍ରଥମ କଥା, ମୁଁ ଏହାକୁ ଏହିପରି ଭାବରେ ନେବାକୁ ଚାହେଁ ଯେ ମୁଁ ଯେପରି ପ୍ରତ୍ୟେକ ରାତିରେ ଏକ ରୂପରେଖା ଦିଏ, ତାହାପରେ ପରବର୍ତ୍ତୀ ରାତିରେ ଦେଖେ ଯଦି ସେଠାରେ କିଛି ପ୍ରଶ୍ନ ଥାଏ ।

26 ଏଠାରେ କେତେଜଣ ଅଛନ୍ତି ଯେଉଁମାନେକି ପବିତ୍ରଆତ୍ମା ଗ୍ରହଣ କରି ନାହାଁନ୍ତି, ପବିତ୍ରଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହୋଇନାହାଁନ୍ତି? ନିଜର ହାତ ଉଠାନ୍ତୁ, ଆପଣ ଜାଣିଛନ୍ତି ଯେ ଆପଣ ତାହା ପାଇ ନାହାଁନ୍ତି । ହାତଗୁଡିକୁ କେବଳ ଦେଖନ୍ତୁ ।

ତେବେ ମୁଁ ଏହା ଉପରେ, ପବିତ୍ରଆତ୍ମା ଏକ ଚିହ୍ନ ହୋଇଥିବା ଉପରେ କହିବାକୁ ଚାହେଁ, କାରଣ ଏହା ଏକ ଚିହ୍ନ ଅଟେ । ଆମେ ଏହା ଅନୁଭବ କରୁ ଯେ—ଯେ ସମସ୍ତ ପ୍ରତିଜ୍ଞା ଆମକୁ ପ୍ରଦାନ କରାଯାଇଛି...ଅବ୍ରହାମ ସେହି ପ୍ରତିଜ୍ଞାର ପିତା ଥିଲେ, କାରଣ ପରମେଶ୍ୱର ଅବ୍ରହାମଙ୍କୁ ଏବଂ ତାଙ୍କ ପରେ ତାଙ୍କ ବଂଶକୁ ପ୍ରତିଜ୍ଞା ଦେଇଥିଲେ । ପ୍ରତିଜ୍ଞାଟି "ଅବ୍ରହାମ ଏବଂ ତାଙ୍କର ବଂଶକୁ" କରାଯାଇଥିଲା । ଏବଂ ଏହି ଚିହ୍ନଟି ଏକ ନିୟମବଦ୍ଧ ଲୋକମାନଙ୍କ ପାଇଁ ଅଟେ ।

27 ତେବେ, କେବଳ ଜଣେ ଖ୍ରୀଷ୍ଟିଆନ ଏବଂ ଏକ ପବିତ୍ର-ଆତ୍ମା-ପରିପୂର୍ଣ୍ଣ ଖ୍ରୀଷ୍ଟିଆନ ମଧ୍ୟରେ ଏକ ବହୁତ ବଡ଼ ପାର୍ଥକ୍ୟ ଅଛି । ଆଉ ବର୍ତ୍ତମାନ ଆମେ ଏହାକୁ ଶାସ୍ତ୍ରରୁ ଦେଖିବାକୁ ଯାଉଅଛୁ, ଏବଂ ଏହାକୁ ଠିକ୍ ଶାସ୍ତ୍ରରେ ଉପସ୍ଥାପିତ କରିବାକୁ ଯାଉଅଛୁ । ପ୍ରଥମ ସ୍ଥାନ, ସେଠାରେ ଜଣେ ଖ୍ରୀଷ୍ଟିଆନ ଅଛି ଯିଏକି ନିଜକୁ ଖ୍ରୀଷ୍ଟିଆନ ବୋଲି କୁହାଉଅଛି । ମାତ୍ର ଯଦି ଏହି ଖ୍ରୀଷ୍ଟିଆନ ଏପର୍ଯ୍ୟନ୍ତ ପବିତ୍ରଆତ୍ମା ଦ୍ୱାରା ପରିପୂର୍ଣ୍ଣ ହୋଇ ନାହାଁନ୍ତି, ତେବେ ସେ କେବଳ ଏକ ଖ୍ରୀଷ୍ଟିଆନ ହେବା ପ୍ରକ୍ରିୟାରେ ଅଛନ୍ତି । ବୁଝିଲେ? ସେ ଏହାକୁ ବିଶ୍ୱାସ କରନ୍ତି ବୋଲି ଅଙ୍ଗୀକାର କରନ୍ତି; ସେ ଏହା ପାଇଁ କାର୍ଯ୍ୟ କରୁଅଛନ୍ତି, ମାତ୍ର ପରମେଶ୍ୱର ତାଙ୍କୁ ଏଯାଏଁ ପବିତ୍ରଆତ୍ମାଙ୍କର, ଏହି ଆତ୍ମା ଦେଇ ନାହାଁନ୍ତି । ସେ ଏପର୍ଯ୍ୟନ୍ତ ପରମେଶ୍ୱରଙ୍କ ସହିତ ସେହି ଲକ୍ଷ୍ୟରେ ପହଞ୍ଚି ନାହାଁନ୍ତି, ଯେ ପରମେଶ୍ୱର ତାହାକୁ ଚିହ୍ନଟ କରିଅଛନ୍ତି ।

28 କାରଣ, ତାହା, ପରମେଶ୍ୱର ଅବ୍ରହାମଙ୍କ ସହିତ ଏକ ନିୟମ କଲେ, ସେ ଅବ୍ରହାମଙ୍କୁ ଆହ୍ୱାନ କରିବା ପରେ, ଯାହାକି ଆଜି ବିଶ୍ୱାସୀଙ୍କୁ ଆହ୍ୱାନ କରିବାର ଏକ ପ୍ରତିରୂପ ଅଟେ ।

ସେ ଅବ୍ରହାମଙ୍କୁ ଡାକିଲେ, ଏବଂ ଅବ୍ରହାମ ନିଜ ଦେଶ ଛାଡି ଏକ ବିଦେଶୀ ଦେଶକୁ ଗଲେ, ବିଦେଶୀ ଲୋକମାନଙ୍କ ମଧ୍ୟରେ ରହିବା ପାଇଁ, ଏବଂ ତାହା ସେହି ବିଷୟର ଏକ ପ୍ରତିରୂପ ଥିଲା ଯେତେବେଳେ ପରମେଶ୍ୱର ଜଣେ ମନୁଷ୍ୟକୁ ଆହ୍ୱାନ କରନ୍ତି ଯେ ସେ ନିଜର ସ୍ୱାର୍ଥପରତା ବନ୍ଦ କରିଦେଉ, ନିଜ ପାପରୁ ଅନୁତାପ କରୁ । ସେ ତାହାପରେ ରହିଥିବା ସେହି ଭିଡ଼ରୁ ବାହାରି ଯାଇ, ଏକ ନୂତନ ପ୍ରକାରର ଲୋକମାନଙ୍କ ସହିତରେ, ଏକ ନୂତନ ଭିଡ଼ ମଧ୍ୟରେ ରହିବାକୁ ଯାଏ ।

ଏବଂ ତାହାପରେ ପରମେଶ୍ୱର ଅବ୍ରହାମଙ୍କୁ ସେହି ପ୍ରତିଜ୍ଞା ପ୍ରତି ବିଶ୍ୱସ୍ତ ଥିବାର ଜାଣିବା ପରେ ଯାହାକି ପରମେଶ୍ୱର ତାଙ୍କୁ ଦେଇଥିଲେ, ଯେ ସେ ସନ୍ତାନ ପ୍ରାପ୍ତ ହେବେ, ଏବଂ ଏହି ଶିଶୁ ମାଧ୍ୟମରେ ସମଗ୍ର ପୃଥିବୀଟି ଆଶୀର୍ବାଦ ପ୍ରାପ୍ତ ହେବ, ତାହାପରେ ପରମେଶ୍ୱର ତାଙ୍କୁ ଏକ ଚିହ୍ନ ଦେଇ ତାଙ୍କର ବିଶ୍ୱାସକୁ ଦୃଢୀକୃତ କଲେ, ଆଉ ସେହି ଚିହ୍ନଟି ଥିଲା ସୁନ୍ନତବିଧି । ଆଉ ସୁନ୍ନତବିଧି ହେଉଛି ପବିତ୍ରଆତ୍ମାଙ୍କର ଏକ ପ୍ରତିରୂପ ।

29 ଆମେ ପାଠ କରିଥିବା ଏହି ପର୍ବର ଠିକ୍ ପରବର୍ତ୍ତୀ ପଦଗୁଡ଼ିକ, ଯଦି ଆପଣ ଏହାକୁ ଲେଖିବାକୁ ଚାହାଁନ୍ତି । ଏବଂ ସେହି...ସ୍ତିଫାନ୍ କହିଲେ, 51ତମ ପଦରେ:

> *ହେ ଶକ୍ତଗ୍ରୀବ...ଅସୁନ୍ନତୀ ହୃଦୟ ଓ କର୍ଣ୍ଣବିଶିଷ୍ଟ ଲୋକେ, ଆପଣମାନେ ସର୍ବଦା ପବିତ୍ରଆତ୍ମାଙ୍କର ପ୍ରତିରୋଧ କରୁଅଛନ୍ତି: ଆପଣମାନଙ୍କର ପିତୃପୁରୁଷମାନେ ଯେପରି, ଆପଣମାନେ ମଧ୍ୟ ସେହିପରି ।*

30 ସୁନ୍ନତବିଧି ହେଉଛି ପବିତ୍ରଆତ୍ମାଙ୍କର ଏକ ପ୍ରତିରୂପ । ଏବଂ ଅବ୍ରହାମ ପରମେଶ୍ୱରଙ୍କୁ ତାହାଙ୍କର ପ୍ରତିଜ୍ଞାରେ ଗ୍ରହଣ କରିବା ପରେ ସେ ଅବ୍ରହାମଙ୍କୁ ସେହି—ସେହି ସୁନ୍ନତର ଚିହ୍ନ ପ୍ରଦାନ କରିଥିଲେ ଏବଂ ଏକ ବିଦେଶୀ ଦେଶକୁ ଚାଲିଗଲେ । ବୁଝିଲେ? ଏହା ଏକ ଚିହ୍ନ ଥିଲା ।

ଏବଂ ତାଙ୍କର ସମସ୍ତ ସନ୍ତାନଗଣ, ଏବଂ ତାଙ୍କ ପରେ ତାଙ୍କର ବଂଶ, ସେମାନଙ୍କ ଶରୀରରେ ଏହି ଚିହ୍ନ ଧାରଣ କରିବା ଉଚିତ୍, କାରଣ ଏହା ଏକ ଭିନ୍ନତା ଥିଲା। ଏହି ସୁନ୍ନତର ଚିହ୍ନ, ଏହା ସେମାନଙ୍କୁ ଅନ୍ୟ ସମସ୍ତ ଲୋକମାନଙ୍କଠାରୁ ପୃଥକ୍ କରିବା ପାଇଁ ଥିଲା।

31 ଏବଂ ତାହାହିଁ ଅଟେ ଯାହାକି ପରମେଶ୍ୱର ଆଜି ବ୍ୟବହାର କରନ୍ତି। ଏହା ତ ସେହି ହୃଦୟର ସୁନ୍ନତର ଚିହ୍ନ, ସେହି ପବିତ୍ରଆତ୍ମା ଅଟେ, ଯାହାକି ପରମେଶ୍ୱରଙ୍କ ମଣ୍ଡଳୀକୁ ଅନ୍ୟ ସମସ୍ତ ଧର୍ମମତ, ବିଶ୍ୱାସ ଏବଂ ନାମଧାରୀ ସଂସ୍ଥାଠାରୁ ପୃଥକ ମଣ୍ଡଳୀରେ ପରିଣତ କରେ। ସେମାନେ ସମସ୍ତ ପ୍ରକାରର ନାମଧାରୀ ସଂସ୍ଥାରେ ଅଛନ୍ତି, ତଥାପି ସେମାନେ ଏକ ପୃଥକ ଲୋକ ଅଟନ୍ତି। ଆପଣ ମୋତେ ଜଣେ ବ୍ୟକ୍ତିଙ୍କ ସହିତ ଦୁଇ ମିନିଟ୍ କଥା ହେବାକୁ ଦିଅନ୍ତୁ, ମୁଁ ଆପଣଙ୍କୁ କହି ଦେଇପାରେ ଯେ ସେ ପବିତ୍ରଆତ୍ମା ପାଇଛନ୍ତି କି ନାହିଁ; ଆପଣ ମଧ୍ୟ କହିପାରିବେ। ଏହା ସେମାନଙ୍କୁ ପୃଥକ କରେ। ଏହା ଏକ ସଂକେତ ଅଟେ। ଏହା ଏକ ଚିହ୍ନ ଅଟେ। ଏବଂ ପବିତ୍ରଆତ୍ମା ଏକ ଚିହ୍ନ ଅଟନ୍ତି। ଏବଂ ଏହା ଅଟେ…

ପୁରାତନ ନିୟମରେ କୌଣସି ଶିଶୁ ଯିଏକି ସୁନ୍ନତବିଧିକୁ ମନା କରୁଥିଲା, ଯାହାକି ପବିତ୍ରଆତ୍ମାଙ୍କର ଏକ ପ୍ରତିଛାୟା ଥିଲା, ଲୋକମାନଙ୍କ ମଧ୍ୟରୁ ବିଚ୍ଛିନ୍ନ କରା ହେଉଥିଲା। ଯଦି ସେ ସୁନ୍ନତ ହେବାକୁ ମନା କରୁଥିଲା, ତେବେ ସେ ମଣ୍ଡଳୀର ଅବଶିଷ୍ଟ ଲୋକମାନଙ୍କ ସହିତ ସହଭାଗୀତା କରିପାରୁ ନ ଥିଲା।

ତେବେ ତାକୁ ଆଜି ସହିତ ମିଶାନ୍ତୁ। ଜଣେ ବ୍ୟକ୍ତି ଯିଏକି ପବିତ୍ରଆତ୍ମାଙ୍କର ବାପ୍ତିସ୍ମକୁ ଗ୍ରହଣ କରିବାକୁ ମନା କରିବେ, ସେ ସେମାନଙ୍କର ସହିତରେ ଯେଉଁମାନଙ୍କ ପାଖରେକି ପବିତ୍ରଆତ୍ମା ଅଛି କୌଣସି ସହଭାଗିତା ରଖିପାରିବେ ନାହିଁ। ଆପଣ ତାହା କରି ହିଁ ପାରନ୍ତି ନାହିଁ। ଆପଣଙ୍କୁ ତ ଏକ ପ୍ରକୃତି ହେବା ଆବଶ୍ୟକ। ଯେପରିକି, ଏହା…

32 ମୋର ମାଆ ସେଠାରେ କହୁଥିଲେ, "ଗୋଟିଏ ପ୍ରକାରର ଡେଣା ଥିବା ପକ୍ଷୀମାନେ ଏକାଠି ଏକତ୍ର ହୁଅନ୍ତି।" ତେବେ, ଏହା ଏକ ପୁରାତନ ପ୍ରବାଦ ଅଟେ, କିନ୍ତୁ ଏହା ଏକ ସତ୍ୟ ଅଟେ। ଆପଣ କପୋତ ଏବଂ କାଉଗୁଡିକୁ ସହଭାଗୀତା କରୁଥିବା ଦେଖନ୍ତି ନାହିଁ। ସେମାନଙ୍କର ଖାଦ୍ୟ ଭିନ୍ନ ଅଟେ। ସେମାନଙ୍କର ଅଭ୍ୟାସଗୁଡିକ ଅଲଗା ଅଟେ। ସେମାନଙ୍କର ଇଚ୍ଛାଗୁଡିକ ଅଲଗା ଅଟେ।

ଏବଂ ଠିକ୍ ସେହି ପ୍ରକାରେ ହିଁ ତାହା ଜଗତ ଓ ଜଣେ ଖ୍ରୀଷ୍ଟିଆନ ସହିତରେ ଅଟେ ଯେତେବେଳେ ଆପଣ ପବିତ୍ରଆତ୍ମାଙ୍କ ଦ୍ୱାରା *ସୁନ୍ନତ* ହୋଇଥାନ୍ତି, ଯାହାର ଅର୍ଥ, "ଏକ ଚର୍ମକୁ କାଟିବା।"

33 ସୁନ୍ନତବିଧି କେବଳ ପୁରୁଷରେ ହୋଇପାରେ। କିନ୍ତୁ ଯଦି ସେହି ସ୍ତ୍ରୀଲୋକଟି ଜଣେ ପୁରୁଷ ସହିତ ବିବାହ ହୋଇଥାଏ, ତେବେ ସେ ସେହି ପୁରୁଷର ଅଂଶ ଅଟେ, ସେ ତାହା ସହିତ ସୁନ୍ନତ ହୋଇଥାଏ। ଆପଣମାନଙ୍କର ମନେ ଥିବ, ତୀମଥିରେ, ଯେଉଁଠାରେକି ଏହା

ସେଠାରେ କହିଥିଲା, "ଏହା ସତ୍ତ୍ୱେ ସେ ସନ୍ତାନ ପ୍ରସବ କରିବା ଦ୍ୱାରା ଉଦ୍ଧାର ପାଇବ, ଯଦି ସେ ସମସ୍ତ ସଂଯମ ସହିତ, ବିଶ୍ୱାସ ଏବଂ ପବିତ୍ରତାରେ ଅବ୍ୟାହତ ରହେ ।"

34 ତେବେ, ସୁନ୍ନତବିଧି । ଆପଣ ଜାଣନ୍ତି ଯେତେବେଳେ ସେହି…ସାରା ସେହି ସ୍ୱର୍ଗଦୂତଙ୍କ ବାର୍ତ୍ତାରେ, ତାଙ୍କ ପଛରେ ରହିଥିବା ତମ୍ବୁରେ ହସିଥିଲେ, ଯେତେବେଳେ ସେ କହିଥିଲେ, "ଅବ୍ରହାମ," ଏହା ନ ଜାଣି ଯେ ସେ କିଏ ଥିଲେ, ଜଣେ ଅପରିଚିତ ବ୍ୟକ୍ତି, "ତୁମ ସ୍ତ୍ରୀ, ସାରା କେଉଁଠାରେ?" ସେ କିପରି ଜାଣିଲେ ଯେ ତାଙ୍କର ଏକ ପତ୍ନୀ ଅଛନ୍ତି?

35 ଯେପରିକି ଯୀଶୁ କହିଥିଲେ, "ଲୋଟଙ୍କ ସମୟରେ ଯେପରି ହୋଇଥିଲା, ମନୁଷ୍ୟପୁତ୍ରଙ୍କ ଆଗମନରେ ମଧ୍ୟ ଠିକ୍ ସେହିପରି ଘଟିବ ।" ମନେରଖନ୍ତୁ, ସେହି ଚିହ୍ନଗୁଡିକ ସେଠାରେ ସେହି ସଦୋମ ଓ ଗମରାରେ, ସେହି ଜଗତରେ, ଧର୍ମବାଦୀମାନଙ୍କ ପ୍ରତି ସମର୍ପିତ ହୋଇ ନ ଥିଲା । ମାତ୍ର ଏହା ସେହି ମନୋନୀତ, ଆହ୍ୱାନ-ପ୍ରାପ୍ତ ଲୋକମାନଙ୍କ ପାଇଁ ଥିଲା । ଅବ୍ରହାମ ଆହ୍ୱାନ ପ୍ରାପ୍ତ ଥିଲେ । ଏବଂ ସେହି ଶବ୍ଦ *ମଣ୍ଡଳୀ*ର ଅର୍ଥ ହେଉଛି "ଆହ୍ୱାନ ପ୍ରାପ୍ତ; ପୃଥକୀକୃତ," ଯେପରିକି ଅବ୍ରହାମ ନିଜକୁ ପୃଥକୀକୃତ କରିଥିଲେ ଓ ସୁନ୍ନତ ହୋଇଥିଲେ ।

ଏବଂ ତାହାପରେ ଯେତେବେଳେ ସାରା ଠିକ୍ ସେହି ସ୍ୱର୍ଗଦୂତଙ୍କ ବାର୍ତ୍ତାରେ ହସିଥିଲେ, ପରମେଶ୍ୱର ତାଙ୍କୁ ସେହି ସ୍ଥାନରେ ହିଁ ହତ୍ୟା କରି ଦେଇଥାନ୍ତେ; କିନ୍ତୁ ସେ ଅବ୍ରହାମଙ୍କୁ କଷ୍ଟ ନ ଦେଇ ସାରାଙ୍କୁ କଷ୍ଟ ଦେଇପାରିବେ ନାହିଁ, କାରଣ ସେମାନେ ଏକ ଥିଲେ । ସେ ତାଙ୍କର ଅଂଶ ଥିଲେ । "ତୁମେ ଆଉ ଦୁଇ ନୁହଁ, କିନ୍ତୁ ଏକ ଅଟ ।"

36 ତେଣୁ, ସୁନ୍ନତବିଧି, ପବିତ୍ରଆତ୍ମା ଆଜି ହୃଦୟକୁ ସୁନ୍ନତ କରନ୍ତି । ଏବଂ ଏହା ଏକ ଚିହ୍ନ, ପ୍ରଦତ୍ତ ଚିହ୍ନ ଅଟେ ।

ଅନ୍ୟ ଏକ ଦିନ କେହି ଜଣେ କହିଲେ…ମୁଁ କେବଳ ଏହାକୁ ପୁନରାବୃତ୍ତି କରୁଛି, ଏକ ଥଟ୍ଟା ପରିହାସ ପାଇଁ ନୁହେଁ । କାରଣ, ଏହା ସତ୍ୟ ଅଟେ, କିନ୍ତୁ ଏହା ଏକ ଥଟ୍ଟା କଥା ପରି ଶୁଭାଯାଏ । ଯେପରି ମୁଁ ପ୍ରାୟତଃ କହିଅଛି, ଏହା କୌଣସି ଥଟ୍ଟା ପାଇଁ ସ୍ଥାନ ନୁହେଁ । କିନ୍ତୁ ସେଠାରେ ପଶ୍ଚିମ ତଟରେ ଜଣେ ଛୋଟ ଜର୍ମାନ ରହୁଥିଲେ, ଯେଉଁଠାରେକି ଆମେ କେବଳ ଯାଇଥିଲୁ । ସେ ପବିତ୍ରଆତ୍ମା ଗ୍ରହଣ କରିଥିଲେ । ଏବଂ ସେ ରାସ୍ତାରେ ଗଲେ, ଓ ସେ ଅଳ୍ପ ଟିକିଏ ଖଣ୍ଡ ଚାଲନ୍ତି, ଆଉ ସେ ନିଜର ହାତ ଉଠାଇ ପରଭାଷାରେ କଥା କୁହନ୍ତି । ଏବଂ ସେ ଦୌଡ଼ିଯାଆନ୍ତି, ଓ ସେ ଡେଇଁପଡନ୍ତି, ଆଉ ସେ ଚିତ୍କାର କରନ୍ତି । ଏବଂ ସେ କାର୍ଯ୍ୟରେ ଥିଲେ, ସେହିପରି ଭାବରେ କରୁଥିଲେ, ଆଉ ତାଙ୍କର ମାଲିକ ତାଙ୍କୁ କହିଲେ, "ତୁମେ କେଉଁଠାକୁ ଯାଇଥିଲ?" ଉ-ହୁଁ । ମୁଁ ସେହି ସ୍ଥାନଗୁଡିକ ପସନ୍ଦ କରେ ଯେଉଁଠାକୁ ତୁମେ ଯାଇଅଛ । ସେ କହିଲେ, "ତୁମେ ନିଶ୍ଚିତ ଭାବରେ ସେହି ନଟ୍ ଅର୍ଥାତ୍ ପାଗଳ ଲୋକମାନଙ୍କ ମଧ୍ୟରେ ରହିଥିବ ।"

ସେ କହିଲେ, "ତେବେ କଅଣ ଆପଣ ଭାବୁଛନ୍ତି ଯେ ସେମାନେ ପାଗଳ ଲୋକମାନେ ଅଟନ୍ତି?"

ତାଙ୍କର ମାଲିକ କହିଲେ, "ନିଶ୍ଚିତରେ, ସେମାନେ ଅଟନ୍ତି ।"

37 ସେ କହିଲେ, "ତେବେ, ସେହି ପାଗଳ ଲୋକମାନଙ୍କ ପାଇଁ ପ୍ରଭୁଙ୍କର ପ୍ରଶଂସା ହେଉ!" ଏବଂ ସେ କହିଲେ, "ଆପଣ ଜାଣିଛନ୍ତି କି କଅଣ? ସେହି ନଟ୍ ଅର୍ଥାତ୍ ପାଗଳମାନେ ଏକ ବଡ଼ ଭୂମିକା ଗ୍ରହଣ କରନ୍ତି।" ସେ କହିଲେ, "ଉଦାହରଣ ସ୍ୱରୂପ, ସେହି ଗାଡି, ଆପଣ ସେଥିରୁ ସମସ୍ତ ନଟ୍ ଗୁଡିକୁ ବାହାର କରି ଦିଅନ୍ତୁ, ଆପଣଙ୍କ ପାଖରେ ଆଉ କିଛି ନୁହଁ ବରଂ ଏକ 'ପରିତ୍ୟକ୍ତ ଲୁହା' ରହିବ।" ତେଣୁ ତାହା ପ୍ରାୟଃ ଠିକ୍ ଅଟେ।

38 ଯେତେବେଳେ ପବିତ୍ରଆତ୍ମା ଆପଣଙ୍କ ଉପରେ ଆସନ୍ତି ଆପଣ ଏତେ ଭିନ୍ନ ହୋଇଯାଆନ୍ତି, ଏପରିକି ଏହି ଜଗତର ମନ ଆପଣଙ୍କୁ ପସନ୍ଦ କରେ ନାହିଁ, ଏବଂ ସେମାନେ ଆପଣଙ୍କ ବିରୁଦ୍ଧରେ ହୋଇଯାନ୍ତି, ଏବଂ ସେମାନେ ଆପଣଙ୍କ ସହିତ, କିଛି ହେଲେ କରିବାକୁ ଚାହାଁନ୍ତି ନାହିଁ। ଆପଣ ତ ଏକ ଅନ୍ୟ ଜଗତରୁ ଜନ୍ମ ହୋଇଥାନ୍ତି। ଆପଣ ତ ଠିକ୍ ସେତିକି ବିଦେଶୀ ଅଟନ୍ତି, ଦଶ ଗୁଣ ଅଧିକ ଯେତିକି ଆପଣ ହୋଇପାରନ୍ତି ସେତିକି ବିଦେଶୀ ଅଟନ୍ତି, ଯଦି ଆପଣ ଆଫ୍ରିକୀୟ ଜଙ୍ଗଲର ଦୂରତମ ଅଗମ୍ୟ ଅଞ୍ଚଳକୁ ଚାଲିଯାଆନ୍ତି। ଯେତେବେଳେ ପବିତ୍ରଆତ୍ମା ଆସନ୍ତି ଆପଣ ଭିନ୍ନ ହୋଇଯାନ୍ତି, ଏବଂ ଏହା ଏକ ଚିହ୍ନ ଅଟେ। ଏହା ଲୋକମନଙ୍କ ମଧ୍ୟରେ ଏକ ଚିହ୍ନ ଅଟେ।

39 ତେବେ, ଆପଣ କୁହନ୍ତି, "ତାହାହେଲେ, ଭାଇ ବ୍ରାନହାମ୍, ସେହି ସୁନ୍ନତର ଚିହ୍ନ ତ ଅବ୍ରହାମଙ୍କୁ ଦିଆ ଯାଇଥିଲା?" ତାହା ସତ୍ୟ ଅଟେ। "ଏବଂ ତାଙ୍କର ବଂଶକୁ?" ହଁ।

40 ଠିକ୍ ଅଛି, ବର୍ତ୍ତମାନ ଆମେ ଗାଲାତୀୟ, ୩ୟ ପର୍ବ, ୨୨ତମ ପଦକୁ ଯିବାକୁ ଯାଉଅଛୁ, ଏବଂ ଦେଖିବାକୁ ଯାଉଅଛୁ ଯେ ତାହା କିପରି ଆମ ପାଇଁ ପ୍ରଯୁଜ୍ୟ ହୋଇପାରେ। ଗାଲାତୀୟ ୩:୨୨, ଏବଂ କେବଳ ଦେଖନ୍ତୁ ଯେ ଏହି ସୁନ୍ନତବିଧି କିପରି ଭାବରେ ଜଣେ ବିଜାତି ପାଇଁ ପ୍ରୟୋଗ ହୋଇପାରେ, ଯଦି ଆମେମାନେ ବିଜାତି ଅଟୁ; ଯାହାକି, ପ୍ରାକୃତିକ ଜନ୍ମ ଦ୍ୱାରା ଆମେ ଅଟୁ।

ତେବେ, ପ୍ରଥମରେ, ମୁଁ 1ତେମ ପଦ ପାଠ କରିବାକୁ ଚାହେଁ।

*ଅବ୍ରହାମ ଓ ତାହାଙ୍କ ସନ୍ତାନ ପ୍ରତି ପ୍ରତିଜ୍ଞାସମୂହ ଉକ୍ତ ହୋଇଥିଲା।* (ଅବ୍ରହାମ ଏବଂ ତାଙ୍କର ସନ୍ତାନ!) *ଅନେକଙ୍କୁ ଲକ୍ଷ୍ୟ କରି, ସନ୍ତାନମାନଙ୍କୁ ବୋଲି କୁହାଯାଏ ନାହିଁ,...*

କେବଳ କୌଣସି ପ୍ରକାରର ଏକ...କୁହନ୍ତୁ, "ଓଃ, ମୁଁ ମଧ୍ୟ, ଅବ୍ରହାମଙ୍କ ସନ୍ତାନଗଣ ଅଟେ।" ନା। ଗୋଟିଏ "ସନ୍ତାନ" କୁ, ଅବ୍ରହାମଙ୍କ ସନ୍ତାନ!

...*ଅନେକଙ୍କୁ ଲକ୍ଷ୍ୟ କରି, ସନ୍ତାନମାନଙ୍କୁ ବୋଲି କୁହାଯାଏ ନାହିଁ; କିନ୍ତୁ ଜଣଙ୍କୁ,* ଏବଂ—ଏବଂ ସେମାନଙ୍କୁ...*ଅର୍ଥାତ୍ ଖ୍ରୀଷ୍ଟଙ୍କୁ, ଲକ୍ଷ୍ୟ କରି ତୁମ୍ଭର ବୀଜ ବୋଲି କୁହାଯାଏ।*

41 ଖ୍ରୀଷ୍ଟ ଅବ୍ରହାମଙ୍କର ସନ୍ତାନ ଥିଲେ । କଅଣ ଆପଣ ତାହା ବିଶ୍ୱାସ କରନ୍ତି କି? ଠିକ୍ ଅଛି, ତେବେ ଆସନ୍ତୁ ଆମେ ୨୪ତମ ଏବଂ ୨୯ତମ ପଦକୁ ନେବା ।

*ଯିହୁଦୀ କି ଗ୍ରୀକ୍, ଦାସ କି ସ୍ୱାଧୀନ, ପୁରୁଷ* କି *ସ୍ତ୍ରୀ, ତୁମ୍ଭମାନ* ମଧ୍ୟରେ *କିଛିର* ହିଁ ପ୍ରଭେଦ *ନାହିଁ: କାରଣ ଖ୍ରୀଷ୍ଟ ଯୀଶୁଙ୍କଠାରେ* ତୁମ୍ଭେମାନେ *ଏକ ।*

*ଆଉ ଯଦି ତୁମ୍ଭେମାନେ ଖ୍ରୀଷ୍ଟଙ୍କର, ତେବେ* ତୁମ୍ଭେମାନେ ତ *ଅବ୍ରହାମଙ୍କ ବଂଶ,* ପ୍ରତିଜ୍ଞା *ଅନୁସାରେ ଉତ୍ତରାଧିକାରୀ ।*

ଆମେ କିପରି "ଅବ୍ରହାମଙ୍କ ବଂଶ" ଗ୍ରହଣ କରିଥାଉ? ଖ୍ରୀଷ୍ଟଙ୍କଠାରେ ରହିବା ଦ୍ୱାରା, ତେବେ ଆମେ ଅବ୍ରହାମଙ୍କ ବଂଶ ଅଟୁ । ଏବଂ ଅବ୍ରହାମଙ୍କ ବଂଶ କଅଣ ଥିଲା? ଯେପରିକି, ଆମେ ରୋମୀୟ 4 ଏବଂ ବିଭିନ୍ନ ସ୍ଥାନକୁ ଯାଇପାରିବା ।

ଅବ୍ରହାମ ସୁନ୍ନତ ହୋଇଥିବା ସମୟରେ କେବେବି ପ୍ରତିଜ୍ଞାକୁ ପ୍ରାପ୍ତ ହୋଇ ନ ଥିଲେ । ଏହା ଦର୍ଶାଇବାକୁ ଯେ ସୁନ୍ନତ କେବଳ ଏକ ପ୍ରତିରୂପ ଥିଲା, ସେ ତ ସୁନ୍ନତ ହେବା *ପୂର୍ବରୁ ହିଁ* ସେହି ପ୍ରତିଜ୍ଞାକୁ ପ୍ରାପ୍ତ ହୋଇଥିଲେ । ଏହା ତ କେବଳ ତାର ଏକ ପ୍ରତିରୂପ ଥିଲା, ଯେ ତାର ବିଶ୍ୱାସକୁ ଗ୍ରହଣ କରାଯାଇଅଛି ଯାହାକି ତାର ସୁନ୍ନତ ହେବା ପୂର୍ବାରୁ ରହିଥିଲା ।

42 ତେବେ, ଯେତେବେଳେ ଆମେ ଖ୍ରୀଷ୍ଟଙ୍କଠାରେ ଥାଉ, ଆମେ ଅବ୍ରହାମଙ୍କ ବଂଶ ହୋଇଯାଉ ଏବଂ ଖ୍ରୀଷ୍ଟଙ୍କ ସହିତ ଉତ୍ତରାଧିକାରୀ ଅଟୁ, ଅତଏବ, ଆମେମାନେ ଯିହୂଦୀ ହେଉ କିମ୍ବା ବିଜାତି ହେଉ, ଏଥିରେ କିଛି ଯାଏ ଆସେ ନାହିଁ ।

ଏବଂ, "ଅବ୍ରହାମଙ୍କ ସେହି ବଂଶ," ଅବ୍ରହାମଙ୍କ ସେହି ବଂଶ ପାଖରେ ଅବ୍ରହାମଙ୍କର ବିଶ୍ୱାସ ରହିଥାଏ, ଯିଏକି ପରମେଶ୍ୱରଙ୍କୁ ତାହାଙ୍କର ବାକ୍ୟରେ ଗ୍ରହଣ କରିଥାଏ । ଏହା କେତେ ହାସ୍ୟାସ୍ପଦ ମନେହୁଏ, ଆପଣ କେତେ ଅସାଧାରଣ ଆଚରଣ କରିଥାନ୍ତି, ତାହାର ନିର୍ବିଶେଷରେ, ଏହା ଆପଣଙ୍କୁ କେତେ ବିଚିତ୍ର ଭାବେ ପ୍ରଦର୍ଶିତ କରେ, ଆପଣ ତ ଅନ୍ୟକିଛି ବିଷୟର ନିର୍ବିଶେଷରେ ପରମେଶ୍ୱରଙ୍କୁ ତାହାଙ୍କ ବାକ୍ୟରେ ଗ୍ରହଣ କରନ୍ତି ।

43 ଅବ୍ରହାମ ପଞ୍ଚ-ସତୁରି ବର୍ଷ ବୟସରେ, ଏବଂ ସାରା ପଇଁ-ଷଠି ବର୍ଷ ବୟସରେ, ପରମେଶ୍ୱରଙ୍କୁ ତାହାଙ୍କର ବାକ୍ୟରେ ଗ୍ରହଣ କଲେ, ଏବଂ ତାହାର ବିପରୀତରେ ଥିବା କୌଣସି ବିଷୟକୁ ଏପରି ଡାକିଲେ ଯେପରିକି ତାହା ତିଷ୍ଠି ନାହିଁ । ଆପଣ କଅଣ ଭାବୁଛନ୍ତି ସେହି ଦିନର, ଡାକ୍ତରମାନେ କଅଣ ଭାବିଥିବେ? ଆପଣ କଅଣ ଭାବୁଛନ୍ତି ଯେ ଲୋକମାନେ କଅଣ ଭାବିଥିବେ, ଯେତେବେଳେ ସେମାନେ ପଞ୍ଚ-ସତୁରି ବର୍ଷର, ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ବୁଲି ବୁଲି, ପରମେଶ୍ୱରଙ୍କର ପ୍ରଶଂସା କରୁଥିବାର ଦେଖିଥିବେ, ଯେ ସେ ତାଙ୍କ ପତ୍ନୀଙ୍କ ଦ୍ୱାରା "ଏକ ସନ୍ତାନ ଲାଭ କରିବାକୁ ଯାଉଛନ୍ତି," ଆଉ ସେ ପଇଁ-ଷଠି ବର୍ଷ ବୟସର, ତାର ସ୍ତ୍ରୀଧର୍ମ କ୍ଷାନ୍ତ ହେବାର ପ୍ରାୟଃ ପଚି-ଶ ବର୍ଷ ହୋଇଗଲାଣି? ମାତ୍ର, ଆପଣ ଦେଖନ୍ତୁ, ଏହା ଆପଣଙ୍କୁ କୌତୁକୀଆ ଆଚରଣ କରାଇଥାଏ, ଅବ୍ରହାମଙ୍କର ସେହି ବିଶ୍ୱାସ ।

44 ଏବଂ ଯେତେବେଳେ ଆପଣ ପବିତ୍ରଆତ୍ମାଙ୍କର ସୁନ୍ନତ ହୁଅନ୍ତି, ଏହା ଆପଣଙ୍କ ସହିତ ସେହି ସମାନ କାର୍ଯ୍ୟ କରେ। ଏହା ଆପଣଙ୍କୁ ଏପରି କାର୍ଯ୍ୟ ସବୁ କରାଏ ଯାହାକି ଆପଣ କରିବେ ବୋଲି ଭାବି ନ ଥିବେ। ଏହା ଆପଣଙ୍କୁ ପରମେଶ୍ୱରଙ୍କର ପ୍ରତିଜ୍ଞାକୁ ଗ୍ରହଣ କରାଇଥାଏ ଏବଂ ପରମେଶ୍ୱରଙ୍କୁ ବିଶ୍ୱାସ କରାଇଥାଏ।

45 ତେବେ, ଏହା ବ୍ୟତୀତ, ଏହା ମଧ୍ୟ ଏକ—ଏକ ପ୍ରତିଜ୍ଞା ଏବଂ ଏକ ଚିହ୍ନ ଅଟେ, ଏହା ମଧ୍ୟ ଏକ ମୁଦ୍ରା ଅଟେ। ବର୍ତ୍ତମାନ ଯଦି ଆପଣ ମୋ ସହିତ ରୋମୀୟ ନିକଟକୁ ଯିବେ। ପ୍ରଥମେ, ମୁଁ ଚାହେଁ ଯେ ଆପଣ ମୋ ସହିତ ଏଫିସୀୟ 4:30 କୁ ଯାଆନ୍ତୁ, ଏବଂ ଏଠାରେ ମାତ୍ର ଗୋଟିଏ ମିନିଟ୍ ପାଇଁ ପଢନ୍ତୁ। ଏଫିସୀୟ 4:30 ଏହା କୁହେ।

ତେବେ, ଆପଣମାନେ ଅନେକ ଲୋକମାନଙ୍କୁ ଶୁଣିଥିବେ ଯେଉଁମାନେକି ବିଭିନ୍ନ ବିଷୟଗୁଡ଼ିକୁ ମୁଦ୍ରାମାନ ବୋଲି କହିଥାନ୍ତି। "ଯଦି ଆପଣ ମଣ୍ଡଳୀକୁ ଯିବେ, ତେବେ ଆପଣଙ୍କ ପାଖରେ ମଣ୍ଡଳୀର ମୁଦ୍ରା ଅଛି।" ଆଉ କିଛି ଲୋକ କୁହନ୍ତି, "ଏହା ଏକ ନିର୍ଦ୍ଦିଷ୍ଟ ଦିନ, ଏକ ବିଶ୍ରାମ ଦିନ ପାଳନ କରିବା ଅଟେ, ତାହା—ତାହା ହେଉଛି ପରମେଶ୍ୱରଙ୍କ ମୁଦ୍ରା।" ସେମାନଙ୍କ ମଧ୍ୟରୁ କେତେକ କୁହନ୍ତି, "ଯଦି ଆମେ ଆମର ସଦସ୍ୟତାକୁ ଏକ ନିର୍ଦ୍ଦିଷ୍ଟ ନାମଧାରୀ ସଂସ୍ଥାରେ ରଖିବା, ତାହାହେଲେ ଆମେ ପରମେଶ୍ୱରଙ୍କ ରାଜ୍ୟରେ ମୁଦ୍ରାଙ୍କିତ ହୋଇଯିବା।"

46 ତେବେ, ବାଇବଲ କୁହେ, "ପ୍ରତ୍ୟେକ ମନୁଷ୍ୟର କଥା ମିଥ୍ୟା ହେଉ, ଏବଂ ପରମେଶ୍ୱରଙ୍କ ସତ୍ୟ ହେଉ।" ତେବେ, ଏଫିସୀୟ 4:30 ଏହିପରି ପାଠ କରେ:

*ଆଉ ପରମେଶ୍ୱରଙ୍କ ଯେଉଁ ପବିତ୍ରଆତ୍ମାଙ୍କ ଦ୍ୱାରା ତୁମ୍ଭେମାନେ ମୁକ୍ତିର ଦିବସ ନିମନ୍ତେ ମୁଦ୍ରାଙ୍କିତ ହୋଇଅଛ, ତାହାଙ୍କୁ ଦୁଃଖ ଦିଅ ନାହିଁ।*

47 ତେବେ ମୋତେ ବର୍ତ୍ତମାନ ଏହାକୁ ଉପସ୍ଥାପିତ କରିବା ପାଇଁ, ଏହା ଉପରେ ଟିକେ କଠୋର ଭାବେ କହିବାକୁ ପଡିବ। ତେବେ, ଆପଣ ଆଇନସଙ୍ଗତ ଭାଇମାନେ ଅଳ୍ପ ଟିକିଏ ସମୟ ପାଇଁ ନୀରବ ରୁହନ୍ତୁ। ବୁଝିଲେ? କଅଣ ଆପଣମାନେ ଲକ୍ଷ୍ୟ କଲେ ଯେ ସେହି ମୁଦ୍ରା କେତେ ସମୟ ପର୍ଯ୍ୟନ୍ତ ବ୍ୟାପ୍ତ ରହିଥାଏ? ପରବର୍ତ୍ତୀ ଉଦ୍ଦୀପନା ପର୍ଯ୍ୟନ୍ତ ନୁହେଁ, ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ନୁହେଁ ଯେତେବେଳେ କିଛି ଭୁଲ୍ ହୋଇଯାଏ। "ତୁମର ମୁକ୍ତିର ଦିବସ ପର୍ଯ୍ୟନ୍ତ," ଆପଣ ସେତେ ସମୟ ପର୍ଯ୍ୟନ୍ତ ମୁଦ୍ରାଙ୍କିତ ଅଟନ୍ତି। "ତୁମର ମୁକ୍ତିର ଦିବସ ପର୍ଯ୍ୟନ୍ତ," ଯେତେବେଳେ ଆପଣ ପରମେଶ୍ୱରଙ୍କ ସହିତ ରହିବା ନିମନ୍ତେ ମୁକ୍ତିପ୍ରାପ୍ତ ହୋଇଥାନ୍ତି, ସେତିକି ସମୟ ପର୍ଯ୍ୟନ୍ତ ପବିତ୍ରଆତ୍ମା ଆପଣଙ୍କୁ ମୁଦ୍ରାଙ୍କିତ କରନ୍ତି। ଉଦ୍ଦୀପନାରୁ ଉଦ୍ଦୀପନା ପର୍ଯ୍ୟନ୍ତ ନୁହେଁ; କିନ୍ତୁ ଅନନ୍ତକାଳରୁ ଅନନ୍ତକାଳ ପର୍ଯ୍ୟନ୍ତ, ଆପଣ ପବିତ୍ରଆତ୍ମାଙ୍କ ଦ୍ୱାରା ମୁଦ୍ରାଙ୍କିତ ହୋଇଥାନ୍ତି।

ତାହାହିଁ ହେଉଛି ପବିତ୍ରଆତ୍ମା ଯାହାକି ତାହା ଅଟେ, ତାହା ପରମେଶ୍ୱରଙ୍କ ମୁଦ୍ରା ଅଟେ, ଯାହା ସେ ପାଇଛନ୍ତି…ଆପଣ ତାହାଙ୍କ ଦୃଷ୍ଟିରେ ଅନୁଗ୍ରହ ପାଇଛନ୍ତି, ଏବଂ ସେ ଆପଣଙ୍କୁ

ପ୍ରେମ କରନ୍ତି, ଏବଂ ସେ ଆପଣଙ୍କୁ ବିଶ୍ୱାସ କରନ୍ତି, ଏବଂ ସେ ଆପଣଙ୍କ ଉପରେ ନିଜର ମୁଦ୍ରାଙ୍କନ କରନ୍ତି । ଏକ ମୁଦ୍ରା କଅଣ ଅଟେ? ଯେକେହି...କାହିଁକି, ଏକ *ମୁଦ୍ରା* ନିଦର୍ଶିତ କରେ କିମ୍ବା ଏହାର ଅର୍ଥ ହେଉଛି ଏକ "ସମାପ୍ତ କାର୍ଯ୍ୟ ।" ଆମେନ୍ । ପରମେଶ୍ୱର ଆପଣଙ୍କୁ ଉଦ୍ଧାର କରିଛନ୍ତି, ଆପଣଙ୍କୁ ପବିତ୍ରୀକୃତ କରିଛନ୍ତି, ଆପଣଙ୍କୁ ପରିଷ୍କାର କରିଛନ୍ତି, ଆପଣଙ୍କ ଉପରେ ଅନୁଗ୍ରହ କରିଛନ୍ତି, ଏବଂ ମୁଦ୍ରାଙ୍କିତ କରିଛନ୍ତି । ସେ କାର୍ଯ୍ୟ ସମାପ୍ତ କରିଛନ୍ତି । ଆପଣ ନିଜର ମୁକ୍ତିର ଦିବସ ପର୍ଯ୍ୟନ୍ତ ତାହାଙ୍କର ଉତ୍ପାଦ ଅଟନ୍ତି । ଏକ *ମୁଦ୍ରାଙ୍କିତ* ହେଉଛି "ସମାପ୍ତ ବିଷୟ ।"

ପବିତ୍ରଆତ୍ମା କଅଣ ଅଟେ? ଏହା ଏକ ଚିହ୍ନ । ଆମେ ଟିକିଏ ପରେ ତାହାକୁ, ଅନ୍ୟ ଏକ ବାର୍ତ୍ତାରେ ପାଇବାକୁ ଯାଉଅଛୁ, ଯେ ସେହି ଚିହ୍ନ ଯାହା ବିଷୟରେ ପାଉଲ କହିଥିଲେ । ପରଭାଷା ବିଶ୍ୱାସୀ, ଅବା, ଅବିଶ୍ୱାସୀଙ୍କ ପାଇଁ ଏକ ଚିହ୍ନ ଥିଲା ।

48 ତେବେ ଧ୍ୟାନ ଦିଅନ୍ତୁ, ମାତ୍ର, ଏଥିରେ, ପବିତ୍ରଆତ୍ମା ଏକ ଚିହ୍ନ ଅଟେ । ମୋର ଅର୍ଥ...ଏବଂ ପବିତ୍ରଆତ୍ମା ଏକ ମୁଦ୍ରା ଅଟେ । ଏହା ଏକ ଚିହ୍ନ ଅଟେ ଯାହାକି ପରମେଶ୍ୱର ତାହାଙ୍କର ମନୋନୀତ ସନ୍ତାନମାନଙ୍କୁ ଦେଇଥିଲେ । ଏହାକୁ ପ୍ରତ୍ୟାଖ୍ୟାନ କରିବାର ଅର୍ଥ, ଲୋକମାନଙ୍କଠାରୁ ବିଚ୍ଛିନ୍ନ ହେବା; ଏବଂ ଏହାକୁ ଗ୍ରହଣ କରିବାର ଅର୍ଥ, ଜଗତ ଏବଂ ଜଗତର ସମସ୍ତ ବିଷୟ ସହିତ ସମାପ୍ତ ହେବା, ଏବଂ ଏପରି ଏକ ଉତ୍ପାଦ ହେବା ଯାହା ଉପରେ ପରମେଶ୍ୱର ଅନୁମୋଦନର ଏକ ମୁଦ୍ରାଙ୍କନ କରିଛନ୍ତି ।

49 ମୁଁ ହ୍ୟାରି ୱାଟରବେରୀ ସହିତ ଏଠାରେ ରେଲରୋଡରେ କାମ କରୁଥିଲି, ଏବଂ ଆମେ ଏକ ରେଳଡବାରେ ସମାନ ଲଦିବାକୁ ଯାଇଥାଉ । ମୋ ଭାଇ, ଡକ୍, ସେଠାରେ ପଛରେ ଛିଡ଼ା ହୋଇ, ରେଳଡବାକୁ ଲଦିବାରେ ସାହାଯ୍ୟ କରନ୍ତି । ଯେତେବେଳେ ଏକ ରେଳଡବା ଲଦା ହୁଏ, ସେମାନେ ସେହି ରେଳଡବା ପରିଦର୍ଶନ କରନ୍ତି, ସେହି ଅଧିକ୍ଷକ, ଏବଂ ଯଦି ସେ କୌଣସି ହୁଗୁଳା ବିଷୟ ପାଆନ୍ତି, ଯେଉଁଠାରେକି ତାହା ପଡ଼ିଯିବ ଓ ଭାଙ୍ଗିଯିବ, କିମ୍ବା ଏପରି କିଛି ଯାହାକି ନଷ୍ଟ ହୋଇଯିବ; ସେ ସେହି ରେଳଡବାକୁ ସେପର୍ଯ୍ୟନ୍ତ ମୁଦ୍ରାଙ୍କନ କରିବେ ନାହିଁ ଯେପର୍ଯ୍ୟନ୍ତକି ସେହି ରେଳଡବାଟି ସମ୍ପୂର୍ଣ୍ଣ ଭାବେ ଲଦା ହୋଇନାହିଁ, ଏପରିକି ଏହା ଏତେ ଲଦା ହୋଇଥାଏ ଓ କ୍ରମରେ ଥାଏ, ଯେ ଯାତ୍ରାର କମ୍ପନ ଭିତରେ ରହିଥିବା ଉତ୍ପାଦଗୁଡିକୁ କୌଣସି ପ୍ରକାରେ ନଷ୍ଟ କରିବ ନାହିଁ ।

50 ତାହାହିଁ ହେଉଛି ସେହି ବିଷୟ ଯେ ଆମେ ଏତେ ଅଧିକ ଭାବେ ମୁଦ୍ରାଙ୍କିତ ହୋଇ ନ ଥାଉ; ଆମେ ଅନେକ ଜିନିଷଗୁଡ଼ିକରେ ଅତ୍ୟଧିକ ହୁଗୁଳା ଅଟୁ । ଯେତେବେଳେ ସେହି ଅଧିକ୍ଷକ, ଆପଣଙ୍କର ଜୀବନକୁ ଯାଞ୍ଚ କରିବାକୁ ଯାଆନ୍ତି, ଏହା ଦେଖିବା ପାଇଁ ଯେ ଆପଣ ସେହି ଜିନିଷଗୁଡ଼ିକ ବିଷୟରେ କେବଳ ଟିକେ ହୁଗୁଳା ନୁହଁନ୍ତି ତ, ନିଜର ପ୍ରାର୍ଥନା ଜୀବନ ବିଷୟରେ ଟିକେ ହୁଗୁଳା ନୁହଁନ୍ତି ତ, ସେହି କ୍ରୋଧ ବିଷୟରେ ଟିକେ ହୁଗୁଳା ନୁହଁନ୍ତି ତ, ସେହି ଜିହ୍ୱା ବିଷୟରେ, ଅନ୍ୟମାନଙ୍କ ବିଷୟରେ କହିବାକୁ ହୁଗୁଳା ନୁହଁନ୍ତି ତ, ସେ କେବେବି ସେହି

ରେଳଡବାକୁ ମୁଦ୍ରାଙ୍କନ କରିବେ ନାହିଁ। କିଛି ମନ୍ଦ ଅଭ୍ୟାସ, କିଛି ଖରାପ ଜିନିଷ, କିଛି ଅଶ୍ଳୀଳ ମନ, ସେ ସେହି ରେଳଡବାକୁ ମୁଦ୍ରାଙ୍କନ କରିପାରିବେ ନାହିଁ।

ମାତ୍ର ଯେତେବେଳେ ସେ ସବୁକିଛିକୁ ତାର ନିଜ ସ୍ଥାନରେ ପାଆନ୍ତି, ସେହି ଅଧିକ୍ଷକ, ସେତେବେଳେ ସେ ଏହାକୁ ମୁଦ୍ରାଙ୍କନ କରନ୍ତି। କେହିହେଲେ ସେହି ମୁଦ୍ରାଙ୍କକୁ ଖୋଲିବାକୁ ସାହସ କରନ୍ତି ନାହିଁ ଯେପର୍ଯ୍ୟନ୍ତକି ସେହି ରେଳଡବାଟି ତାର ଗନ୍ତବ୍ୟ ସ୍ଥଳରେ ନ ପହଞ୍ଚିଯାଏ ଯେଉଁସ୍ଥାନ ନିମନ୍ତେ ତାକୁ ମୁଦ୍ରାଙ୍କନ କରାଯାଇଅଛି! ତାହା ସେଠାରେ ଅଟେ। "ମୋର ଅଭିଷିକ୍ତକୁ ସ୍ପର୍ଶ କର ନାହିଁ; ମୋର ଭବିଷ୍ୟଦ୍‌ବକ୍ତାମାନଙ୍କର କୌଣସି ଅନିଷ୍ଟ କର ନାହିଁ। କାରଣ ମୁଁ ତୁମକୁ କହୁଛି, ତୁମ ପାଇଁ ଏହା ଭଲ ହୁଅନ୍ତା ଯେ ତୁମ ବେକରେ ଏକ ଚକି ପଥର ବାନ୍ଧି ସମୁଦ୍ରରେ ପକା ଯାଇଥାନ୍ତ, ଓ ତୁମେ ସମୁଦ୍ରର ଗଭୀରରେ ବୁଡ଼ିଯାଆନ୍ତ, ଏହା ଅପେକ୍ଷା ଯେ ମୁଦ୍ରାଙ୍କ ହୋଇଯାଇଥିବା ଏହି ଛୋଟରୁ ଛୋଟମାନଙ୍କ ମଧ୍ୟରୁ କାହାରିକୁ ଅପମାନିତ କରିବା କିମ୍ବା ଟିକେ ଦୋହଲାଇବାକୁ ଚେଷ୍ଟା କରନ୍ତ।" କଅଣ ଆପଣ ଦେଖିଲେ ଯେ ତାହାର ଅର୍ଥ କଅଣ?

51 ତାହାହିଁ ହେଉଛି ଯାହାକି ପବିତ୍ରଆତ୍ମା ଅଟେ। ଏହା ଆପଣଙ୍କର ଆଶ୍ୱାସନା ଅଟେ। ଏହା ଆପଣଙ୍କର ସୁରକ୍ଷା ଅଟେ। ଏହା ଆପଣଙ୍କର ସାକ୍ଷୀ ଅଟେ। ଏହା ଆପଣଙ୍କର ମୁଦ୍ରାଙ୍କ ଅଟେ। ଏହା ଆପଣଙ୍କର ଚିହ୍ନ ଅଟେ, ଯେ, "ମୁଁ ସ୍ୱର୍ଗ ବନ୍ଧିତ ଅଟେ। ଏଥିରେ ଯାଏ ଆସେ ନାହିଁ ଯେ ଶୟତାନ କଅଣ କୁହେ! ମୁଁ ସ୍ୱର୍ଗ ବନ୍ଧିତ ଅଟେ। କାହିଁକି? ସେ ମୋତେ ମୁଦ୍ରାଙ୍କିତ କରିଛନ୍ତି। ସେ ତାହା ମୋତେ ପ୍ରଦାନ କରିଛନ୍ତି। ସେ ମୋତେ ତାହାଙ୍କର ରାଜ୍ୟରେ ମୁଦ୍ରାଙ୍କିତ କରିଛନ୍ତି, ଏବଂ ମୁଁ ମହିମା-ବନ୍ଧିତ ଅଟେ! ପବନ ପ୍ରବାହିତ ହେଉ, ଶୟତାନ ଯାହା ଚାହୁଁଛି ତାହା କରୁ। ପରମେଶ୍ୱର ମୋତେ ମୋର ମୁକ୍ତିର ଦିନ ପର୍ଯ୍ୟନ୍ତ ମୁଦ୍ରାଙ୍କିତ କରିଛନ୍ତି।" ଆମେନ୍! ତାହାହିଁ ହେଉଛି ଯାହାକି ପବିତ୍ରଆତ୍ମା ଅଟନ୍ତି। ଓଃ, ଆପଣ ଏହା ବାଂଛା କରିବା ଉଚିତ୍। ମୁଁ ଏହା ବିନା ଆଗକୁ ଯାଇପାରିବି ନାହିଁ। ଏପରି ବହୁତ କିଛି ସେଠାରେ କୁହାଯାଇପାରେ, କିନ୍ତୁ ମୁଁ ଏଥିରେ ସୁନିଶ୍ଚିତ ଯେ ଆପଣ ତାହା ଜାଣନ୍ତି ଯାହା ବିଷୟରେ ମୁଁ କହୁଅଛି।

52 ତେବେ, ଆସନ୍ତୁ, ଆମେମାନେ ଗୋଟିଏ ମିନିଟ୍ ପାଇଁ, ଯୋହନ 14କୁ ମଧ୍ୟ ଯିବା। ମୁଁ କେବଳ ବାକ୍ୟକୁ ଭଲ ପାଏ! ଏହା ସତ୍ୟ ଅଟେ।

53 ତେବେ, ପରମେଶ୍ୱରଙ୍କ ଆତ୍ମା, ସେହି ପବିତ୍ରଆତ୍ମା, ପବିତ୍ରଆତ୍ମା କଅଣ ଅଟେ? ଏହା ଆପଣଙ୍କଠାରେ ଖ୍ରୀଷ୍ଟଙ୍କ ଆତ୍ମା ଅଟେ। ବର୍ତ୍ତମାନ, ଆମେ ପାଠ କରିବା ପୂର୍ବରୁ, ମୁଁ ଏଠାରେ କିଛି ମନ୍ତବ୍ୟକାରୀ ଶବ୍ଦ କହିବାକୁ ପସନ୍ଦ କରିବି। ପବିତ୍ରଆତ୍ମା କଅଣ ଅଟେ? ଏହା ଏକ ମୁଦ୍ରାଙ୍କ ଅଟେ। ପବିତ୍ରଆତ୍ମା କଅଣ ଅଟେ? ଏହା ଏକ ନିୟମ ଅଟେ। ପବିତ୍ରଆତ୍ମା କଅଣ ଅଟେ? ଏହା ଏକ ଚିହ୍ନ ଅଟେ। ତାହାହେଲେ ପବିତ୍ରଆତ୍ମା କଅଣ? ଏହା ଏକ...ଆପଣଙ୍କ ଭିତରେ ଯୀଶୁ ଖ୍ରୀଷ୍ଟଙ୍କ ଆତ୍ମା ଅଟେ। ବୁଝିଲେ? "ଆଉ ଅଳ୍ପ ସମୟ," ଯୀଶୁ କହିଲେ, "ଏବଂ ଜଗତ ମୋତେ ଆଉ ଦେଖିବ ନାହିଁ। ତଥାପି ତୁମେ ମୋତେ ଦେଖିବ, କାରଣ ମୁଁ ତୁମ

ସହିତରେ ରହିବି, ଏପରିକି ଜଗତର ଶେଷ ଯାଏଁ, ତୁମ ଅନ୍ତରରେ ରହିବି ।” ପରମେଶ୍ୱରଙ୍କ ଆତ୍ମା ତାହାଙ୍କର ମଣ୍ଡଳୀରେ!

54 କଅଣ ପାଇଁ? ସେ ଏହା ପାଇଁ କଅଣ କଲେ? ଏହା ଅଳ୍ପ ଟିକିଏ ଆସନ୍ତାକାଲି ରାତିର ବିଷୟ ଉପରେ ଅଟେ । ମାତ୍ର ସେ ଏହାକୁ କଅଣ ପାଇଁ କଲେ? ସେ କାହିଁକି, ପବିତ୍ରଆତ୍ମା କାହିଁକି...ସେ କଅଣ, କଅଣ ପାଇଁ ଆସିଥିଲେ? ସେ ଆପଣଙ୍କ ଭିତରକୁ କଅଣ ପାଇଁ ଆସିଥିଲେ, ସେ ମୋ ଭିତରକୁ କଅଣ ପାଇଁ ଆସିଥିଲେ? ପରମେଶ୍ୱରଙ୍କ କାର୍ଯ୍ୟଗୁଡିକୁ ଜାରି ରଖିବା ପାଇଁ ।

55 “ମୁଁ ସବୁବେଳେ ତାହାହିଁ କରେ ଯାହା ମୋ ପିତାଙ୍କୁ ପ୍ରସନ୍ନ କରେ । ମୁଁ ମୋର ଇଚ୍ଛା ସାଧନ କରିବାକୁ ଆସି ନାହିଁ, ବରଂ ମୋହର ପ୍ରେରଣକର୍ତ୍ତା ପିତାଙ୍କର ଇଚ୍ଛାକୁ । ଏବଂ ମୋହର ପ୍ରେରଣକର୍ତ୍ତା ପିତା ମୋ ସହିତରେ ଅଛନ୍ତି; ଆଉ ଯେପରି ମୋ ପିତା ମୋତେ ପଠାଇଅଛନ୍ତି, ସେହିପରି ମୁଁ ମଧ୍ୟ ତୁମକୁ ପଠାଏ ।” ଓଃ, ମୋର ପ୍ରଭୁ! ପିତା ତାହାଙ୍କୁ ପଠାଇଲେ, ତାହାଙ୍କ ଅନ୍ତରରେ ଗଲେ । ଯୀଶୁଙ୍କର ପ୍ରେରଣକର୍ତ୍ତା ପିତା ତାହାଙ୍କ ଅନ୍ତରରେ ଆସିଲେ, ତାହାଙ୍କ ମାଧ୍ୟମରେ କାର୍ଯ୍ୟ କଲେ ।

ସେହି ଯୀଶୁ ଯିଏକି ଆପଣଙ୍କୁ ପ୍ରେରଣ କରନ୍ତି, ଆପଣଙ୍କ ସହିତରେ ଗମନାଗମନା କରନ୍ତି ଓ ଆପଣଙ୍କ ଭିତରେ ରହିଥାନ୍ତି । ଏବଂ ଯଦି ସେହି ଆତ୍ମା, ଯୀଶୁ ଖ୍ରୀଷ୍ଟଙ୍କଠାରେ ବାସ କରି, ତାହାଙ୍କୁ ସେହିପରି ଆଚରଣ କରିବାକୁ ଓ କାର୍ଯ୍ୟ କରିବାକୁ ବାଧ୍ୟ କଲେ ଯେପରିକି ସେ କରିଥିଲେ, ତାହାହେଲେ ଆପଣଙ୍କୁ କିଛି ସାଧାରଣ ଧାରଣା ହୋଇଯିବ ଯେ ତାହା କିପରି କାର୍ଯ୍ୟ କରିବ ଯେତେବେଳେ ତାହା ଆପଣଙ୍କ ଭିତରେ ରହିଥାଏ, କାରଣ ସେହି ଜୀବନ ପରିବର୍ତ୍ତନ ହୋଇପାରେ ନାହିଁ । ଏହା ଶରୀରରୁ ଶରୀର ମଧ୍ୟକୁ ଯିବ, କିନ୍ତୁ ଏହା ନିଜର ପ୍ରକୃତି ପରିବର୍ତ୍ତନ କରିପାରେ ନାହିଁ, କାରଣ ଏହା ପରମେଶ୍ୱର ଅଟନ୍ତି ।

56 ତେବେ ଯୋହନ 14 ରେ, କେବଳ ଆସନ୍ତୁ 10ମ ପଦରୁ ଆରମ୍ଭ କରି, ଠିକ୍ ଅଳ୍ପ ଟିକିଏ ପାଠ କରିବା ।

> *ମୁଁ ଯେ ପିତାଙ୍କଠାରେ ଅଛି ଓ ପିତା ମୋ ଠାରେ ଅଛନ୍ତି...ବିଶ୍ୱାସ କରୁ ନାହଁ? ସେହି କର୍ମ...ମୁଁ ତୁମ୍ଭମାନଙ୍କୁ ଯେସମସ୍ତ ବାକ୍ୟ କହେ ସେହିସବୁ ମୋ ନିଜଟରୁ କହେ ନାହିଁ: କିନ୍ତୁ ପିତା ମୋ ଠାରେ ଥାଇ, ଆପଣା କର୍ମ କରୁଅଛନ୍ତି ।*

ସେ ବିଷୟରେ ଚିନ୍ତା କରନ୍ତୁ । ବର୍ତ୍ତମାନ:

> *ମୁଁ ଯେ ପିତାଙ୍କଠାରେ ଅଛି ଓ ପିତା ମୋ ଠାରେ ଅଛନ୍ତି, ମୋହର ଏହି କଥା ବିଶ୍ୱାସ କର: ନତୁବା କର୍ମ ଯୋଗୁ ହେଲେ ବିଶ୍ୱାସ କର ।*

*ସତ୍ୟ, ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ମୋ ଠାରେ ଯେ ବିଶ୍ୱାସ କରେ, ମୁଁ ଯେଉଁ ଯେଉଁ କର୍ମ କରୁଅଛି, ସେ ମଧ୍ୟ ସେହିସବୁ...କରିବ; ଆଉ ସେସବୁ ଅପେକ୍ଷା ଅଧିକ ମହତ୍ କର୍ମ କରିବ; କାରଣ ମୁଁ ମୋର ପିତାଙ୍କ ନିକଟକୁ ଯାଉଅଛି।*

କଅଣ ଆପଣ ଦେଖୁ ନାହାଁନ୍ତି କି? ଦେଖନ୍ତୁ ଯେ ସେ ସେଠାରେ କିପରି କହିଥିଲେ? ତେବେ ଏହାକୁ ଦେଖନ୍ତୁ, ଏହା କିପରି ବାହାରି ଆସେ। ମୁଁ ଅଳ୍ପ ଟିକିଏ ଆଗକୁ ପାଠ କରିବି। ଆମେ ପ୍ରାୟଃ ୨୦ତମ ପଦ ପର୍ଯ୍ୟନ୍ତ ପାଠ କରିବାକୁ ଯାଉଅଛୁ। "ଏବଂ ତୁମେ ଯାହାକିଛି ମାଗିବ..." ଆସନ୍ତୁ ଦେଖିବା, ମୋର ରହିଥିଲା...ହଁ। ଉ-ହୁଁ। ଠିକ୍।

*ପୁଣି ପିତା ଯେପରି ପୁତ୍ରଙ୍କଠାରେ ମହିମାନ୍ୱିତ ହୁଅନ୍ତି, ଏଥିନିମନ୍ତେ ତୁମ୍ଭେମାନେ ମୋ ନାମରେ ଯାହାକିଛି ମାଗିବ, ତାହା ମୁଁ କରିବି।*

*ଯଦି ତୁମ୍ଭେମାନେ ମୋ ନାମରେ କୌଣସି ବିଷୟ ମାଗିବ, ମୁଁ ତାହା କରିବି।*

*ଯଦି ତୁମ୍ଭେମାନେ ମୋତେ ପ୍ରେମ କର, ତାହାହେଲେ ମୋର ଆଜ୍ଞାସବୁ ପାଳନ କରିବ।*

*ଆଉ ମୁଁ ପିତାଙ୍କୁ ଅନୁରୋଧ କରିବି,* (ତେବେ ଦେଖନ୍ତୁ) *ପୁଣି ତୁମ୍ଭେମାନଙ୍କ ସାଙ୍ଗରେ ଚିରକାଳ ରହିବା ନିମନ୍ତେ, ସେ ତୁମମାନଙ୍କୁ ଆଉ ଜଣେ ସାହାଯ୍ୟକାରୀଙ୍କି;*

*ଅର୍ଥାତ୍ ସେହି ସତ୍ୟମୟ ଆତ୍ମାଙ୍କୁ ଦେବେ; ଜଗତ ତାହାଙ୍କୁ ଗ୍ରହଣ କରି ପାରେ ନାହିଁ, କାରଣ ଜଗତ ତାହାଙ୍କୁ ଦେଖେ ନାହିଁ କିମ୍ବା ଜାଣେ ନାହିଁ: ତୁମ୍ଭେମାନେ ତାହାଙ୍କୁ ଜାଣ; କାରଣ ସେ ତୁମ୍ଭମାନଙ୍କ ସାଙ୍ଗରେ ଥାଆନ୍ତି, ପୁଣି ସେ ତୁମ୍ଭମାନଙ୍କ ଅନ୍ତରେ ରହିବେ।*

57 ତେବେ ସେହି ଆତ୍ମା କିଏ? ପବିତ୍ରଆତ୍ମା କଅଣ ଅଟେ? ଏହା ଆପଣଙ୍କ ଭିତରେ ଖ୍ରୀଷ୍ଟ ଅଟନ୍ତି। ସେହି ସାହାଯ୍ୟକାରୀ, ଯାହାକି ପବିତ୍ରଆତ୍ମା ଅଟନ୍ତି। "ଏବଂ ଯେତେବେଳେ ସେହି ସାହାଯ୍ୟକାରୀ ଆସିବେ, ସେ ସେହି ସମାନ କାର୍ଯ୍ୟଗୁଡିକୁ କରିବେ ଯାହା ମୁଁ କରିଥିଲି ଯେତେବେଳେ ସେହି ସାହାଯ୍ୟକାରୀ ମୋ ଭିତରେ ରହିଥିଲେ। ମୁଁ ପିତାଙ୍କୁ ପ୍ରାର୍ଥନା କରିବି, ଏବଂ ସେ ତୁମକୁ ସେହି ସାହାଯ୍ୟକାରୀଙ୍କି ପ୍ରଦାନ କରିବେ। ତୁମେ ସାହାଯ୍ୟକାରୀଙ୍କି ଜାଣିଛ। ଜଗତ ତାଙ୍କୁ ଜାଣେ ନାହିଁ, କେବେ ଜାଣିବ ସୁଦ୍ଧା ନାହିଁ। କିନ୍ତୁ ତୁମେ ତାଙ୍କୁ ଜାଣିଛ କାରଣ ସେ ବର୍ତ୍ତମାନ ତୁମ ସହିତରେ ରୁହନ୍ତି," ଯୀଶୁ କହିଲେ, "କିନ୍ତୁ ସେ ତୁମମାନଙ୍କ ଅନ୍ତରେ ରହିବେ।" ସେଠାରେ ଆପଣମାନେ ଅଛନ୍ତି, ତାହା ସେହି ସାହାଯ୍ୟକାରୀ ଅଟେ, "ତୁମ ଅନ୍ତରେ ରହିବେ।"

*ମୁଁ ତୁମ୍ଭମାନଙ୍କୁ ଅନାଥ କରି ଛାଡିଯିବି ନାହିଁ: ମୁଁ ତୁମ୍ଭମାନଙ୍କ ନିକଟକୁ ଆସୁଅଛି।*

"ମୁଁ କରିବି ନାହିଁ..." ତେବେ, ତାହା ହେଉଛନ୍ତି ସାହାଯ୍ୟକାରୀ, ଖ୍ରୀଷ୍ଟ। ତାହାହିଁ ଅଟେ ଯାହାକି ପବିତ୍ରଆତ୍ମା, ଖ୍ରୀଷ୍ଟ ଅଟନ୍ତି।

*ଅଳ୍ପମାତ୍ର ସମୟ ରହିଲା, ଜଗତ ମୋତେ ଆଉ ଦେଖିବ ନାହିଁ; ମାତ୍ର ତୁମ୍ଭେମାନେ ମୋତେ ଦେଖିବ, କାରଣ ମୁଁ ଜୀବିତ, ତୁମ୍ଭେମାନେ...ଜୀବିତ ରହିବ।*

58 ଓଃ, ଆମେ ଏହିପରି ଭାବରେ ଆଗକୁ ଓ ଆଗକୁ ଯାଇପାରିବା; କିନ୍ତୁ, ଆପଣ ଜାଣନ୍ତୁ। ସେ କଅଣ ଅଟନ୍ତି? ସେ ଏକ ମୁଦ୍ରା। ସେ ଏକ ଚିହ୍ନ। ସେ ଜଣେ ସାହାଯ୍ୟକାରୀ। ଦେଖନ୍ତୁ ଯେ ସେ ସମସ୍ତ କଅଣ ଅଟନ୍ତି? ଅବ୍ରହାମଙ୍କ ବଂଶ ଏହାକୁ ଅଧିକାର କରେ।

59 ତେବେ ଆସନ୍ତୁ ଆମେ ଏହା ମଧ୍ୟ ଖୋଜିବା ଯେ...ସେହି ସାହାଯ୍ୟକାରୀ ଆଉ କଅଣ ଅଟନ୍ତି। ଆସନ୍ତୁ ପ୍ରଥମ ଯୋହନ 16:7 କୁ ଯିବା, ଦେଖିବା ଯେ ସେ ଜଣେ ଓକିଲ ମଧ୍ୟ, ନୁହଁନ୍ତି କି। ଆପଣ ଜାଣନ୍ତି ଯେ ଜଣେ ଓକିଲ କଅଣ ଅଟେ, ଜଣେ ଓକିଲ କିପରି ପ୍ରସ୍ତୁତ ହୁଏ। ଆମର ଜଣେ ଓକିଲ ଅଛନ୍ତି। ଆମେ ତାହା ଜାଣୁ। ପ୍ରଥମ ଯୋହନ ତାର 16ତମ ପର୍ବ...ଓଃ, ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ, ମୁଁ ଦୁଃଖିତ ଅଟେ। ସାଧୁ ଯୋହନ, ଏହା ଅଟେ, 16:7। ମୁଁ ଦୁଃଖିତ। ମୁଁ ନିଶ୍ଚିତରେ ଦୁଃଖିତ ଯେ ମୁଁ ଏହା କହିଲି। ମୁଁ ମୋ ପଟରୁ ତାହା ଭୁଲ୍ ପାଠ କରିଛି... 16:7 ପାଇଲି।

*କିନ୍ତୁ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି; ମୋହର ପ୍ରସ୍ଥାନ କରିବାରେ ତୁମ୍ଭମାନଙ୍କର ମଙ୍ଗଳ: କାରଣ ମୁଁ ପ୍ରସ୍ଥାନ ନ କଲେ, ସେହି ସାହାଯ୍ୟକାରୀ ତୁମ୍ଭମାନଙ୍କ ନିକଟକୁ ଆସିବେ ନାହିଁ; ମାତ୍ର ମୁଁ ଗଲେ, ତାହାଙ୍କୁ ତୁମ୍ଭମାନଙ୍କ ନିକଟକୁ ପଠାଇଦେବି।*

*ସେ ଆସି ପାପ, ଧାର୍ମିକତା, ଓ ବିଚାର, ବିଷୟରେ ଜଗତକୁ ପ୍ରମାଣ ଦେବେ:*

*ପାପ ବିଷୟରେ, କାରଣ ସେମାନେ ମୋ ଠାରେ ବିଶ୍ୱାସ କରନ୍ତି ନାହିଁ;*

*ଧାର୍ମିକତା ବିଷୟରେ, କାରଣ ମୁଁ ପିତାଙ୍କ ନିକଟକୁ ଯାଉଅଛି, ଓ ତୁମ୍ଭେମାନେ ମୋତେ ଆଉ ଦେଖିବ ନାହିଁ;*

*ବିଚାର ବିଷୟରେ, କାରଣ ଏହି ଜଗତର ଅଧିପତି ବିଚାରିତ ହୋଇଅଛି।*

60 ମୋର ପ୍ରଭୁ! ତେବେ, ସେହି ଓକିଲ, ପ୍ରଥମ ଯୋହନ 2:12 ରେ—ରେ ମିଳେ। ତେବେ ଆସନ୍ତୁ ମାତ୍ର ଗୋଟିଏ ମିନିଟ୍ ପାଇଁ, ତାହାକୁ ପାଠ କରିବା, ପ୍ରଥମ ଯୋହନ 2:12। ମୋତେ କ୍ଷମା କରନ୍ତୁ, ପ୍ରଥମ ଯୋହନ...1 ଏବଂ 2, ଏହା ଅଟେ। ମୁଁ ଏଗୁଡିକ ଲେଖି ରଖିଛି, ପ୍ରଥମ ଯୋହନ 2:1 ରୁ 2।

*ହେ ମୋହର ବତ୍ସଗଣ, ତୁମ୍ଭେମାନେ ଯେପରି ପାପ ନ କର, ଏଥିନିମନ୍ତେ ମୁଁ ଏହିସବୁ ତୁମ୍ଭମାନଙ୍କ ନିକଟକୁ ଲେଖୁଅଛି। କିନ୍ତୁ କେହି ଯଦି ପାପ କରେ,*

*ତାହାହେଲେ ପିତାଙ୍କ ଛାମୁରେ ଆମ୍ଭମାନଙ୍କର ଜଣେ ସପକ୍ଷବାଦୀ ଅଛନ୍ତି, ସେହି ଧାର୍ମିକ ଯୀଶୁ ଖ୍ରୀଷ୍ଟ:*

ସପକ୍ଷବାଦୀ କିଏ? ସେହି ଧାର୍ମିକ ଯୀଶୁ ଖ୍ରୀଷ୍ଟ।

*ଆଉ ସେ—ସେ ଆମ୍ଭମାନଙ୍କ ପାପ ନିମନ୍ତେ: କେବଳ ଆମ୍ଭମାନଙ୍କ ପାପ ନିମନ୍ତେ ନୁହେଁ, ମାତ୍ର ସମସ୍ତ ଜଗତର ପାପ ନିମନ୍ତେ ମଧ୍ୟ ପ୍ରାୟଶ୍ଚିତସ୍ୱରୂପ ଅଟନ୍ତି।*

61 ପବିତ୍ରଆତ୍ମା କଅଣ ଅଟେ? ଏହା ଜଣେ ସପକ୍ଷବାଦୀ ଅଟନ୍ତି। କଅଣ କରେ... ଜଣେ ସପକ୍ଷବାଦୀ କଅଣ ଅଟେ? ଏହା କଅଣ କରେ? ଏକ ସପକ୍ଷରେ କଥା କୁହେ। ତାହାଙ୍କଠାରେ ଦୟା ଥାଏ। ଏହା, ଏହା ଆପଣଙ୍କ ସ୍ଥାନରେ ଛିଡ଼ା ହୁଏ। ଏହା, ଏହା ଏପରି ବିଷୟଗୁଡିକ କରେ ଯାହା ଆପଣ କରିପାରନ୍ତି ନାହିଁ। ଏହା, ଏହା—ଏହା ଆପଣଙ୍କର ପାପ ପାଇଁ ଏକ ପ୍ରାୟଶ୍ଚିତସ୍ୱରୂପ ଅଟେ। ଏହା ଆପଣଙ୍କର ଧାର୍ମିକତା ଅଟେ। ଏହା ଆପଣଙ୍କର ଆରୋଗ୍ୟତା ଅଟେ। ଏହା ଆପଣଙ୍କର ଜୀବନ ଅଟେ। ଏହା ଆପଣଙ୍କର ପୁନରୁତ୍‌ଥାନ ଅଟେ। ଏହା ତାହା ସବୁକିଛି ଅଟେ ଯାହା ପରମେଶ୍ୱର ଆପଣଙ୍କ ପାଇଁ ରଖିଛନ୍ତି। ସେ ଜଣେ ସପକ୍ଷବାଦୀ ଅଟନ୍ତି।

62 ଆମେ କିପରି ତାହା ସହିତରେ ସବିଶେଷ ବିବରଣୀ ଅମଦଷକୁ ଯାଇପାରିବା ଓ ତାହାକୁ ଭାଙ୍ଗିପାରିବା, କିପରି ଯେ ତାହା ଅଟେ ଯେତେବେଳେକି ଏହା—ଏହା ଆମର ଅଜ୍ଞତା ନିମନ୍ତେ ମଧ୍ୟସ୍ଥି କରିଥାଏ। କେତେକ ସମୟରେ ଯେତେବେଳେକି ସେହି... ଆମେ ପବିତ୍ରଆତ୍ମା ପାଇଥାଉ, ଆମେ ଅଜଣାତରେ କୌଣସି ବିଷୟରେ ଝୁଣ୍ଟି ପଡିଥାଉ। ପବିତ୍ରଆତ୍ମା ସେଠାରେ ଆମ ପାଇଁ ସପକ୍ଷରେ କଥା କହିବା ନିମନ୍ତେ ଅଛନ୍ତି। ସେ ଆମର ସପକ୍ଷବାଦୀ। ସେ ଆମର...ସେ ଆମର ଓକିଲ ଅଟନ୍ତି। ସେ ସେଠାରେ ଛିଡ଼ା ହୋଇ ଆମ ପାଇଁ ନିବେଦନ କରନ୍ତି। ଆମେ ନିଜ ପାଇଁ ନିବେଦନ କରି ନ ଥାଉ, କାରଣ ଆମ ଭିତରେ ଥିବା ପବିତ୍ରଆତ୍ମା ଆମ ପାଇଁ ନିବେଦନ କରନ୍ତି। ପବିତ୍ରଆତ୍ମା ଶବ୍ଦର ଉଚ୍ଚାରଣ ପ୍ରଦାନ କରନ୍ତି, ବେଳେବେଳେ ତ ଏପରି ଶବ୍ଦ ସହିତ ଯାହାକି ଆପଣ ବୁଝିପାରନ୍ତି ନାହିଁ, ଏବଂ ସେ ଆମ ପାଇଁ ମଧ୍ୟସ୍ଥି କରନ୍ତି। ତାହାହିଁ ହେଉଛି ଯାହାକି ପବିତ୍ରଆତ୍ମା ଅଟନ୍ତି।

63 ଯେତେବେଳେ ମୁଁ କୌଣସି ବିଷୟ ଭିତରକୁ ଯାଏ, ମୁଁ—ମୁଁ ଏକ ଛୋଟ ପିଲା ପରି ଗମନାଗମନ କରେ; ଆପଣ ଏକ ଛୋଟ ପିଲା ପରି ଗମନାଗମନ କରନ୍ତି। ଆମେ, ଆମେମାନେ ଏପରି ଏକ ଅନ୍ଧକାର ଜଗତରେ ଗମନାଗମନ କରୁଛୁ ଯାହାକି ଶତ୍ରୁମାନଙ୍କରେ ପରିପୂର୍ଣ୍ଣ, ପାପରେ ପରିପୂର୍ଣ୍ଣ, ଫାନ୍ଦରେ ପରିପୂର୍ଣ୍ଣ, ସବୁକିଛିରେ ପରିପୂର୍ଣ୍ଣ ଅଟେ।

ଆପଣ କୁହନ୍ତି, "ଓଃ, ମୁଁ ଭୟ କରେ। ମୁଁ ଖ୍ରୀଷ୍ଟିଆନ ଜୀବନ ଗ୍ରହଣ କରିବାକୁ ଭୟ କରେ। ମୁଁ, ମୁଁ *ଏହା* କରିବାକୁ ଭୟ କରେ। ମୁଁ ଭୟ କରେ ଯେ ମୁଁ *ଏହା* କରିଦେବି।"

ଭୟ କରନ୍ତୁ ନାହିଁ । ଆମର ଜଣେ ସପକ୍ଷବାଦୀ ଅଛନ୍ତି । ଆମେନ୍ । ଓଃ, ସେ ଆମ ପାଖରେ ଛିଡା ହୋଇଥାନ୍ତି । ସେ ଆମ ଭିତରେ ଅଛନ୍ତି, ଏବଂ ସେ ଆମ ପାଇଁ ମଧ୍ୟସ୍ଥି କରନ୍ତି । ସେହି ପବିତ୍ରଆତ୍ମା, ନିରନ୍ତର, ନିରନ୍ତର ଭାବରେ, ସବୁ ସମୟରେ ଆମ ପାଇଁ ଏକ ସପକ୍ଷରେ କଥା କହୁଛନ୍ତି । ସେ ଆମର ସପକ୍ଷବାଦୀ ଅଟନ୍ତି । ଓଃ, ଏଥିପାଇଁ ଆମେ କିପରି ପରମେଶ୍ୱରଙ୍କୁ ଧନ୍ୟବାଦ ଦେଉ!

64 ଏକ ମୁଦ୍ରା, ଏକ ଚିହ୍ନ, ଜୀବନର ସେହି ଆତ୍ମା, ସ୍ୱର୍ଗର ସେହି ପରମେଶ୍ୱର, ସେହି ସାହାଯ୍ୟକାରୀ, ସେହି ଜୀବନ, ସେହି ସପକ୍ଷବାଦୀ । ସେ କଅଣ ଅଟନ୍ତି? ଓଃ, ମୋର ପ୍ରଭୁ! ଆମେ ଏହା ସହିତ ଘଣ୍ଟା ଘଣ୍ଟା ଧରି ଯାଇପାରିବା ।

65 ତେବେ ଆମେ ମାତ୍ର ଗୋଟିଏ ମିନିଟ୍ ପାଇଁ ପରିବର୍ତ୍ତନ କରିବାକୁ ଯାଉଛୁ । ତେବେ ଆମେ ବର୍ତ୍ତମାନ ପଚାରିବାକୁ ଯାଉଛୁ…

ଶେଷ ଦିନରେ ଆମକୁ ପ୍ରତିଜ୍ଞା କରାଯାଇଛି! ଏହି ସପକ୍ଷବାଦୀ, ମୁଦ୍ରା, ପ୍ରତିଜ୍ଞା, ସବୁକିଛି ଯାହା ଆମେ ଆଜି ରାତି ତାହାଙ୍କ ବିଷୟରେ କଥାବାର୍ତ୍ତା କରିଛୁ, ପୁଣି ଦଶ ହଜାର ଗୁଣ ଅଧିକ ସହିତ, ଶେଷ ଦିନରେ ଏହା ଆମକୁ ଏକ ପ୍ରତିଜ୍ଞା କରାଯାଇଥିଲା ।

ସେଦିନ ତାହା ସେମାନଙ୍କ ପାଖରେ ନ ଥିଲା । ସେମାନଙ୍କ ପାଖରେ ଏକ ଟୋକନ୍ ଚିହ୍ନ ଏବଂ ଚିହ୍ନ ଭାବରେ, କେବଳ ଶରୀରରେ ଏକ ମୁଦ୍ରା ରହିଥିଲା, ଏହା ଆସୁଛି ବୋଲି ବିଶ୍ୱାସ କରିଥିଲେ, ଓ ସେମାନେ ସେହି ବ୍ୟବସ୍ଥାର ଛାୟାରେ ଚାଲିଥିଲେ । ଯାହାକି, ସେମାନେ ଶରୀର ଦ୍ୱାରା ସୁନ୍ନତ ହୋଇଥିଲେ ।

66 ଆଜି ଆମେ ବ୍ୟବସ୍ଥାର ଛାୟା ଦ୍ୱାରା ଚାଲୁ ନାହୁଁ । ଆମେ ପୁନରୁତ୍ଥାନର ଶକ୍ତି ଦ୍ୱାରା ଚାଲୁଅଛୁ । ଆମେ ଆତ୍ମାଙ୍କ ଶକ୍ତି ଦ୍ୱାରା ଚାଲୁଅଛୁ, ଯିଏକି ଆମର ପ୍ରକୃତ ମୁଦ୍ରା, ଆମର ପ୍ରକୃତ ସପକ୍ଷବାଦୀ, ଆମର ପ୍ରକୃତ ସାହାଯ୍ୟକାରୀ, ଆମର ପ୍ରକୃତ ଚିହ୍ନ ଅଟନ୍ତି ଯେ ଆମେ ଉପରିସ୍ଥରୁ ଜନ୍ମ ହୋଇଛୁ; ବିଚିତ୍ର, ଅଦ୍ଭୁତ ଲୋକ, କୌତୁକୀଆ ଆଚରଣ କରୁଛୁ, ପରମେଶ୍ୱରଙ୍କୁ ତାହାଙ୍କ ବାକ୍ୟରେ ଗ୍ରହଣ କରୁଛୁ, ଅନ୍ୟ ସବୁକିଛିକୁ ଭୁଲ୍ ବୋଲି କହୁଛୁ । ପରମେଶ୍ୱରଙ୍କ ବାକ୍ୟ ଠିକ୍ ଅଟେ । ତାହା ହେଉଛି…ଓଃ, ମୋର ପ୍ରଭୁ! ତାହାହିଁ ହେଉଛି ଯାହାକି ପବିତ୍ରଆତ୍ମା ଅଟେ ।

67 କଅଣ ଆପଣ ଏହାକୁ ଚାହାଁନ୍ତି? କଅଣ ଆପଣ ଏହାକୁ ପାଇବାକୁ ପସନ୍ଦ କରିବେ ନାହିଁ କି? ଆସନ୍ତୁ ଦେଖିବା ଯେ ଏହା ପ୍ରତିଜ୍ଞା କରାଯାଇଥିଲା କି ନାହିଁ ।

ତେବେ ଆସନ୍ତୁ ଯିଶାଇୟ ନିକଟକୁ, ଯିଶାଇୟଙ୍କ ପୁସ୍ତକକୁ ଫେରିଯିବା । ଆସନ୍ତୁ ଯିଶାଇୟର ୨୮ତମ ପର୍ବକୁ ଯିବା । ତେବେ ଆମେ ଯିଶାଇୟ ୨୮ କୁ ଯାଉଅଛୁ, ଏବଂ ଆମେ ଏହା ବିଷୟରେ ଆରମ୍ଭ କରିବାକୁ ଯାଉଛୁ…ଆସନ୍ତୁ ସେହି ୫ମ ପଦକୁ ନେବା, ଦେଖିବା ଯେ ଯିଶାଇୟ କଅଣ କହିଥିଲେ, ଏହା ଆସିବାର ସାତ ଶହ ବାର ବର୍ଷ ପୂର୍ବରୁ ।

68 ଆମେ ଏହା ବିଷୟରେ ବହୁତ କିଛି କହିପାରିବା, ଫେରିଯାଇ, ପଶ୍ଚାତ ବିଷୟଗୁଡିକରେ, ମାତ୍ର ଆମେ କେବଳ ଠିକ୍ ଏଠାରେ ଆରମ୍ଭ କରିବା ଓ ଦେଖିବା ଯେ ଏହା ମଣ୍ଡଳୀକୁ ପ୍ରତିଜ୍ଞା କରାଯାଇଥିଲା କି ନାହିଁ। ତାହା କେଉଁ ଦିନରେ ଆସିବାର ଥିଲା? ଶେଷ ଦିନଗୁଡ଼ିକରେ, ଯେତେବେଳେକି ସେଠାରେ ଏକ—ଏକ ଦୁର୍ନୀତି ରହିଥିବ। ତେବେ ମନେରଖନ୍ତୁ, ସେହି ଶବ୍ଦଟି ବହୁବଚନରେ ଅଛି, "ଦିନଗୁଡିକ," ବିଗତ ଦୁଇ ଦିନଗୁଡିକ, ବିଗତ ଦୁଇ ହଜାର ବର୍ଷ।

ତେବେ, ବର୍ତ୍ତମାନ ସେହି ୫ମ ପଦ।

ସମସ୍ତ, *କାରଣ ମେଜସବୁ ବାନ୍ତି ଓ ମଳରେ...ପରିପୂର୍ଣ୍ଣ, କୌଣସି ପରିଷ୍କୃତ* ସ୍ଥାନ ନାହିଁ।

69 ଏହାକୁ ଖୋଜିବା ପାଇଁ ଆଜି ଚାରିଆଡ଼େ ଅନାନ୍ତୁ। ଚାରିଆଡେ ଦେଖନ୍ତୁ ଓ ଦେଖନ୍ତୁ ଯେ ଆମେ ସେହି ଦିନରେ ଅଛୁ କି? "ସମସ୍ତ ମେଜଗୁଡିକ!" କାହିଁକି, ସେମାନେ ପ୍ରଭୁଭୋଜକୁ ଯାଆନ୍ତି, ଏବଂ ପ୍ରଥମ ବିଷୟ, ବସ୍ତୁ ଶାସ୍ତ୍ରରେ, ହାଲୁକା ରୁଟି କିମ୍ବା ଏକ ସୋଡା ବିସ୍କୁଟର ପୁରୁଣା ଖଣ୍ଡଟିଏ ନିଅନ୍ତି, ଏବଂ ଏହାକୁ ଭାଙ୍ଗି ପ୍ରଭୁଭୋଜ କରନ୍ତି। ଯେତେବେଳେକି, ତାହା ପବିତ୍ରଆତ୍ମାର ହସ୍ତରେ, ଏବଂ ଖମୀରଶୂନ୍ୟ ରୁଟି ସହିତ ତିଆରି ହେବା ଉଚିତ୍। ଖ୍ରୀଷ୍ଟ ଅପରିଷ୍କାର ଏବଂ ଅଶୂଚୀ ନୁହଁନ୍ତି, ଆଉ ତାହା ତାହାଙ୍କୁ ପ୍ରତିନିଧିତ୍ୱ କରେ।

70 ଅନ୍ୟ ଏକ ବିଷୟ, ସେମାନେ ଏହାକୁ ସେହି ଲୋକମାନଙ୍କୁ ଦେଇ ଦିଅନ୍ତି ଯେଉଁମାନେକି ମଦ୍ୟପାନ କରନ୍ତି, ମିଛ କୁହନ୍ତି, ଚୋରି କରନ୍ତି, ଧୂମପାନ କରନ୍ତି, ତମ୍ବାଖୁ ଚୋବାନ୍ତି, (ହ୍ୟୁ!) ଯେକୌଣସି ବିଷୟ କରନ୍ତି, ଯେପର୍ଯ୍ୟନ୍ତକି ସେମାନେ ମଣ୍ଡଳୀର ସମ୍ପୃକ୍ତ ଅଟନ୍ତି। ଏହାଠାରୁ ଦୂର ହେଉ! ଯଦି କୌଣସି ବ୍ୟକ୍ତି ଏହାକୁ ଗ୍ରହଣ କରିଥାଏ ଯେତେବେଳେକି ଆମେ ଏଠାରେ ଏହା ଭୋଜନ କରୁ, ସେ ପ୍ରଭୁଙ୍କ ଶରୀରକୁ ବୁଝି ନ ପାରି, ନିଜ ପ୍ରତି ନିନ୍ଦାକୁ ନିଃଶ୍ୱାସରେ ନେଉଅଛି ଓ ପାନ କରୁଅଛି। ଯଦି ସେ ସଠିକ୍ ଜୀବନ ଯାପନ କରୁ ନାହିଁ, ତେବେ ଏଥିରୁ ଦୂରେଇ ରୁହନ୍ତୁ।

ଏବଂ ଯଦି ଆପଣ ଏହାକୁ ଗ୍ରହଣ କରୁ ନାହାଁନ୍ତି, ଏହା ଦର୍ଶାଏ ଯେ ଆପଣଙ୍କର ନିଜର ବିବେକ ଦୋଷୀ ଅଟେ। "ଯେଉଁ ଲୋକ ଏହାକୁ ଭୋଜନ ନ କରେ, ତାହାର ମୋ ସହିତ କୌଣସି ଅଂଶ ନାହିଁ," ଯୀଶୁ କହିଲେ।

71 କିନ୍ତୁ ପ୍ରଭୁଙ୍କର ମେଜସବୁ ଅପରିଷ୍କାର ହୋଇଯାଇଛି। ସେଠାରେ କୌଣସି ଗୋଟିଏ ହେଲେ ପରିଷ୍କାର ସ୍ଥାନ ନାହିଁ। ଶୁଣନ୍ତୁ, ଯଦି ତାହା ଆଜିର ଚିତ୍ରଣ କରେ ନାହିଁକି!

*ସେ କାହାକୁ...ସେ କାହାକୁ ଜ୍ଞାନ ଶିକ୍ଷା ଦେବ? ସେ କାହାକୁ କରିବେ... ସମାଚାର ବୁଝାଇ ଦେବ?...*

...କିଏ ଜ୍ଞାନ ଶିକ୍ଷା *ବୁଝିବ?*...ସେ କାହାକୁ *ସମାଚାର ବୁଝାଇ ଦେଇ ପାରିବ?*...

"ତେବେ, ପରମେଶ୍ୱରଙ୍କ ନାମ ଧନ୍ୟ ହେଉ, ମୁଁ ପ୍ରେସ୍‌ବିଟେରିଆନ୍ ଅଟେ। ମୁଁ ମେଥୋଡିଷ୍ଟ ଅଟେ। ମୁଁ ପେଣ୍ଟିକଷ୍ଟାଲ ଅଟେ। ମୁଁ ନାଜରିନ୍ ଅଟେ। ମୁଁ ପିଲ୍‌ଗ୍ରିମ୍ ହୋଲିନେସ୍ ଅଟେ।" ଏହାର ପରମେଶ୍ୱରଙ୍କ ସହିତ କିଛି ହେଲେ ଅର୍ଥ ନୁହେଁ; କେବଳ ଅନ୍ୟ ଏକ ମେଜ।

...ମୁଁ କାହାକୁ *ସମାଚାର* ବୁଝାଇ ଦେବି?...

72 କି ପ୍ରକାର ସମାଚାର; ମେଥୋଡିଷ୍ଟ, ବାପ୍‌ଟିଷ୍ଟ, ପ୍ରେସ୍‌ବିଟେରିଆନ୍, ପେଣ୍ଟିକଷ୍ଟାଲ? ବାଇବଲର ସମାଚାର!

...ମୁଁ କାହାକୁ *ସମାଚାର* ବୁଝାଇ ଦେବି?...

73 ଯେତେବେଳେ ଆପଣ ଏହାକୁ ପାଆନ୍ତି ଆପଣ କିପରି ଜାଣିବେ? ଆମେ ଶୁକ୍ରବାର ରାତି ତାହା ଭିତରକୁ ଯିବା। ବୁଝିଲେ?

...ମୁଁ କାହାକୁ *ସମାଚାର* ବୁଝାଇ ଦେବି? (ତେବେ ଦେଖନ୍ତୁ) *କି ଦୁଗ୍ଧତ୍ୟାଗୀ ଓ ସ୍ତନ୍ୟପାନରୁ ନିବୃତ୍ତ ଶିଶୁମାନଙ୍କୁ।*

74 ଛୋଟ ଶିଶୁମାନେ କୁହନ୍ତି, "ତେବେ, ମୁଁ ମଣ୍ଡଳୀକୁ ଯାଏ, ମୋ ମାଆ ଏହି ମଣ୍ଡଳୀରେ ସମ୍ପୃକ୍ତ ଥିଲେ।" ପ୍ରିୟ ଭାଇ, ମୋର ଏହା ବିରୁଦ୍ଧରେ କିଛି ନାହିଁ। ଏବଂ ମୁଁ ଅନୁଭବ କରୁଛି ଯେ ଏହା ଟେପ୍ କରାଯାଉଛି। ତାହା ଠିକ୍ ଅଛି, ମାଆର ମଣ୍ଡଳୀରେ ସମ୍ପୃକ୍ତ ହେବା। କିନ୍ତୁ, ଶୁଣନ୍ତୁ, ମାଆ ଗୋଟିଏ ଆଲୋକରେ ଚାଲିଥିଲେ, ଆପଣ ଅନ୍ୟ ଆଲୋକରେ ଚାଲୁଛନ୍ତି।

75 ଲୁଥର୍ ଗୋଟିଏ ଆଲୋକରେ ଚାଲିଥିଲେ; ୱେସ୍‌ଲି ଅନ୍ୟଟିରେ ଚାଲିଥିଲେ। ୱେସ୍‌ଲି ଗୋଟିଏ ଆଲୋକରେ ଚାଲିଥିଲେ; ପେଣ୍ଟିକଷ୍ଟ ଅନ୍ୟ ଏକରେ ଚାଲିଥିଲା। କିନ୍ତୁ ଆମେ ଆଜିର ଅପେକ୍ଷା ଅଧିକ ଉଚ୍ଚରେ ଚାଲୁଅଛୁ। ଆଉ ଯଦି ଅନ୍ୟ କୌଣସି ପୀଢୀ ଥାଏ, ତାହା ଆମଠାରୁ ମଧ୍ୟ ଅଧିକ ଅତିକ୍ରମ କରି ଚାଲିଯିବ।

76 ପଶ୍ଚାତ୍ କାଳରେ ଆରମ୍ଭିକ ଦିନମାନଙ୍କରେ, ଯେତେବେଳେକି ବିଷୟଟି ପ୍ରଶସ୍ତ, ଅନେକ ପ୍ରଶସ୍ତ ଥିଲା, ଲୁଥର୍ ବିଶ୍ୱାସ ଦ୍ୱାରା ଧାର୍ମିକତାର ଶିକ୍ଷା ଦେଇଥିଲେ। ତାହା ତ କେବଳ ଲୋକମାନଙ୍କୁ କ୍ୟାଥୋଲିକବାଦରୁ ପ୍ରୋଟେଷ୍ଟାଣ୍ଟବାଦକୁ, ବାକ୍ୟର ଚାରିପାଖରେ ସହଭାଗୀତା ନିକଟକୁ ଆଣିବା ପାଇଁ ଥିଲା। ବିଶ୍ୱାସ ଦ୍ୱାରା ଧାର୍ମିକତା, ତାହା ତ ଏକ ବଡ଼ ବିସ୍ତୃତ ଗୋଲାକାର ଥିଲା। ସେମାନେ ତାହାଠାରୁ କେବେ ବି ଆଗକୁ ଗଲେ ନାହିଁ।

77 ତାହାପରେ ଆଉ ଏକ ଉଦ୍ଦୀପନା ଜନ୍ ୱେସଲି ନାମରେ ଆସିଲା। ଏହା ସେମାନଙ୍କୁ ସେଥିରୁ ଦୋହଲାଇ ଦେଲା, ଏବଂ ସେମାନଙ୍କୁ ପବିତ୍ରୀକରଣକୁ ନେଇ ଆସିଲା, ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା ପବିତ୍ରୀକୃତ ହୋଇ ଏକ ଉତ୍ତମ, ନିର୍ମଳ, ପବିତ୍ର ଜୀବନ ଯାପନ

କରିବା, ଆପଣଙ୍କ ହୃଦୟରେ ଆନନ୍ଦ ପ୍ରଦାନ କରିବା । ତାହା ଲୁଥରାନ୍ ଶିକ୍ଷାର ଅନେକ କିଛି ବିଷୟକୁ ଝାଡି ପକାଇ ଦେଲା ।

78 ତାହାପରେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ସହିତ ପେଣ୍ଟିକଷ୍ଟ ଆସିଲା, ଏବଂ ପବିତ୍ରଆତ୍ମାଙ୍କୁ ଗ୍ରହଣ କରିବା ଦ୍ୱାରା, ଏହାକୁ ପୁନର୍ବାର ସଂକୀର୍ଣ୍ଣ କରିଦେଲା । ତାହା ଠିକ୍ ଅଟେ ।

ଆଉ ବର୍ତ୍ତମାନ ତାହା ଦୋହଲି ପଡ଼ିଯିବାକୁ ଆରମ୍ଭ କଲାଣି । ଏବଂ ଦାନ ବରଦାନଗୁଡିକ, ଓ ପୁନଃସ୍ଥାପନ, ଆଉ ପରମେଶ୍ୱରଙ୍କ ଆତ୍ମା, ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମର ପରିପୂର୍ଣ୍ଣତାରେ, ମଣ୍ଡଳୀ ମଧ୍ୟକୁ ଆସିଛି, ଏବଂ ପେଣ୍ଟିକଷ୍ଟକୁ ହଲାଇ ଦେଇଛି । ଏହା କଅଣ ଅଟେ? ଆମେ ପ୍ରଭୁ ଯୀଶୁଙ୍କର ଆଗମନର ଏତେ ନିକଟବର୍ତ୍ତୀ ଅଟୁ, ଯେ ଏପରିକି ତାହାଙ୍କଠାରେ ଥିବା ଠିକ୍ ସେହି ଆତ୍ମା ମଣ୍ଡଳୀରେ କାର୍ଯ୍ୟ କରୁଅଛି, ଠିକ୍ ସେହି ସମାନ କାର୍ଯ୍ୟଗୁଡିକୁ କରୁଅଛି ଯାହାକି ସେ ସେତେବେଳେ କରିଥିଲେ ଯେତେବେଳେ ସେ ଏଠାରେ ପୃଥିବୀରେ ଥିଲେ । ପଛରେ ପ୍ରେରିତମାନଙ୍କ ସମୟଠାରୁ ନେଇ ଏହି ସମୟ ପର୍ଯ୍ୟନ୍ତ, ଏହା କେବେହେଲେ କୌଣସି ସ୍ଥାନରେ ସେପରି ହୋଇ ନ ଥିଲା ।

କାହିଁକି? ଦେଖନ୍ତୁ, ଏହା ପ୍ରଶସ୍ତ; ସଂକୀର୍ଣ୍ଣ, ସଂକୀର୍ଣ୍ଣ, ସଂକୀର୍ଣ୍ଣ ହେଉଅଛି । ଏହା କଅଣ ଅଟେ? ଠିକ୍ ଯେପରି ଆପଣଙ୍କର ହାତ ଛାୟାକୁ ଆସୁଛି; ନକାରାତ୍ମକ, ନକାରାତ୍ମକ, ନକାରାତ୍ମକ ଅଟେ । ମାତ୍ର ଏହା କଅଣ ଅଟେ? ଏହା ଏକ ପ୍ରତିଫଳନ । ଲୁଥର୍ କଅଣ ଥିଲେ? ଖ୍ରୀଷ୍ଟଙ୍କ ପ୍ରତିଫଳନ । ୱେସଲି କଅଣ ଥିଲେ? ଖ୍ରୀଷ୍ଟଙ୍କ ପ୍ରତିଫଳନ ।

79 ଦେଖନ୍ତୁ, ବିଲି ସଣ୍ଡେର କାଳ ବର୍ତ୍ତମାନ ହିଁ ଶେଷ ହୋଇଛି । ଅନ୍ୟ ଏକ ଦିନ, ବୃଦ୍ଧ ଡାଃ ହ୍ୱିଟନି, ଠିକ୍ ଏଠାରେ ଏହି ପ୍ରଚାର ମଞ୍ଚ ଉପରେ ଶିକ୍ଷା ଦେଇଛନ୍ତି, ସେହି ପୁରାତନ ବିଦ୍ୟାଳୟର ଅନ୍ତିମ ଜଣ, ମୃତ୍ୟୁବରଣ କଲେ, ପ୍ରାୟଃ ନବେ ବର୍ଷରେ, ମୁଁ ଅନୁମାନ କରେ । ବିଲି ସଣ୍ଡେ ତାଙ୍କ ସମୟରେ ନାମଧାରୀ ମଣ୍ଡଳୀଗୁଡକ ପ୍ରତି ଜଣେ ଉଦ୍ଦୀପକ ଥିଲେ । ସେ କୌଣସି କଠୋର ବିଷୟ ଲୁଚାଇ ରଖିଲେ ନାହିଁ; ସେଠାରେ ଛିଡ଼ା ହୋଇ ଚିତ୍କାର କରିଥିଲେ, "ତୁମେ ସମସ୍ତ ମେଥୋଡିଷ୍ଟମାନେ ଧୂଳିସାତ ହୋଇଛ, ପ୍ରଚାରକଗଣ ଏବଂ ସମସ୍ତେ! ତୁମେ ସମସ୍ତ ବାପ୍‌ଟିଷ୍ଟମାନେ ଧୂଳି ଫାଙ୍କିଛ! ତୁମେ ପ୍ରେସ୍‌ବିଟେରିଆନ୍‌ମାନେ!" ସେ କୌଣସି କଠୋର ବିଷୟ କହିବାରୁ କ୍ଷାନ୍ତ ହେଲେ ନାହିଁ । ସେ ଏହି ଦିନର ବିଲି ଗ୍ରାହାମ୍ ଥିଲେ ।

80 ଧ୍ୟାନ ଦିଅନ୍ତୁ । ଏବଂ ତାହାପରେ, ସେହି ସମାନ ସମୟରେ ଯେତେବେଳେକି ନାମଧାରୀ ମଣ୍ଡଳୀର ସେମାନଙ୍କର ଉଦ୍ଦୀପନା ଚାଲିଥିଲା, କଅଣ ହୋଇଥିଲା? ପୂର୍ଣ୍ଣ ସୁସମାଚାରରେ ଏକ ଉଦ୍ଦୀପନା ଚାଲିଥିଲା । ତାହାପରେ ବୋସୱର୍ଥ ଭାଇମାନେ, ସ୍ମିଥ୍ ୱିଗଲ୍‌ସୱର୍ଥ, ଏବଂ ଡାଃ. ପ୍ରାଇସ୍, ଏମି ମ୍ୟାକଫର୍ସନ୍, ସେମାନେ ସମସ୍ତେ ଆସିଲେ ।

ଦେଖନ୍ତୁ, ସ୍ମିଥ୍ ୱିଗଲ୍‌ସୱର୍ଥ ଗୋଟିଏ ରାତିରେ ମୃତ୍ୟୁବରଣ କଲେ । ପରଦିନ ସକାଳେ ଡାକ୍ତର ପ୍ରାଇସ୍‌ଙ୍କ ମୃତ୍ୟୁ ହୋଇଥିଲା । ଚବି-ଶ ଘଣ୍ଟା ମଧ୍ୟରେ ମୁଁ ପ୍ରଚାର କ୍ଷେତ୍ରରେ ରହିଥିଲି ।

81 ତେବେ ମୋର ଶେଷକାଳ ଆସୁଛି । ଦେଖନ୍ତୁ...ଆପଣ ବିଲି ଗ୍ରାହାମ୍ ବିଷୟରେ ଅଧିକ ଶୁଣନ୍ତି ନାହିଁ । ଆପଣ ଓରାଲ୍ ରୋବର୍ଟସ୍‌ଙ୍କ ବିଷୟରେ ଅଧିକ ଶୁଣନ୍ତି ନାହିଁ । ମୁଁ ମୋର ସଭାଗୁଡ଼ିକର ସମାପ୍ତି ହେଉଥିବାର ଛାୟାକୁ ଦେଖୁଛି । ଘଟଣାଟି କଅଣ? ଆମେ ଶେଷରେ ଅଛୁ, ଅନ୍ୟ ଏକ ଯୁଗରେ ଅଛୁ ।

82 ବିଲି ସଣ୍ଡେ, ଏବଂ ସେମାନେ କିପରି ଆସିଲେ? ସେମାନେ ମହାନ ମୁଡିଙ୍କ ଉଦ୍ଦୀପନାର ଠିକ୍ ପରେ ପରେ ଆସିଲେ । ମୁଡି କେବେ ଆସିଲେ? ଠିକ୍ ନକ୍ସଙ୍କ ଉଦ୍ଦୀପନା ପରେ । ନକ୍ସ କେବେ ଆସିଲେ? ଠିକ୍ ଫିନ୍ନିଙ୍କ ଉଦ୍ଦୀପନା ପରେ । କାଲ୍‌ଭିନ୍‌ଙ୍କ ପରେ ଫିନ୍ନି, ପରେ କାଲ୍‌ଭିନ୍...ତେଣୁକରି, ୱେସ୍‌ଲି, ଏବଂ ଲୁଥରଙ୍କ ପରେ ୱେସ୍‌ଲି । ଯୁଗ ଯୁଗମାନ ଦେଇ ତାହା ଆସେ । ଠିକ୍ ଯେତେବେଳେ ଗୋଟିଏ ଉଦ୍ଦୀପନା ସମାପ୍ତ ହୁଏ, ପରମେଶ୍ୱର ଅନ୍ୟ ଗୋଟିଏକୁ ଉଠାନ୍ତି ଓ ଅଧିକ ପ୍ରକାଶ ପକାନ୍ତି; ଠିକ୍ ସେହିପରି ଭାବରେ ଆଗକୁ ଚାଲିଥାଏ ।

83 ବର୍ତ୍ତମାନ ଆମେ ଏହି ସମୟର ଶେଷରେ ଅଛୁ । ପ୍ରତ୍ୟେକ ବ୍ୟକ୍ତି ତାଙ୍କ ମାର୍ଗ ସଂଯୋଗର ଶେଷ ସମୟ ଆଡକୁ ଖ୍ରୀଷ୍ଟଙ୍କ ଆଗମନକୁ ଚାହିଁ ରହିଥିଲେ, ମାତ୍ର ସେମାନଙ୍କୁ ବହୁତ କିଛି ବିଷୟକୁ ଅପେକ୍ଷା କରିବାକୁ ପଡିଥିଲା; ଯିହୁଦୀମାନଙ୍କର ପ୍ରତ୍ୟାବର୍ତ୍ତନ, ଆକାଶରେ ଉଡ଼ନ୍ତା ଗୋଲାକାର ବସ୍ତୁମାନ, ସେସମସ୍ତ ବିଷୟ ଯାହାକି ଆଜି ଆମେମାନେ ଦେଖୁଅଛୁ । ମାତ୍ର ଆମେ ଶେଷ ସମୟରେ ଅଛୁ । ଆମେ ବର୍ତ୍ତମାନ ଏଠାରେ ଅଛୁ । ସେମାନେ ଜାଣିଥିଲେ ଯେ ମଣ୍ଡଳୀକୁ ସେହି ଶକ୍ତି ଗ୍ରହଣ କରିବାକୁ ଥିଲା ଯାହାକି ଖ୍ରୀଷ୍ଟ କରିଥିବା ସେହି ସମାନ କାର୍ଯ୍ୟକୁ ମଣ୍ଡଳୀରେ ସାଧନ କରିବ, କାରଣ ଛାୟା ଯେପରି ଗଭୀର ଓ ଗଭୀର ହୋଇ ଚାଲିଥାଏ, ଆଉ ଆହୁରି ଅଧିକ ପ୍ରତିଫଳିତ କରିଥାଏ ।

84 ଆପଣ ଏକ ଛାୟାକୁ ନିଅନ୍ତୁ । ଛାୟାଠାରୁ ଯେତିକି ଦୂରକୁ ଯିବେ, ସେତିକି କମ୍ ପ୍ରତିଫଳନ ଆପଣ ଛାୟାରୁ ପାଇବେ । କିଛି ସମୟ ପରେ, ଛାୟାଟି ନିକଟତର ଓ ନିକଟବର୍ତ୍ତୀ ହୁଏ, ଯେପର୍ଯ୍ୟନ୍ତ କି ସେହି ଗଛ ଏବଂ ଛାୟା ସେହି ସମାନ ବିଷୟ ହୋଇଯାଏ ।

85 ତେବେ, ପରମେଶ୍ୱରଙ୍କ ଆତ୍ମା ଲୁଥରଙ୍କ ଅଧୀନରେ, ଧାର୍ମିକ ଗଣନା ହେବା; ୱେସ୍‌ଲିଙ୍କ ଅଧୀନରେ, ପବିତ୍ରୀକରଣ; ପେଣ୍ଟିକଷ୍ଟ ଅଧୀନରେ, ପବିତ୍ରଆତ୍ମାଙ୍କର ବାପ୍ତିସ୍ମକୁ କାର୍ଯ୍ୟକାରୀ କରିଅଛି; ଏବଂ ଏଠାରେ ଏହା ଶେଷ ଦିନରେ, ଠିକ୍ ସେହି ସମାନ କାର୍ଯ୍ୟଗୁଡିକୁ ସାଧନ ଓ କାର୍ଯ୍ୟକାରୀ କରୁଅଛି ଯାହାକି ସେତେବେଳେ ହୋଇଥିଲା ଯେତେବେଳେ ତାହା ଖ୍ରୀଷ୍ଟଙ୍କଠାରେ ରହିଥିଲା । ଏହା କଅଣ ଅଟେ? ମଣ୍ଡଳୀ ଏବଂ ଖ୍ରୀଷ୍ଟ ଏକ ହୋଇଯାଇଛନ୍ତି ।

ଏବଂ ଯେତେ ଶୀଘ୍ର ସେମାନେ ଏକତ୍ର ସଂଯୋଗ ହେବେ, ସେହି ଶେଷ ସଂଯୋଗକରଣ, ସେ ଚିତ୍କାର କରି, ଆକାଶ ମାର୍ଗରେ ଚାଲିଯିବ । ସେଠାରେ ଉପରକୁ ୱେସ୍‌ଲି, ଲୁଥର୍, ଏବଂ ଅବଶିଷ୍ଟ ସମସ୍ତେ ଆସିବେ ଯେଉଁମାନେକି ସେହି ବିଗତ ଦିନଗୁଡିକରେ ସେଠାରେ ରହିଥିଲେ, "ଯିଏ ପ୍ରଥମ ଅଛି ସେ ଶେଷ ହେବ, ଯିଏ ଶେଷ ଅଛି ସେ ପ୍ରଥମ ହେବ," ଏବଂ ସେଠାରେ ପୁନରୁତ୍‌ଥାନ ଆସିବ ।

86 ଆମେ ଶେଷ ସମୟରେ ଅଛୁ । ଶୁଣନ୍ତୁ, ତାହାହିଁ ଅଟେ ଯାହାକି ପବିତ୍ରଆତ୍ମା କରନ୍ତି । ପବିତ୍ରଆତ୍ମା, ଧାର୍ମିକ ଗଣନା ହେବା ଦ୍ୱାରା, ଦେଖନ୍ତୁ, ଏହାର ଏକ ହାଲୁକା ଛାୟା ଅଟେ; ପବିତ୍ରଆତ୍ମା, ପବିତ୍ରୀକରଣ ଦ୍ୱାରା, ଏହାର ଟିକିଏ ଗଭୀର ଛାୟା; ପବିତ୍ରଆତ୍ମା, ତାହାର ବାପ୍ତିସ୍ମ ଦ୍ୱାରା, ଏକ ଗଭୀର ଛାୟା; ବର୍ତ୍ତମାନ ପବିତ୍ରଆତ୍ମା, ଏଠାରେ ଥିବା ସେହି ବ୍ୟକ୍ତିଙ୍କର ଠିକ୍ ପୁନସ୍ଥାପନ କରିବା ଦ୍ୱାରା, ସେହି ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମମାନ ସାଧନ କରୁଛନ୍ତି ଯେପରିକି ସେ ଏହାକୁ ଆରମ୍ଭରେ କରିଥିଲେ । ହ୍ୟୁ! ମହିମା ହେଉ! ଯାହା ବି ହେଉ, ମୋତେ "ପବିତ୍ର-ପାଖଣ୍ଡ," ବୋଲି ଡାକିବାକୁ ଯାଉଅଛ, ଆପଣ ଠିକ୍ ଏବେ ଠାରୁ ଆରମ୍ଭ କରିପାରନ୍ତି ।

87 ଭାଇମାନେ, ଶୁଣନ୍ତୁ, ଏହାକୁ ଶୁଣନ୍ତୁ ।

*...ମେଜସବୁ ବାନ୍ତିରେ ପରିପୂର୍ଣ୍ଣ...କୌଣସି ପରିଷ୍କୃତ ସ୍ଥାନ ନାହିଁ ।*

*ସେ କାହାକୁ ଜ୍ଞାନ ଶିକ୍ଷା ଦେବ? ...ସେ କାହାକୁ କରିବେ, ସମାଚାର ବୁଝାଇ ଦେବ? କି ଦୁଗ୍ଧତ୍ୟାଗୀ ଓ ସ୍ତନ୍ୟପାନରୁ, ନିବୃତ୍ତ ଶିଶୁମାନଙ୍କୁ ।*

ଛୋଟ ଶିଶୁମାନ ନୁହେଁ; ପ୍ରେସ୍‌ବିଟେରିଆନ୍ ଶିଶୁମାନ, ମେଥୋଡିଷ୍ଟ ଶିଶୁମାନ, ପେଣ୍ଟିକଷ୍ଟାଲ୍ ଶିଶୁମାନ, ଲୁଥରାନ୍ ଶିଶୁମାନ, ନାଜରିନ୍ ଶିଶୁମାନ ନୁହେଁ । ସେ ତ ଏପରି କାହାରିକୁ ଚାହାଁନ୍ତି ଯିଏକି ସ୍ତନ୍ୟପାନରୁ ଦୂରେଇ ଯାଇ କିଛି କଠିଣ ମାଂସ ଖାଇବାକୁ ଇଚ୍ଛା କରେ । ଏଠାରେ ଏହା ଆସେ:

*କାରଣ ଏ ତ ବିଧି ଉପରେ ବିଧି,...ଉପରେ ବିଧି; ଧାଡି ଉପରେ ଧାଡି,...ଉପରେ ଧାଡି; ଏଠି ଅଳ୍ପ, ସେଠି ଅଳ୍ପ:*

*ନା ମାତ୍ର ବିଦେଶୀୟ ଓଷ୍ଠାଧର ଓ* ପରଭାଷା *ଦ୍ୱାରା ମୁଁ ଏହି ଲୋକମାନଙ୍କୁ କହିବି ।*

*ସେ ସେମାନଙ୍କୁ କହିଲେ, ଏହି ବିଶ୍ରାମ ତୁମ୍ଭେମାନେ କ୍ଳାନ୍ତ ଲୋକମାନଙ୍କୁ ବିଶ୍ରାମ ଦିଅ; ପୁଣି ଏହି ତ ଆରାମ: ମାତ୍ର ସେମାନେ ଶୁଣିବାକୁ ସମ୍ମତ ହେଲେ ନାହିଁ:*

88 ସେହି ପବିତ୍ରଆତ୍ମା, ଯଦି ତାହା କେବଳ ସେହି ଉପାୟ ନୁହେଁ ଯାହାକି ପେଣ୍ଟିକଷ୍ଟ ଦିନରେ ଆସିଥିଲା, ତାହାର ଆସିବାର ସାତ ଶହ ବାର ବର୍ଷ ପୂର୍ବରୁ ଭବିଷ୍ୟତ୍‌ବାଣୀ କରାଯାଇଥିଲା! ଏଠାରେ ତାହା ପେଣ୍ଟିକୋଷ୍ଟ ଦିନରେ, ଠିକ୍ ସେହିପରି ଭାବରେ ଆସିଥିଲା ।

89 କେହି ଜଣେ କହିଲେ, "ଏକ ସବ୍ବତ ଦିନ ପାଳନ କରିବା ।" ମୁଁ କାହାରି ମଣ୍ଡଳୀ କିମ୍ବା ଧର୍ମକୁ ପ୍ରତ୍ୟାଖ୍ୟାନ କରୁ ନାହିଁ କିମ୍ବା ହାଲୁକା କରୁନାହିଁ । କିନ୍ତୁ କହିଲେ, "ସେହି ସବ୍ବତ ଦିନ, ପରମେଶ୍ୱରଙ୍କ ସବ୍ବତ ହେଲା ସେହି ବିଶ୍ରାମ ଦିନ ।"

*ଏଠାରେ* ସେହି ବିଶ୍ରାମ ଦିନ ଅଟେ । "ଏହା ସେହି ବିଶ୍ରାମ ଅଟେ," ସେ କହିଲେ, "ଯେ ତୁମେ କ୍ଳାନ୍ତ ଲୋକମାନଙ୍କୁ ବିଶ୍ରାମ ଦିଅ ।" ଏହାହିଁ ତାହା ଅଟେ । ଆମେନ୍! "ଏହା ବିଧି

ଉପରେ ବିଧି, ଧାଡି ଉପରେ ଧାଡି ହେବ।" ଏଠାରେ ସେହି ବିଶ୍ରାମ ଅଟେ। ପବିତ୍ରଆତ୍ମା କଅଣ ଅଟେ? ସେହି ବିଶ୍ରାମ। ଓଃ!

*ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି।*

90 ସେ କଅଣ ଅଟନ୍ତି? ଯିଏ ଆପଣଙ୍କ ଭିତରକୁ ଆସନ୍ତି, ଆପଣଙ୍କୁ ଶାନ୍ତି ପ୍ରଦାନ କରନ୍ତି; ଆପଣଙ୍କର ଚିହ୍ନ, ଆପଣଙ୍କର ସାହାଯ୍ୟକାରୀ; ସାନ୍ତ୍ୱନା ଦେଇଥାନ୍ତି, ବିଶ୍ରାମରେ ରଖିଥାନ୍ତି, ମୁଦ୍ରାଙ୍କିତ କରିଥାନ୍ତି।

91 ଆପଣ କିପରି...? ଏହା ଏକ ଚିହ୍ନ ଅଟେ; ଜଗତ ଜାଣେ ଯେ ଆପଣଙ୍କ ସହିତ କିଛି ଗୋଟାଏ ଘଟିଅଛି। ତାହା କଅଣ ଅଟେ? ଏହା ଏକ ସାହାଯ୍ୟକାରୀ ଅଟେ। ଏହା କଅଣ ଅଟେ? ଗୋଟିଏ ମୁଦ୍ରା। ଆପଣ ବିଶ୍ରାମରେ ଅଛନ୍ତି। ଆପଣଙ୍କର ଅଛି...ଏହା ଆପଣଙ୍କର ସପକ୍ଷବାଦୀ ଅଟନ୍ତି। ଯଦି, ଆପଣ, ଆପଣଙ୍କ ସହିତ କିଛି ଘଟେ, ତାହାହେଲେ ଆପଣଙ୍କ ପାଇଁ ଶୀଘ୍ର ହିଁ ସେଠାରେ ସପକ୍ଷରେ କହିବା ନିମନ୍ତେ କେହି ଅଛନ୍ତି, ଦେଖନ୍ତୁ, ମଧ୍ୟସ୍ଥି କରୁଛନ୍ତି। ଏହା ତ ପରମେଶ୍ୱରଙ୍କ ଆତ୍ମା ମଣ୍ଡଳୀରେ ବାସ କରୁଛନ୍ତି, ଅବିକଳ ଠିକ୍ ଭାବରେ ଯେପରି ଭବିଷ୍ୟତ୍‌ବାଣୀ ହୋଇଥିଲା ଯେ ତାହା କଅଣ ହେବ ଯେତେବେଳେ ଏହା ଆସିବେ। ଏହା ଏକ ଚିରକାଳ, ଅନନ୍ତକାଳ ବିଶ୍ରାମ ହେବ।

92 ପରମେଶ୍ୱର ଜଗତ ସୃଷ୍ଟି କଲେ। ଏବ୍ରୀ, ତାର 4ର୍ଥ ପର୍ବ। "ପରମେଶ୍ୱର ଜଗତ ସୃଷ୍ଟି କଲେ, ଏବଂ ସପ୍ତମ ଦିନରେ ବିଶ୍ରାମ କଲେ।" ତାହା ଠିକ୍।

ଅଷ୍ଟମ ଦିନ ପୁନର୍ବାର ଫେରି ଆସେ, ଅଧୀନରେ...ସେ ଯିହୂଦୀମାନଙ୍କୁ ତାହା ଏକ ନିୟମ ହେତୁ, ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଦେଇଥିଲେ। ତାହା ଠିକ୍ ଅଟେ। ମାତ୍ର ସେମାନେ ଯାଇ ଗୋଟିଏ ଦିନ ବିଶ୍ରାମ କରନ୍ତି; ଫେରି ଯାଆନ୍ତି, ସପ୍ତାହର ପ୍ରଥମ ଦିନ, ପୁନର୍ବାର ଆରମ୍ଭ କରନ୍ତି, ନୂତନ ଭାବେ, ଆରମ୍ଭ କରନ୍ତି। ପରମେଶ୍ୱର ଯେଉଁ ବିଶ୍ରାମ କହିଥିଲେ ଏହା ତାହା ନ ଥିଲା।

ଯେତେବେଳେ ପରମେଶ୍ୱର ଛଅ ଦିନରେ ଜଗତ ସୃଷ୍ଟି କରିଥିଲେ, ଯେତେବେଳେ ସେ ବିଶ୍ରାମ ନେବାକୁ ଗଲେ, ସେ ସେହି ସମୟଠାରୁ ବିଶ୍ରାମ କଲେ। ତାହା ଠିକ୍ ଅଟେ। ତାହା ଏହାକୁ ସମାଧାନ କଲା। ସେ ଅଷ୍ଟମ ଦିନରେ ଫେରି ଆସି ପୁନର୍ବାର ଆରମ୍ଭ କଲେ ନାହିଁ।

93 ଏହା ତ କେବଳ ଏକ ଛାୟା ମାତ୍ର ଥିଲା। ତେବେ, ଏହା ଏକ ପ୍ରତିରୂପରେ ଥିଲା, ଯେପରିକି ସୂର୍ଯ୍ୟ ନିମନ୍ତେ ଚନ୍ଦ୍ର ଅଟେ; କିନ୍ତୁ ଯେତେବେଳେ ସୂର୍ଯ୍ୟ ଉଦୟ ହୁଏ, ସେତେବେଳେ ଆମକୁ ଆଉ ଚନ୍ଦ୍ରର ଆବଶ୍ୟକତା ନ ଥାଏ। ତେବେ, ଏହାକୁ ଧ୍ୟାନ ଦିଅନ୍ତୁ, ଓଃ, ପ୍ରକାଶିତ ବାକ୍ୟ 11 ରେ, "ସେହି ସ୍ତ୍ରୀଲୋକ ଯାହାର ପାଦ ତଳେ ଚନ୍ଦ୍ର ଅଛି, ଏବଂ ତାଙ୍କ ମୁଣ୍ଡରେ ସୂର୍ଯ୍ୟ।" ଓଃ, ଆମେ ବାଇବଲ ମଧ୍ୟରେ, ତନ୍ନ ତନ୍ନ କରି ଯାଇପାରୁ, ଏବଂ ଆପଣଙ୍କୁ ଦେଖାଇପାରୁ। ବୁଝିଲେ?

94 ମାତ୍ର ଏହା କଅଣ ଅଟେ? ଯେତେବେଳେକି, ଏବ୍ରୀ 4ର୍ଥ ପର୍ବରେ ବାଇବଲ କୁହେ, "ଯଦି ଯୀଶୁ ସେମାନଙ୍କୁ ଏକ ବିଶ୍ରାମ ଦିନ ଦେଇଥାନ୍ତେ, ତେବେ ସେ ଏହା ବିଷୟରେ ପରେ କହିଥାନ୍ତେ; ସେ ଏକ ବିଶ୍ରାମ ଦିନ ବିଷୟରେ କହିଥାନ୍ତେ।" ତେବେ ଏକ ବିଶ୍ରାମ ବିଷୟରେ କହିଲାବେଳେ, ସେ କେଉଁ ଦିନ ବିଷୟରେ କହିଥିଲେ?

*ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି।*

95 ମାଥିଉ 11ଶ ପର୍ବ, 22ତମ ପଦ...ଦେଖନ୍ତୁ, ତେବେ, ଆମେ ପାଉ ଯେ ଯେତେବେଳେ ଆମେ ତାହାଙ୍କ ନିକଟକୁ ଆସୁ। "କାରଣ ସେ," ଏବ୍ରୀ 4 କୁହେ, "ଯିଏକି ଯୀଶୁଙ୍କ ବିଶ୍ରାମରେ ପ୍ରବେଶ କରିଅଛି, ସେ ନିଜର ସାଂସାରିକ କାର୍ଯ୍ୟରୁ ନିବୃତ୍ତ ହୋଇଅଛି, ଯେପରି ପରମେଶ୍ୱର ତାହାଙ୍କ କାର୍ଯ୍ୟରୁ ହୋଇଥିଲେ," ଯେତେବେଳେ ସେ ଜଗତକୁ ସୃଷ୍ଟି କରିଥିଲେ, ସେ ଆଉ ପୁନର୍ବାର ତାହା ନିକଟକୁ ଫେରିଗଲେ ନାହିଁ। କେତେ କାଳ? ଆପଣ କେତେ କାଳ ନିମନ୍ତେ ପବିତ୍ରଆତ୍ମାଙ୍କ ଦ୍ୱାରା ମୁଦ୍ରାଙ୍କିତ ହୋଇଛନ୍ତି? "ନିଜର ମୁକ୍ତିର ଦିବସ ପର୍ଯ୍ୟନ୍ତ।" ସେଠାରେ ସେହି ବିଶ୍ରାମ, ଆରାମ, ସପକ୍ଷବାଦୀ, ମୁଦ୍ରା, ତ୍ରାଣକର୍ତ୍ତା ଅଛନ୍ତି। ଓଃ! ମୁଁ ଏକ ପ୍ରକାରେ ଉତ୍ସାହିତ ହୁଏ, କିମ୍ବା ମୁଁ ଏକ ପ୍ରକାର ଆଶୀର୍ବାଦ ପ୍ରାପ୍ତ ହୁଏ। ଓଃ!

96 "ଭାଇ ବ୍ରାନହାମ୍, କଅଣ ତାହା ଆମ ପାଇଁ ପ୍ରତିଜ୍ଞା କରାଯାଇଛି? କଅଣ ଏହା ବାଇବଲ ଦ୍ୱାରା ପ୍ରମାଣିତ ହୋଇଛି?"

ଠିକ୍ ଅଛି, ଆସନ୍ତୁ ଯୋୟେଲଙ୍କ ନିକଟକୁ ଯିବା, ଦେଖିବା ଯେ ଯୋୟେଲ ଏହା ବିଷୟରେ କଅଣ କହିଛନ୍ତି।

ପରମେଶ୍ୱରଙ୍କ ଆଶୀଷିତ ବାକ୍ୟ ପାଇଁ ମୁଁ କେତେ ଧନ୍ୟବାଦୀ ଅଟେ! କଅଣ ଆପଣ ଏହାକୁ ପ୍ରେମ କରନ୍ତି? ମୁଁ ଭାବୁଛି ଯେ ଯଦି ତାହା ବାକ୍ୟ ପାଇଁ ହୋଇ ନ ଥାନ୍ତା, ମୁଁ ଜାଣେ ନାହିଁ ଯେ ଆମେ କେଉଁଠାରେ ଛିଡା ହୋଇଥାନ୍ତୁ। ଠିକ୍ ଅଛି।

ଆମେ ବର୍ତ୍ତମାନ ଯୋୟେଲଠାରେ ଅଛୁ। ଆମେ ଯୋୟେଲ ନିକଟକୁ ଯାଉଅଛୁ, ଯୋୟେଲର 2ୟ ପର୍ବକୁ, ଏବଂ ଆମେ 28ତମ ପଦରେ ଆରମ୍ଭ କରିବାକୁ ଯାଉଛୁ। ଯୋୟେଲ 2:28, ଖ୍ରୀଷ୍ଟଙ୍କ ଆଗମନର ଆଠ ଶହ ବର୍ଷ ପୂର୍ବରୁ, ଆତ୍ମାରେ ଭବିଷ୍ୟଦ୍‌ବକ୍ତା ଅଛନ୍ତି। ଏବେ ଶୁଣନ୍ତୁ।

*ପୁଣି ତହିଁ* ଉତ୍ତାରେ, *ଆମ୍ଭେ ସମୁଦାୟ ପ୍ରାଣୀ ଉପରେ ଆପଣା ଆତ୍ମା ଢାଳିବା; ...ତୁମ୍ଭମାନଙ୍କର ପୁତ୍ରଗଣ ଓ କନ୍ୟାଗଣ ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରିବେ, ତୁମ୍ଭମାନଙ୍କର ବୃଦ୍ଧ ଲୋକମାନେ ସ୍ୱପ୍ନ ଦେଖିବେ, ଓ ତୁମ୍ଭମାନଙ୍କର ଯୁବା ଲୋକମାନେ ଦର୍ଶନ ପାଇବେ।*

*ଆଉ ସେସମୟରେ ମଧ୍ୟ ଆମ୍ଭେ ଦାସଦାସୀଗଣର ଉପରେ ଆପଣା ଆତ୍ମା ଢାଳିବା…ଆପଣା ଆତ୍ମାକୁ, ସେହି ଦିନ, ଢାଳିବା ।*

*ପୁଣି ଆମ୍ଭେ ଆକାଶରେ ଓ ପୃଥିବୀରେ ରକ୍ତ,…ଅଗ୍ନି, ଓ ଧୂମସ୍ତମ୍ଭର ଅଦ୍ଭୁତ ଲକ୍ଷଣ ଦେଖାଇବା ।*

*ସଦାପ୍ରଭୁଙ୍କର ମହତ୍, ଓ ଭୟଙ୍କର ଦିନର ଆଗମନର ପୂର୍ବେ, ସୂର୍ଯ୍ୟ ଅନ୍ଧକାର…ଚନ୍ଦ୍ର ରକ୍ତ ପରିଣତ ହୋଇଯିବ ।*

*ପୁଣି, ଯେକେହି ସଦାପ୍ରଭୁଙ୍କ ନାମରେ ପ୍ରାର୍ଥନା କରିବ, ସେ ଉଦ୍ଧାର ପାଇବ:*

97 ତାହା ତ…ଓଃ! କଅଣ? ଯୋୟେଲ! କଅଣ ଆପଣ ଧ୍ୟାନ ଦେଲେ କି? ପ୍ରେରିତ କ୍ରିୟା 2 ରେ, ପିତର ଠିକ୍ ସେହି ସମାନ ପଦଟିକୁ ନେଲେ । କହିଲେ, "ହେ ଇସ୍ରାଏଲର ଲୋକମାନେ, ମୋର ବାକ୍ୟ ଶୁଣ । ଏମାନେ ମଦ୍ୟପାନ କରି ନାହାଁନ୍ତି," ଏହି ମୁଦ୍ରାଙ୍କିତ, ସାନ୍ତ୍ୱନାପ୍ରାପ୍ତ, ବିଚିତ୍ର, ଚିହ୍ନିତ ଲୋକମାନ । "ସେମାନେ ମଦ୍ୟପାନ କରି ନାହାଁନ୍ତି, ଯେପରି ଆପଣମାନେ ମନେ କରୁଛନ୍ତି," ପ୍ରେରିତ କ୍ରିୟା 2, "ଏହା ଦେଖି ଯେ ତାହା ହେଉଛି ଦିନର ତୃତୀୟ ଘଟିକା । କିନ୍ତୁ ଏହା ତ ତାହା ଅଟେ ଯାହାକି ଯୋୟେଲ ଭାବବାଦୀଙ୍କ ଦ୍ୱାରା କୁହାଯାଇଥିଲା, କହିଥିଲେ, 'ଶେଷ ଦିନରେ ଏହା ହେବ ଯେ ମୁଁ ସମସ୍ତ ମର୍ତ୍ତ୍ୟ ଉପରେ ମୋର ଆତ୍ମାକୁ ଢାଳିବି ।'"

98 ଏହା କଅଣ ଅଟେ, ପବିତ୍ଆତ୍ମା କଅଣ ଅଟେ? ଠିକ ଅଛି, ତେବେ ଆସନ୍ତୁ ପୁନର୍ବାର ଲକ୍ଷ୍ୟ କରିବା, ବିଶ୍ୱାସୀମାନଙ୍କୁ ପ୍ରତିଜ୍ଞା ଦିଆଯାଇଛି, ତାହାହିଁ ଏହା ଯାହାକି ଏହା ଅଟେ । ତେବେ, ଏହି ପବିତ୍ରଆତ୍ମା, ମାତ୍ର ଗୋଟିଏ ମିନିଟ୍ ହୋଇଛି, ଆମେ ପାଇଲୁ ଯେ ତାହା କଅଣ ଥିଲା । ଏହା କାହାକୁ ପ୍ରତିଜ୍ଞା କରାଯାଇଛି? ବିଶ୍ୱାସୀମାନଙ୍କ ପ୍ରତି ।

ତେବେ ଆସନ୍ତୁ ଲୂକକୁ ଯିବା, ଲୂକର 24ତମ ପର୍ବ, ଯୀଶୁ ପୃଥିବୀ ଛାଡିଯିବା ପୂର୍ବରୁ ତାଙ୍କର ଶେଷ ଶବ୍ଦରେ ଯାହା କହିଥିଲେ ତାହା ଶୁଣନ୍ତୁ । ଲୂକ 24ତମ ପର୍ବ । ଏବଂ ଆପଣ ଯେଉଁମାନେକି ଏହାକୁ ବର୍ତ୍ତମାନ ଲେଖୁଛନ୍ତି, ଆପଣ ଏହାକୁ ଚିହ୍ନିତ କରିପାରନ୍ତି, ତାହାପରେ ଆସନ୍ତାକାଲି ଯେତେବେଳେ ଆପଣଙ୍କର ଅଧିକ ସମୟ ରହିବ ଏହାକୁ ଅଧ୍ୟୟନ କରିପାରନ୍ତି । ତେବେ, ଲୂକ 24:49, ଯୀଶୁ କହୁଥିବା କଥାକୁ ଶୁଣନ୍ତୁ । ଶେଷରେ, ଯେତେବେଳେ ସେ ମହିମାକୁ ଆରୋହଣ କରୁଥିଲେ, ସେହି ଆରୋହଣ, ଏଠାରେ ସେହି ଶବ୍ଦଗୁଡିକ ଯାହାକି ସେ ନିଜର ଶିଷ୍ୟମାନଙ୍କୁ କହିଥିଲେ ।

*…ଦେଖ, ମୋହର ପିତା ଯାହା ପ୍ରତିଜ୍ଞା କରିଅଛନ୍ତି…*

କି ପ୍ରତିଜ୍ଞା? ସେହି ମୁଦ୍ରା, ସେହି ଚିହ୍ନ, ସେହି ସାହାଯ୍ୟକାରୀ, ଏବଂ ଏହି ସମସ୍ତ ବିଷୟ ଯାହା ମୁଁ କହିଅଛି, ହଜାରେ ଗୁଣ ଅଧିକ ।

*…ମୋହର ପିତା ଯାହା ପ୍ରତିଜ୍ଞା କରିଅଛନ୍ତି ତାହା ମୁଁ ତୁମ୍ଭମାନଙ୍କ ନିକଟକୁ ପଠାଉଅଛି:…*

କି ପ୍ରତିଜ୍ଞା? "ସେହି ଗୋଟିକ ଯାହାକି ଯିଶାଇୟ ଆସିବ ବୋଲି କହିଥିଲେ, 'ମାତ୍ର ବିଦେଶୀୟ ଓଷ୍ଠାଧର ଓ ପରଭାଷା ଦ୍ୱାରା ମୁଁ ଏହି ଲୋକମାନଙ୍କୁ କହିବି।' ମୁଁ ସେହି ବିଶ୍ରାମକୁ ତୁମମାନଙ୍କ ଉପରେ ପଠାଇବି। ଯୋୟେଲ ଯାହା ବିଷୟରେ କହିଥିଲେ ମୁଁ ତାହା ପଠାଇବି, ଯେ, 'ପୁଣି ତହିଁ ଉତ୍ତାରେ ଶେଷ ଦିନରେ ଏହା ହେବ, ସଦାପ୍ରଭୁ କୁହନ୍ତି, ଆମ୍ଭେ ତୁମମାନଙ୍କ ଉପରେ ଆପଣା ଆତ୍ମା ଢାଳିବା।' ଓଃ, ଆମ୍ଭେ ତୁମମାନଙ୍କ ନିକଟକୁ ପଠାଇବା, ଏବଂ ଯିରୁଶାଲମଠାରୁ ଆରମ୍ଭ କରି, ସମସ୍ତ ଦେଶ, ସମସ୍ତ ଲୋକମାନଙ୍କୁ କରିବା...ଆମ୍ଭେ ଏହି ନିୟମ ଅଧୀନରେ ଅବ୍ରହାମଙ୍କ ବଂଶକୁ ଆଣିବା। ଆମ୍ଭେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ମୁଦ୍ରାଙ୍କିତ କରିବା। ଦେଖନ୍ତୁ, ଆମ୍ଭେ ଆପଣା ଆତ୍ମା ଢାଳିବା"

> ...ମୋହର *ପିତା ଯାହା ପ୍ରତିଜ୍ଞା କରିଅଛନ୍ତି ତାହା ମୁଁ ତୁମ୍ଭମାନଙ୍କ ନିକଟକୁ ପଠାଉଅଛି: କିନ୍ତୁ ଉର୍ଦ୍ଧ୍ୱରୁ ଶକ୍ତିପ୍ରାପ୍ତ ନ ହେବା ପର୍ଯ୍ୟନ୍ତ, ତୁମ୍ଭେମାନେ ଏହି ନଗରରେ ରହିଥାଅ, ଅର୍ଥାତ୍, ଅପେକ୍ଷା କରି ରହିଥାଅ।*

99 ତେବେ ପବିତ୍ରଆତ୍ମା କଅଣ ଅଟେ? "ଉର୍ଦ୍ଧ୍ୱରୁ ଶକ୍ତିପ୍ରାପ୍ତ ହେବା!" ବିଶପ୍‌ଙ୍କଠାରୁ ଶକ୍ତି ପ୍ରାପ୍ତ ହେବା ନୁହେଁ, କୌଣସି ମଣ୍ଡଳୀଠାରୁ ଶକ୍ତି ପ୍ରାପ୍ତ ହେବା ନୁହେଁ। ମାତ୍ର, "ଉର୍ଦ୍ଧ୍ୱରୁ ଶକ୍ତିପ୍ରାପ୍ତ ହେବା!"

100 ସେହି ଶକ୍ତି କିପରି ଆସିଲା? "ମଣ୍ଡଳୀରେ ଯୋଗ କରିବା" ଦ୍ୱାରା? ମୁଁ ଆପଣଙ୍କୁ ଆହ୍ୱାନ କରେ ଯେ ଆପଣ ତାହା କରନ୍ତୁ, କୁହନ୍ତୁ ଯେ ତାହା ଠିକ୍ ଅଟେ। "ମଣ୍ଡଳୀରେ ଯୋଗ କରିବା, ପ୍ରଚାରକ ସହିତ ହାତ ମିଶାଇବା" ଦ୍ୱାରା? ନା, ଆଜ୍ଞା। ତେବେ, ଆପଣ କ୍ୟାଥୋଲିକମାନଙ୍କ ପାଇଁ, "ନିଜର ଜିହ୍ୱାକୁ ବାହାର କରି ପ୍ରଥମ ପ୍ରଭୁଭୋଜକୁ ଗ୍ରହଣ କରିବା"? ନା, ମହାଶୟ।

101 ଏହା କିପରି ଆସିଲା, ଉର୍ଦ୍ଧ୍ୱରୁ ଶକ୍ତିପ୍ରାପ୍ତ ହେବା? ଆସନ୍ତୁ ଟିକିଏ ଆଗକୁ ପାଠ କରିବା। ଆସନ୍ତୁ ପ୍ରେରିତ 1:8 କୁ ଯିବା। ସେମାନେ ବର୍ତ୍ତମାନ ଏକାଠି ଏକତ୍ର ହେଉଛନ୍ତି। ତେବେ ସେମାନେ ଏଠାରେ ଯୀଶୁଙ୍କ ବିଷୟରେ କହୁଥିଲେ, ଯେତେବେଳେ ସେମାନେ ଏକତ୍ରିତ ହୋଇଥିଲେ, ଏବଂ ଯିହୁଦାର ସ୍ଥାନକୁ ନେବା ପାଇଁ ଅନ୍ୟ ଜଣକୁ ନିଯୁକ୍ତ କରିଥିଲେ। ପ୍ରେରିତ 1:8।

> *କିନ୍ତୁ ପବିତ୍ରଆତ୍ମା ତୁମ୍ଭମାନଙ୍କ* ଉପରେ *ଅବତୀର୍ଣ୍ଣ ହୁଅନ୍ତେ, ତୁମ୍ଭେମାନେ ଶକ୍ତିପ୍ରାପ୍ତ ହେବ:...*

କଅଣ? "ଆପଣ ବ୍ରାନହାମ୍ ଟେବର୍ନେକଲ୍‌ର ସଦସ୍ୟ ହେବେ"? ନା। "ଆପଣ ମେଥୋଡିଷ୍ଟ ମଣ୍ଡଳୀ, କ୍ୟାଥୋଲିକ୍ ମଣ୍ଡଳୀ, ପ୍ରେସ୍‌ବିଟେରିଆନ୍‌ର ସଦସ୍ୟ ହେବେ"? ବାଇବଲରେ, ତାହା ସେପରି ନାହିଁ। ତାହା ମନୁଷ୍ୟ-କୃତ ଶିକ୍ଷା ଅଟେ।

"କିନ୍ତୁ ତୁମେ ଜଣେ ପ୍ରଚାରକ ହେବା ପରେ ଶକ୍ତିପ୍ରାପ୍ତ ହେବ"? ନା, ଆଜ୍ଞା। "ତୁମେ ନିଜର ସ୍ନାତକୋତ୍ତର ଶିକ୍ଷାଗତ ଯୋଗ୍ୟତା ପାଇବା ପରେ ତୁମେ ଶକ୍ତିପ୍ରାପ୍ତ ହେବ"? ନା, ମହାଶୟ। "ତୁମେ କରିବ ପୁନଃ-...ତୁମେ ତୁମର ଡିଡି ଉପାଧି ପାଇବା ପରେ ଶକ୍ତିପ୍ରାପ୍ତ

ହେବ”? ନା, ଆଜ୍ଞା। “ତୁମେ ପାଣିରେ ବାପ୍ତିଜିତ ହେବା ପରେ ତୁମେ ଶକ୍ତିପ୍ରାପ୍ତ ହେବ”? ନା, ମହାଶୟ। “ତୁମେ ପ୍ରଥମ ପ୍ରଭୁଭୋଜ ଗ୍ରହଣ କରିବା ପରେ ତୁମେ ଶକ୍ତିପ୍ରାପ୍ତ ହେବ”? ନା, ଆଜ୍ଞା। ଦେଖନ୍ତୁ, ତାହାସବୁ ହେଉଛି ମନୁଷ୍ୟ-କୃତ ବିଷୟ।

102 ବାଇବଲ କଅଣ କୁହେ, ଯୀଶୁ କଅଣ କହିଲେ ତାହା ଶୁଣନ୍ତୁ।

> *...ପବିତ୍ରଆତ୍ମା ତୁମ୍ଭମାନଙ୍କ ଉପରେ ଅବତୀର୍ଣ୍ଣ ହୁଅନ୍ତେ, ତୁମ୍ଭେମାନେ ଶକ୍ତିପ୍ରାପ୍ତ ହେବ:* (ପବିତ୍ରଆତ୍ମା କଅଣ ଅଟେ? ସେହି ଶକ୍ତି) ତେବେ, ଏହା ପରେ, ତୁମେମାନେ *ସାକ୍ଷୀ ହେବେ...* (“କେବଳ ତୁମେ ବାରଜଣ, ଯିରୁଶାଲମରେ ତୁମେ ସାକ୍ଷୀ ହେବ”?) ...ଆଉ *ଯିରୂଶାଲମର,...ଯିହୂଦା,...ଶମୀରୋଣ, ପୁଣି ପୃଥିବିର* ପ୍ରାନ୍ତ *ପର୍ଯ୍ୟନ୍ତ, ସୁଦ୍ଧା* ମୋହର *ସାକ୍ଷୀ ହେବ।* (ଯାହାକି ଏପର୍ଯ୍ୟନ୍ତ ପହଞ୍ଚି ନାହିଁ।)

> *ସେ ଏହିସମସ୍ତ କଥା କହିବା ଉତ୍ତାରେ,...ସେ ଏହିସମସ୍ତ କଥା କହିବା ଉତ୍ତାରେ, ସେମାନେ ଦେଖୁ ଦେଖୁ ସେ, ଉର୍ଦ୍ଧ୍ବକୁ ନୀତ ହେଲେ ଆଉ ଖଣ୍ଡେ ମେଘ ତାହାଙ୍କୁ...ସେମାନଙ୍କ ଦୃଷ୍ଟିଗୋଚରରୁ ଘେନିଗଲା।*

103 ତେବେ ଅନ୍ୟ ପୃଷ୍ଠାକୁ ଓଲଟାନ୍ତୁ, ଏହି ଭବିଷ୍ୟତ୍‌ବାଣୀଗୁଡିକ ସଫଳ ହେଉଥିବାର ଦେଖନ୍ତୁ।

> *ପେଣ୍ଟିକଷ୍ଟ ଦିବସ ଉପସ୍ଥିତ ହୁଅନ୍ତେ, ସମସ୍ତେ ଏକ ସ୍ଥାନରେ ସମବେତ ଥିଲେ...ସେମାନେ ସମସ୍ତେ ଏକ ଚିତ୍ତ ହୋଇ ଏକ ସ୍ଥାନରେ ସମବେତ ହୋଇଥିଲେ।*

“ଏବଂ ଅକସ୍ମାତ୍ ପାଳକ ଭିତରକୁ ଆସିଲେ ଏବଂ...”? ମୁଁ ସେଠାରେ ବିଷୟରୁ ଓହରି ଗଲି, କଅଣ ନୁହେଁକି? “ଅକସ୍ମାତ୍ ଯାଜକ ବେଦୀ ଉପରେ ଆସିଲେ”? ନା।

> *ଆଉ ଅକସ୍ମାତ୍ ପ୍ରଚଣ୍ଡ ଶବ୍ଦର ତୁଲ୍ୟ ଗୋଟିଏ ଶବ୍ଦ ଆସି...*

କେବଳ ଏକ କୃତ୍ରିମ-ବିଶ୍ୱାସ ନୁହେଁ; ତାହା ସେଠାରେ ଥିଲା, ଏକ ଶବ୍ଦ।

“ଜଣେ ସେବକ ଦ୍ୱାର ନିକଟକୁ ଆସିଥିଲେ”? “ଯାଜକ ପବିତ୍ର ସ୍ଥାନରୁ ବାହାରି ଆସିବା ବେଳେ, ପ୍ରଭୁଭୋଜ ଦେଇଥିଲେ”? ନା, ସେପରି କିଛି ନୁହେଁ।

> *...ଆଉ ଅକସ୍ମାତ୍ ପ୍ରଚଣ୍ଡ ଶବ୍ଦର ତୁଲ୍ୟ ଗୋଟିଏ ଶବ୍ଦ ଆକାଶରୁ ଆସି...* (ପାଦ ଚାଲିବାର ଶବ୍ଦ ନୁହେଁ)*...ପ୍ରବଳ ବେଗରେ ବହୁଥିବା...ଅକସ୍ମାତ୍ ପ୍ରଚଣ୍ଡ ଶବ୍ଦର ତୁଲ୍ୟ ଗୋଟିଏ ଶବ୍ଦ ଆକାଶରୁ ଆସି* (ଓଃ, ମୋର ପ୍ରଭୁ! ହ୍ୟୁ!...?...)*...ଯେଉଁ ଗୃହରେ ସେମାନେ ବସିଥିଲେ ସେହି ଗୃହର ସର୍ବତ୍ର ବ୍ୟାପିଗଲା।*

104 ପବିତ୍ରଆତ୍ମା କଅଣ ଅଟେ? ଏଠାରେ ତାହା ଯେଉଁଠାରେକି ସେମାନେ ଶକ୍ତିପ୍ରାପ୍ତ ହେଲେ। ଏଠାରେ ହିଁ ଥିଲା ଯେଉଁଠାରେକି ସେମାନଙ୍କୁ ଅପେକ୍ଷା କରିବାର ଉଚିତ୍ ଥିଲା;

ଏଠାରେ ତାହା ଘଟିଥିଲା ଯେତେବେଳେ ସେମାନେ ତାହା କରିଥିଲେ। ସମସ୍ତକିଛି ଯାହା ଭବିଷ୍ୟଦ୍‌ବାଣୀ ହୋଇଥିଲା, ଠିକ୍ ଆଦିପୁସ୍ତକଠାରୁ ଆରମ୍ଭ କରି, ଅବ୍ରହାମଙ୍କଠାରୁ ଆରମ୍ଭ କରି; ଯେ ତାହା ଆସିବ, ଏବଂ ଏହା କିପରି ଆସିବ, ଓ ତାହାର ପରିଣାମ କଅଣ ଆସିବ। ଏହା କଅଣ ଅଟେ? ମଣ୍ଡଳୀକୁ, ବିଶ୍ୱାସୀମାନଙ୍କୁ ପ୍ରତିଜ୍ଞା କରାଯାଇଥିଲା।

*...ଏବଂ ଯେଉଁ ଗୃହରେ ସେମାନେ ବସିଥିଲେ ସେହି ଗୃହର ସର୍ବତ୍ର ବ୍ୟାପିଗଲା।*

*ଆଉ ଅଗ୍ନିସଦୃଶ...ଜିହ୍ୱାଗୁଡିକ ସେମାନଙ୍କର ଦୃଷ୍ଟିଗୋଚର ହୋଇ ଗୋଟି ଗୋଟି କରି, ସେମାନଙ୍କ ପ୍ରତ୍ୟେକ ଜଣଙ୍କ ଉପରେ ଅଧିଷ୍ଠିତ ହେଲା।*

*ସେଥିରେ ସମସ୍ତେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହେଲେ, ପୁଣି ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ, ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ।*

ବର୍ତ୍ତମାନ ଆମେ ଶୁକ୍ରବାର ରାତିରେ, ତାହା ନେବାକୁ ଯାଉଛୁ। ଆମେ ତାକୁ ଠିକ୍ ସେହିଠାରେ ଛାଡିଦେବା, ଦେଖନ୍ତୁ।

105 ଏହା କିପରି ଅଟେ? ଏହା ମଣ୍ଡଳୀ ପ୍ରତି ଏକ ପ୍ରତିଜ୍ଞା ଅଟେ, ସଂପୂର୍ଣ୍ଣ ଏକ ପ୍ରତିଶ୍ରୁତି ଅଟେ। ଠିକ୍ ଅଛି।

106 ବର୍ତ୍ତମାନ, ତେବେ ଆମେମାନେ ଖୋଜିବାକୁ ଯାଉଛୁ ଯେ, ସେମାନେ ପରିପୂର୍ଣ୍ଣ ହେଲା ଉତ୍ତାରେ, କେତେ ଦିନ ପର୍ଯ୍ୟନ୍ତ ସେମାନେ ମୁଦ୍ରାଙ୍କିତ କରାଯାଇଥିଲେ? [ମଣ୍ଡଳୀ କୁହନ୍ତି, "ମୁକ୍ତିର ଦିବସ ପର୍ଯ୍ୟନ୍ତ।"—ସମ୍ପା।]

ଏଠାରେ କେତେଜଣ ପବିତ୍ରଆତ୍ମା ପାଇଛନ୍ତି? ଆସନ୍ତୁ ଆପଣଙ୍କର ହାତଗୁଡିକ ଦେଖିବା। ପବିତ୍ରଆତ୍ମାଙ୍କ ସହିତରେ ତାହା ଅପେକ୍ଷା ଅଧିକ ଅଛି ଯେତେ କି ପବିତ୍ରଆତ୍ମାଙ୍କ ବିନା ଅଟେ। ଆମେ ଚାହୁଁ ଯେ ଆପଣ ଆମମାନଙ୍କ ମଧ୍ୟରୁ ଜଣେ, ଭାଇ, ଭଉଣୀ ହୋଇଯାଆନ୍ତୁ। ଯେତେବେଳେ ଆପଣ ବୁଝିଯିବେ ଯେ ତାହା କଅଣ ଅଟେ, ଏହା ହେଉଛି... ଏହା ପରମେଶ୍ୱରଙ୍କ କାର୍ଯ୍ୟ କରିବା ପାଇଁ, ଆପଣଙ୍କଠାରେ ପରମେଶ୍ୱରଙ୍କ ଆତ୍ମା ଅଟେ।

ଯେତେବେଳେ ପରମେଶ୍ୱର କେବେବି ତାହାଙ୍କର ଆତ୍ମାକୁ ତାହାଙ୍କର କୌଣସି ସେବକଙ୍କ, ତାଙ୍କର କୌଣସି ଭବିଷ୍ୟଦ୍‌ବକ୍ତାଙ୍କ, ତାଙ୍କର କୌଣସି ଶିକ୍ଷକଙ୍କ, ତାହାଙ୍କର କୌଣସି ପ୍ରେରିତଙ୍କ ଭିତରକୁ ପ୍ରେରଣ କରିଥିଲେ, ସେମାନେ ସର୍ବଦା ଜଗତ ଦ୍ୱାରା ପ୍ରତ୍ୟାଖ୍ୟାନ କରା ଯାଇଥିଲେ। ସେମାନେ ସେଠାରେ ଥିବା ପ୍ରତ୍ୟେକ ଯୁଗରେ, ପାଗଳ ବୋଲି ବିବେଚନା କରାଯାଇଥିଲେ। ଏପରିକି ଯେତେବେଳେ ପାଉଲ ଆଗ୍ରିପ୍ପାଙ୍କ ସମ୍ମୁଖରେ ଛିଡ଼ା ହେଲେ, ସେ କହିଥିଲେ, "ଯେଉଁ ଉପାୟରେ ଏହାକୁ ବିଧର୍ମ ବୋଲି କୁହାଯାଏ..." *ବିଧର୍ମ* କଅଣ ଅଟେ? "ପାଗଳାମୀ।" "ଯେଉଁ ଉପାୟରେ ସେମାନେ ପାଗଳ, ମୂର୍ଖମାନଙ୍କର

ଏକ ସମୂହ ବୋଲି ଡାକନ୍ତି, ସେହି ଉପାୟରେ ମୁଁ ଆମର ପିତୃପୁରୁଷଙ୍କର ପରମେଶ୍ୱରଙ୍କୁ ଉପାସନା କରେ।" ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ଅଟେ। ହଁ, ଆଜ୍ଞା। ତାହା ଠିକ୍। ମୁଁ ବହୁତ ଖୁସି ଯେ ମୁଁ କହିପାରେ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ଅଟେ।

107 ତେବେ, ଏହି ପବିତ୍ରଆତ୍ମା ସେମାନଙ୍କ ଉପରେ ଆସିବା ପରେ, ତାହା ସେମାନଙ୍କୁ ଏତେ ସୁମଧୁର କରି ଦେଇଥିଲା ଯେ ଏପରିକି ସବୁକିଛି ସାଧାରଣରେ ଥିଲା। କଅଣ ତାହା ଠିକ୍ ଅଟେ? ମୋର ପ୍ରଭୁ, ମୋର ପ୍ରଭୁ, କି ଏକ ସହଭାଗୀତା ଥିଲା! ଆମେ କୌଣସି ସମୟରେ ସେହି ଗୀତକୁ ଗାଇଥାଉ, "ଓଃ, କି ସହଭାଗୀତା! ଓଃ, କି ଈଶ୍ୱରୀୟ ଆନନ୍ଦ!" ଏହାହିଁ ତାହା ଅଟେ। ସେମାନେ କିଛି ଖାତିର କଲେ ନାହିଁ, ସେମାନେ କିଛି ଖାତିର କଲେ ନାହିଁ ଯେ ସେହି—ସେହି ସୂର୍ଯ୍ୟ ଉଜ୍ଜ୍ୱଳ ହେଲା କି ନାହିଁ। ସେମାନେ ଏକ ଫୁଲର ଆରାମଦାୟକ ଶଯ୍ୟା ମାଗିଲେ ନାହିଁ।

"ତେବେ, ମୁଁ ପବିତ୍ରଆତ୍ମା ଗ୍ରହଣ କରିବି," କିଛି ଲୋକ ମୋତେ କୁହନ୍ତି, "ଶ୍ରୀମାନ ବ୍ରାନହାମ୍, ଯଦି ଆପଣ ମୋତେ ଆଶ୍ୱାସନା ଦେବେ ଯେ ମୁଁ କୋଟିପତି ହେବି, ଯଦି ଆପଣ ମୋତେ ଆଶ୍ୱାସନା ଦେବେ ଯେ ମୁଁ ତେଲ କୂଅ ପାଇବି, ଏବଂ ଯଦି ମୁଁ ସୁନା ଖଣି ପାଇବି, ଏବଂ ମୁଁ—ମୁଁ..." ଦେଖନ୍ତୁ, ଲୋକମାନେ ତାହା ଶିଖାନ୍ତି, ଏବଂ ସେମାନେ ମିଥ୍ୟା ଶିକ୍ଷା ଦିଅନ୍ତି। ପରମେଶ୍ୱର ସେହି ବିଷୟଗୁଡ଼ିକୁ ପ୍ରତିଜ୍ଞା କରି ନାହାଁନ୍ତି।

108 ଜଣେ ବ୍ୟକ୍ତି ଯିଏକି କେବେ ପବିତ୍ରଆତ୍ମା ଗ୍ରହଣ କରିଥାଏ ସେ କେବେବି ସେଥିପ୍ରତି ଧ୍ୟାନ ଦିଏ ନାହିଁ ଯେ ସେ ରୁଟି ନିମନ୍ତେ ଭିକ୍ଷା କରୁଛନ୍ତି କି ନାହିଁ। ତାଙ୍କୁ କୌଣସି ଫରକ୍ ପଡ଼େ ନାହିଁ। ସେ ଏକ ସ୍ୱର୍ଗ-ବନ୍ଧିତ ପ୍ରାଣୀ ଅଟେ। ସେ କରନ୍ତି ନାହିଁ...ତାଙ୍କର ଏଠାରେ କୌଣସି ହେଲେ, ବନ୍ଧନ ନ ଥାଏ। ତାହା ଠିକ୍। ତାଙ୍କର ଫରକ୍ ପଡ଼େ ନାହିଁ। ଯାହା ଆସୁ, ଯାହା ଯାଉ, ଯାହା ହୋଇଥାଉ ନା କାହିଁକି। ସେମାନେ ସମାଲୋଚନା କରନ୍ତୁ, ଥଟ୍ଟା କରନ୍ତୁ। ନିଜର ସମ୍ମାନ ହରାଉଛନ୍ତି, ଆପଣଙ୍କର କଅଣ ଫରକ୍ ପଡ଼େ? ଆପଣ ତ ନିଜର ମହିମାର ପଥରେ ଅଛନ୍ତି! ହାଲ୍ଲେଲୁୟା! ଆପଣଙ୍କର ଆଖି ତ ଖ୍ରୀଷ୍ଟଙ୍କ ଉପରେ ଅଛି, ଏବଂ ଆପଣ ନିଜର ମାର୍ଗରେ ଅଛନ୍ତି। ଜଗତ କଅଣ କହୁଛି ଆପଣଙ୍କର କିଛି ଫରକ୍ ପଡ଼େ ନାହିଁ।

ତାହାହିଁ ହେଉଛି ଯାହାକି ପବିତ୍ରଆତ୍ମା ଅଟନ୍ତି। ଏହା ଏକ ଶକ୍ତି, ଏହା ଏକ ମୁଦ୍ରା, ଏହା ଏକ ସାହାଯ୍ୟକାରୀ, ଏହା ଏକ ସପକ୍ଷବାଦୀ, ଏହା ଏକ ଚିହ୍ନ ଅଟେ। ଓଃ, ମୋର ପ୍ରଭୁ! ଏହା ତ ଆଶ୍ୱାସନା ଅଟେ ଯେ ପରମେଶ୍ୱର ଆପଣଙ୍କୁ ଗ୍ରହଣ କରିଛନ୍ତି।

ମୁଁ କେତେ ଅଧିକ ସମୟ ନେଇ ଯାଇଛି? ମୋ ପାଖରେ ଆହୁରି ଅଧିକ ଆଠ ମିନିଟ୍ ଅଛି। ଠିକ୍ ଅଛି। ମୁଁ କରେ...ମୋ ପାଖରେ ଏଠାରେ ଅନେକ ଶାସ୍ତ୍ରାଂଶ ଅଛି। ମୁଁ ଅନୁମାନ କରେ ନାହିଁ ଯେ ମୁଁ ସେଗୁଡିକୁ ନେଇ ପାରିବି, ମାତ୍ର ଆମେ—ଆମେ ଆମର ଚେଷ୍ଟା କରିବା।

109 ତେବେ, ଜଣେ ବ୍ୟକ୍ତି ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହେବା ପରେ, କଅଣ ଏହା ସମ୍ଭବ ଯେ ସେହି ନିର୍ଯ୍ୟାତନା ଏବଂ ବିଷୟଗୁଡିକ ତାକୁ ପୁନର୍ବାର ଫେରିବାକୁ ବାଧ୍ୟ କରିଥାଏ ଓ... ତେବେ, ସେ ହାରିବାକୁ ଯାଉ ନାହାଁନ୍ତି, ସେ ତଥାପି ଜଣେ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି, ସେ ସର୍ବଦା ରହିବେ, କାରଣ ଆପଣ କେତେ ଦିନ ପାଇଁ ମୁଦ୍ରାଙ୍କିତ ହୋଇଛନ୍ତି? [ମଣ୍ଡଳୀ କୁହନ୍ତି, "ମୁକ୍ତିର ଦିବସ ପର୍ଯ୍ୟନ୍ତ ।"—ସମ୍ପା ।] ତାହା ଠିକ୍ । ତାହାହିଁ ଅଟେ ଯାହା କି ବାଇବଲ କୁହେ ।

110 ତେବେ, ଶିଷ୍ୟମାନଙ୍କୁ ତାଡନା ଦିଆଯିବା ପରେ, ସେମାନଙ୍କୁ ଥଟ୍ଟା କରାଯିବା ପରେ, ପରିହାସର ପାତ୍ର କରାଯିବା ପରେ, ଏବଂ ସବୁକିଛି ପରେ, ସେମାନେ ଭାବିଲେ ଯେ ଏହା ଅଳ୍ପ ଟିକିଏ ସମୟ ପାଇଁ ପୁଣି ଥରେ ଏକାଠି ଫେରିଯିବାର ସମୟ ଅଟେ । ଆସନ୍ତୁ ପ୍ରେରିତ କ୍ରିୟା ତାର 4ର୍ଥ ପର୍ବକୁ—କୁ ଯିବା, ଏବଂ ଦେଖିବା ଯେ ସେମାନେ ଯେତେବେଳେ...କଅଣ ଘଟିଥିଲା । ତେବେ ଏହା ଆପଣ ଲୋକମାନଙ୍କ ପାଇଁ ଅଟେ ଯେଉଁମାନେକି ଏହାକୁ ପାଇ ସାରିଛନ୍ତି । ପ୍ରେରିତ କ୍ରିୟା ତାର 4ର୍ଥ ପର୍ବ ।

ତେବେ, ପିତର ଏବଂ ଯୋହନଙ୍କୁ ଆରୋଗ୍ୟତା ପାଇଁ, ମଣ୍ଡଳୀର ଫାଟକ ନିକଟରେ ଏକ ଆରୋଗ୍ୟତା ସେବା କରିବା ପାଇଁ, ମାଡ଼ ମରାଯାଇ, କାରାଗାରରେ ନିକ୍ଷେପ କରି ଦିଆ ଯାଇଥିଲା । କେତେ ଜଣ ତାହା ଜାଣନ୍ତି? ସେଠାରେ ଜଣେ ଲୋକ ପଡ଼ି ରହିଥିଲା, ତାର ପାଦରେ ଏକ ପ୍ରକାର ଅପଙ୍ଗ ଥିଲା । ସେ ଚାଲିପାରୁ ନ ଥିଲା; ସେହି ପ୍ରକାର ଚାଳିଶ ବର୍ଷ ରହିଥିଲା । ଏବଂ ପିତର ସେହି ପଥ ଦେଇ ଯାଉଥିଲେ । ଆଉ ସେ କହିଲା...ଖାଦ୍ୟ ନିମନ୍ତେ, ତାଟିଆରେ କିଛି ଗୋଟାଏ ପାଇବା ଆଶାରେ, ନିଜର ତାଟିଆକୁ ଆଗକୁ କରିଥିଲା ।

ଏବଂ ପିତର ଦର୍ଶାଇଲେ ଯେ ସେ ଜଣେ ପବିତ୍ର-ଆତ୍ମା-ପୂର୍ଣ୍ଣ ପ୍ରଚାରକ ଥିଲେ, ତାଙ୍କ ପାଖରେ କିଛି ଟଙ୍କା ନ ଥିଲା । ସେ କହିଲେ—ସେ କହିଲେ, "ରୂପା ଓ ସୁନା ମୋ ପାଖରେ ନାହିଁ ।" ଦେଖନ୍ତୁ, ସେ ସେହି ବିଷୟରେ ଚିନ୍ତା କରୁ ନ ଥିଲେ । ମାତ୍ର ସେ ଜଣେ—ଜଣେ ସ୍ୱର୍ଗ-ବନ୍ଧିତ ପ୍ରାଣୀ ଥିଲେ । ଓଃ, ମୁଁ କିପରି ଇଚ୍ଛା କରେ ଯେ ମୋ ପାଖରେ ସେଠାରେ ସେହି ବିଷୟ ଉପରେ ରହିବା ପାଇଁ ଟିକିଏ ସମୟ ରହିଥାନ୍ତା, ଦେଖନ୍ତୁ । ସେ ସ୍ୱର୍ଗ-ବନ୍ଧିତ ଥିଲେ । ସେ ସାନ୍ତ୍ୱନା ପାଇଥିଲେ । ତାଙ୍କ ପାଖରେ ଆତ୍ମା ଥିଲା । ତାଙ୍କ ପାଖରେ ଶକ୍ତି ଥିଲା । ସେ ଆଗକୁ ଯାଇ କହିଲେ, "ରୂପା ଏବଂ ସୁନା ମୋ ପାଖରେ ନାହିଁ, କିନ୍ତୁ ମୋ ପାଖରେ ଯାହା ଅଛି ତାହା ମୁଁ ତୁମକୁ ଦେବି ।"

ନିଃସନ୍ଦେହ ସେହି ବ୍ୟକ୍ତି ଜଣକ କହିଲା, "ମହାଶୟ, ଆପଣଙ୍କ ପାଖରେ କଅଣ ଅଛି?"

"ମୋ ପାଖରେ ବିଶ୍ୱାସ ଅଛି । ମୋ ହୃଦୟରେ ଏପରି କିଛି ଅଛି ଯାହା ପ୍ରାୟଃ ଦଶ ଦିନ ପୂର୍ବରୁ ଆରମ୍ଭ ହୋଇଥିଲା । ମୁଁ ଉପର କୋଠରୀରେ ଥିଲି, ଏବଂ ହଠାତ୍, ପରମେଶ୍ୱର ଦେଇଥିବା ସମସ୍ତ ପ୍ରତିଜ୍ଞାମାନ...ମୁଁ ସାଢ଼େ ତିନି ବର୍ଷ ପର୍ଯ୍ୟନ୍ତ ଯୀଶୁ ଖ୍ରୀଷ୍ଟଙ୍କ ସହିତ ଚାଲିଥିଲି । ମୁଁ ତାହାଙ୍କ ସହିତ ମାଛ ଧରିଥିଲି, ମାଛ ଜାଲ ବାହାରକୁ ଟାଣିଥିଲି । ମୁଁ ଏହି ଭିନ୍ନ କାର୍ଯ୍ୟସବୁ କରିଥିଲି । ଏବଂ ମୁଁ ତାହାଙ୍କୁ ରୋଗୀମାନଙ୍କୁ ସୁସ୍ଥ କରୁଥିବାର ଦେଖିଥିଲି । ମୁଁ...

ସେ ମୋତେ ନିରନ୍ତର କହିଥିଲେ, 'ପିତା ମୋ ଠାରେ ଅଛନ୍ତି । ମାତ୍ର ଯେତେବେଳେ ମୁଁ ଛାଡ଼ି ଚାଲିଯିବି, ସେ ତୁମ ଭିତରକୁ ଆସିବେ ।' ତେଣୁ, ମୁଁ ତାହା ବୁଝିପାରି ନ ଥିଲି । କିନ୍ତୁ ସେ କହିଲେ, 'ବର୍ତ୍ତମାନ, ତୁମେ ତାହା ବୁଝ ବୋଲି ମୁଁ ଆଶା କରେ ନାହିଁ ।'"

ଆପଣ ଏହି ବିଷୟଗୁଡିକ ବୁଝନ୍ତି ନାହିଁ; ଆପଣ କେବଳ ସେଗୁଡ଼ିକୁ ପାଆନ୍ତି । ମୁଁ ଏଯାଏଁ ବୁଝେନାହିଁ । ଏବଂ ମୋତେ କୁହନ୍ତୁ ନାହିଁ ଯେ ଆପଣ ବୁଝୁଛନ୍ତି; କାରଣ, ଆପଣ ନୁହଁନ୍ତି । ବୁଝିଲେ? ତେଣୁ, ମୁଁ ଏହାକୁ ବୁଝିପାରେ ନାହିଁ, ମୁଁ ଏହାକୁ ବ୍ୟାଖ୍ୟା କରିପାରେ ନାହିଁ; କିନ୍ତୁ, କେବଳ ଗୋଟିଏ ବିଷୟ ମୁଁ ଜାଣେ, ମୁଁ ତାହା ପାଇଅଛି ।

"ତେବେ, ତେବେ," ଆପଣ କୁହନ୍ତି, "ତାହା ବୈଜ୍ଞାନିକ ବିଧି ଅନୁସାରେ ନୁହେଁ ।" ଓଃ, ଏହା ନିଶ୍ଚିତରେ ଅଟେ ।

111 ସେହି ଆଲୋକଗୁଡିକୁ ଦେଖନ୍ତୁ । ଯେତେବେଳେ ବେଞ୍ଜାମିନ୍ ଫ୍ରାଙ୍କଲିନ୍ ଏହାକୁ ପାଇଥିଲେ, ସେ କହିଲେ, "ମୁଁ ପାଇଗଲି ।" ସେ ଜାଣି ନ ଥିଲେ ଯେ ତାଙ୍କ ପାଖରେ କଅଣ ଥିଲା, କିନ୍ତୁ ତାଙ୍କ ପାଖରେ ରହିଥିଲା । ଏବଂ ମୁଁ ଚାହୁଁଛି ଯେ ଆଜି ରାତି କେହି ମୋତେ କୁହନ୍ତୁ ଯେ ବିଦ୍ୟୁତ୍ କଅଣ ଅଟେ । ସେମାନେ ଏବେ ସୁଦ୍ଧା ଏହା ଜାଣନ୍ତି ନାହିଁ ଯେ ତାହା କଅଣ ଅଟେ, ମାତ୍ର ଆମେ ତାହା ପାଇଅଛୁ । ଆମେନ୍ । ତାହା ଠିକ୍ ଅଟେ । ବିଦ୍ୟୁତ୍ କଅଣ ତାହା କୌଣସି ବ୍ୟକ୍ତି ଜାଣନ୍ତି ନାହିଁ । ସେମାନେ ଏହାକୁ ବ୍ୟବହାର କରିପାରନ୍ତି, ଏହାକୁ ଆଲୁଅ ଦେବା ପାଇଁ କରିପାରନ୍ତି, ଏହାକୁ ଜଳାଇ ପାରନ୍ତି, ଏହାକୁ କାର୍ଯ୍ୟକାରୀ କରିପାରନ୍ତି । ମାତ୍ର ଏହା—ଏହା ଜେନେରେଟର ଦ୍ୱାରା ଉତ୍ପାଦନ କରାହୁଏ, ଦୁଇଟି ଖଣ୍ଡ *ସେହିପରି* ଭାବରେ ଏକତ୍ର ଆସନ୍ତି । ଏହା ତାହା ଉତ୍ପାଦନ କରେ, ଏବଂ ତାହାହିଁ ସବୁକିଛି ଅଟେ ଯାହା ସେମାନେ ଜାଣନ୍ତି । ଏହା ଆଲୋକ ପ୍ରଦାନ କରିବ, ଏବଂ ଏଥିରେ ତାହା ଶକ୍ତି ସଞ୍ଚିତ ରଖିଥାଏ ।

112 ଏବଂ ତାହା ପରମେଶ୍ୱରଙ୍କ ଆତ୍ମା ପରି ଅଟେ । ଯେତେବେଳେ ଆପଣ ଗୋଟିଏ ଖଣ୍ଡ ପାଆନ୍ତି, ତାହା ଆପଣ ଅଟନ୍ତି, ଏବଂ ଅନ୍ୟ ଖଣ୍ଡଟି ପରମେଶ୍ୱର ଅଟନ୍ତି; ଏବଂ ସେମାନଙ୍କୁ *ସେହିପରି* ଏକାଠି ରଖନ୍ତୁ, ଏହା ଆପଣଙ୍କ ପାଇଁ କିଛି ଗୋଟାଏ କରିବ । ତାହା ଠିକ୍ । ଏହା ଆଲୋକ ପ୍ରଦାନ କରିବ । ଏହା ଶକ୍ତି ପ୍ରଦାନ କରିବ । ଆପଣ ଜାଣନ୍ତି ନାହିଁ ଯେ ତାହା କଅଣ ଅଟେ, ଏବଂ ତାହା କେବେବି ଜାଣିବେ ନାହିଁ ଯେ ତାହା କଅଣ ଅଟେ, ମାତ୍ର ଯେତେବେଳେ ଆପଣ ଏହା ପାଇବେ ଆପଣ ତାହା ଜାଣିଯିବେ । ଗୋଟିଏ କଥା ତ ତାହା ସୁନିଶ୍ଚିତ ଅଟେ । ଏବଂ ଏହା ଆପଣଙ୍କ ପାଇଁ ଅଟେ । ଏହା ଆପଣଙ୍କର ଅଟେ । ଏହା ସେହି ଆଶ୍ୱାସନା ଅଟେ । ତାହା ଠିକ୍ ।

*ସେହି ଆଲୋକ କଅଣ ଦର୍ଶାଏ? ଏକ ଆଶ୍ୱାସନା ଅଛି । ଏହା ସେହି ଆଲୋକ ଅଟେ ।*

ତେବେ ଏହାକୁ ଧ୍ୟାନ ଦିଅନ୍ତୁ । ତେବେ, ଆପଣ ଜାଣନ୍ତି ନାହିଁ ଯେ ଏହା କଅଣ ଅଟେ ।

113 କିନ୍ତୁ ଏହି ବ୍ୟକ୍ତିମାନେ କହିଥିଲେ, "ତେବେ," ସେମାନେ...ସେମାନେ ଜାଣିଥିବା ସେହି ଗୋଟିଏ କଥା କହିଲେ, "ଆମେ ଜାଣୁ ଯେ ସେମାନେ ଅନ୍ଧ ଅଟନ୍ତି ।" ଆଉ କିଛି

ଅଧିକ "ମୂର୍ଖମାନେ," ଆପଣ ଦେଖନ୍ତୁ, ଯେପରିକି ସେହି ଛୋଟ ଜର୍ମାନ କହିଥିଲେ ଯେ ସେ ଥିଲେ । ବୁଝିଲେ? କହିଲେ, "ସେମାନେ ଅଜ୍ଞ ଏବଂ ଅଶିକ୍ଷିତ ଅଟନ୍ତି । କିନ୍ତୁ ସେମାନେ ସେହି ମତ୍ସ୍ୟଜୀବୀଙ୍କ ସହ, ଯୀଶୁ ନାମକ, ସେହି ବଢେଇ ସହ ରହିଛନ୍ତି, ମୁଁ ଆପଣଙ୍କୁ କୁହେ, କାରଣ ସେମାନେ ଠିକ୍ ସେହି ସମାନ କାର୍ଯ୍ୟଗୁଡିକ କରୁଛନ୍ତି ଯାହା ସେ କରିଥିଲେ ।"

114 ତାହାହିଁ ଅଟେ ଯାହାକି ସେହି ପବିତ୍ରଆତ୍ମା ଅଟନ୍ତି, ଯେ ଯୀଶୁ ଜଣେ ଅଜ୍ଞ ମତ୍ସ୍ୟଜୀବୀରେ, ଜଣେ ବଢେଇ ଭିତରେ, କିମ୍ବା ଯାହାକିଛି ବି ହେଉ, ଅଜ୍ଞ ପ୍ରଚାରକରେ, ତାହା ଯାହା ବି ଅଟେ ସେଥିରେ ବାସ କରନ୍ତି । ଏହା ଏପରି ଜଣେ ବ୍ୟକ୍ତି ଯିଏକି ଜଗତର ବିଷୟ ପ୍ରତି ଅଜ୍ଞ ହେବାକୁ ଚାହାଁନ୍ତି, ଏବଂ ଯୀଶୁଙ୍କୁ, ପରମେଶ୍ୱରଙ୍କ ସେହି ଆତ୍ମାଙ୍କୁ, ସେହି ମୁଦ୍ରାକୁ, ସେହି ସାହାଯ୍ୟକାରୀଙ୍କି ତାଙ୍କ ନିକଟକୁ ଆସିବାକୁ ଦିଅନ୍ତି । ସେ ସମ୍ମାନ ବିଷୟରେ ଚିନ୍ତା କରନ୍ତି ନାହିଁ; କେବଳ ଗୋଟିଏ ବିଷୟ ସେ ଚାହାଁନ୍ତି ତାହା ହେଉଛି ପରମେଶ୍ୱର ।

115 ଯେତେବେଳେ ପରମେଶ୍ୱର କ୍ରମରେ ବ୍ୟବସ୍ଥିତ କରୁଥିଲେ, ସେ କହିଲେ, "ତୁମେ ସମସ୍ତେ ଲେବୀୟମାନେ, ମୁଁ ତୁମକୁ ଆହ୍ୱାନ କରିଅଛି ଏବଂ ତୁମକୁ ଯାଜକ କରିଅଛି । ଆଉ ତୁମର ସମସ୍ତ ଭାଇମାନେ, ଅନ୍ୟ, ବାର ଗୋଷ୍ଠୀ ଏବଂ...ଅନ୍ୟ ଏକାଦଶ ଗୋଷ୍ଠୀ ତୁମକୁ ଦଶମାଂଶ ଦେବେ ।"

"ଯେତେବେଳେ, ତୁମେ ନଅ ମାଣ ସେଉ ପାଇବ, ଲେବୀୟମାନଙ୍କୁ ଏକ ମାଣ ଢାଳି ଦେବ । ଯେତେବେଳେ ତୁମେ ତୁମର ମେଷମାନଙ୍କୁ ଏଠାରେ ଏହି—ଏହି କୋଠରୀ ଦେଇ ନେବ, ଦଶମ ମେଷକୁ ଉଠାଇ ନେବ । ମୋର ସେଥିରେ କିଛି ଯାଏ ଆସେ ନାହିଁ ଯେ ତାହା ଗୋଟିଏ ଛୋଟ ହୁଏ, କିମ୍ବା ଗୋଟିଏ ବଡ଼ ହୁଏ, ହୃଷ୍ଟ ପୃଷ୍ଟ ହୁଏ, କିମ୍ବା ଅପରିପୋଷିତ ହୁଏ, ତାହା ଲେବୀୟର ଥାଏ ।

"ତେବେ, ଲେବୀୟମାନେ, ଯେତେବେଳେ ତୁମେ ଏସବୁ ପାଇବ, ସେତେବେଳେ ତୁମେ ମଧ୍ୟ, ପ୍ରଭୁଙ୍କ ନିକଟରେ, ଦଶମାଂଶ ଦେବ। ତୁମେ ଦୋଳନୀୟ-ନୈବେଦ୍ୟ, ଉତ୍ତୋଳନୀୟ-ନୈବେଦ୍ୟ, ଭିନ୍ନ ନୈବେଦ୍ୟମାନ ଅର୍ପଣ କରିବ । ତୁମେ ପ୍ରଭୁଙ୍କୁ ଦଶମାଂଶ ଦେବ ।"

116 କହିଲେ, "ମୋଶା, କିନ୍ତୁ ତୁମର ଅଂଶ ନିମନ୍ତେ, ମୁଁ ତୁମର ଅଟେ ।" ଓଃ, ମୋର ପ୍ରଭୁ! ସେ କହିଲେ, "ମୁଁ ତୁମର ସନ୍ତୋଷଜନକ ଅଂଶ ଅଟେ ।"

ଏବଂ ତାହାହିଁ ଅଟେ ଯାହାକି ଆଜି ପବିତ୍ରଆତ୍ମା ମଣ୍ଡଳୀ ପାଇଁ ଅଟନ୍ତି । ରୂପା ଏବଂ ସୁନା ମୋ ପାଖରେ ନାହିଁ, କିନ୍ତୁ ମୋର ଏକ ସନ୍ତୋଷଜନକ ଅଂଶ ଅଛି । ହାଲ୍ଲେଲୁୟା! ଶିକ୍ଷା, ମୁଁ ବଡ଼ କଷ୍ଟରେ ଏହି ପୁସ୍ତକ ପାଠ କରିପାରେ, କିନ୍ତୁ ମୁଁ ଏକ ସନ୍ତୋଷଜନକ ଅଂଶ ପାଇଅଛି । ତାହା ଉତ୍ତମ ଅଟେ । ଡାକ୍ତରଙ୍କ ଉପାଧି, ମୋ ପାଖରେ କିଛି ନାହିଁ; ପିଏଚ୍.ଡି କିମ୍ବା ଏଲ୍‌ଡି, କିମ୍ବା ଅନ୍ୟ କିଛି ହେଲେ ନାହିଁ । କିନ୍ତୁ ଗୋଟିଏ ବିଷୟ ମୋ ପାଖରେ ଅଛି, ସେହି ସନ୍ତୋଷଜନକ ଅଂଶ । ସେହି ଅଂଶ ହିଁ ଅଟେ ଯାହା ମୁଁ ଚାହେଁ । ସେହି ଅଂଶ ହିଁ ଅଟେ ଯାହା ଆପଣ ପାଆନ୍ତୁ

ବୋଲି ପରମେଶ୍ୱର ଚାହାଁନ୍ତି । ଏହି ଅବଶିଷ୍ଟ ପୁରୁଣା ବିଷୟଗୁଡ଼ିକୁ, ସମସ୍ତ ସମ୍ମାନ ଏବଂ ଅନ୍ୟ ସମସ୍ତ କିଛି ବିଷୟକୁ ଫିଙ୍ଗି ଦିଅନ୍ତୁ, ଏବଂ ବାହାରକୁ ଯାଇ ପରମେଶ୍ୱରଙ୍କ ସନ୍ତୋଷଜନକ ଅଂଶ ପ୍ରାପ୍ତ କରନ୍ତୁ ।

117 କାରଣ, ଆପଣ ଏହି ପୃଥିବୀରୁ ଯାହା ପାଇଛନ୍ତି, ଆପଣ ତାହା ଏଠାରେ ଛାଡିଯିବେ ଯେତେବେଳେ ଆପଣ ଏଠାରୁ ଚାଲିଯିବେ । କିନ୍ତୁ ଯଦି ଆପଣ ସେହି ସନ୍ତୋଷଜନକ ଅଂଶ ପାଇଛନ୍ତି, ତାହାହେଲେ ଏହା ସୁନିଶ୍ଚିତ ଭାବରେ ଆପଣଙ୍କୁ ଉପରକୁ ନେଇକରି ଯିବ । ଆମେ ଆଜିକାଲି, ସବୁବେଳେ ବୀମା ବାହାର କରିଥାଉ, ସେହି ସମାଧିସ୍ଥ କର୍ମକର୍ତ୍ତାଙ୍କୁ ଦେବା ପାଇଁ । ଆସନ୍ତୁ ସେହି ପରମେଶ୍ୱରଙ୍କ ସନ୍ତୋଷଜନକ ଅଂଶକୁ ପ୍ରାପ୍ତ କରିବା, ଏବଂ ସେହି ସମାଧିସ୍ଥ କର୍ମକର୍ତ୍ତା ବଦଳରେ ଉପରିସ୍ଥ-କର୍ମକର୍ତ୍ତାଙ୍କୁ ପ୍ରାପ୍ତ କରିବା । ଆପଣ ଜାଣନ୍ତି, ସେ ଦୁହେଁ କାମ କରନ୍ତି ।

118 ତେବେ ଆସନ୍ତୁ ଦେଖିବା ।

*...ସେମାନେ ମୁକ୍ତ ହୋଇ, ଆପଣା ସଙ୍ଗୀମାନଙ୍କ ନିକଟକୁ ଗଲେ,...*

ଯାଜକମାନଙ୍କୁ ଫେରି ଗଲେ ନାହିଁ । ଦେଖନ୍ତୁ, ତାହା ଦର୍ଶାଇଲା ଯେ ସେମାନଙ୍କ ପାଖରେ ତାହା ରହିଥିଲା । ସେମାନେ ପୁନର୍ବାର ସେହି ପୁରୁଣା, ଶୀତଳ, ଆନୁଷ୍ଠାନିକ ବିଷୟ ନିକଟକୁ ଫେରିବାକୁ ଯାଉ ନ ଥିଲେ, ନା; ଫେରି ଯାଇ ଏହା କହିବାକୁ ଯାଉ ନ ଥିଲେ, "ତେବେ ଏଠାରେ ଦେଖନ୍ତୁ ସେମାନେ ଆମ ସହିତ କଅଣ କଲେ!" ନା, ନା । ସେମାନଙ୍କର ନିଜର ସଙ୍ଗୀମାନେ ଥିଲେ । ସେଠାରେ ସେମାନଙ୍କ ମଧ୍ୟରୁ କେବଳ ପ୍ରାୟଃ ଛଅ ଜଣ ଥିଲେ, କିନ୍ତୁ ତାହା ଏକ ସଙ୍ଗୀମାନଙ୍କ ଗୋଷ୍ଠୀ ଥିଲା, ଅଳ୍ପ ଟିକିଏ ହାତଗଣତି ଲୋକ ।

*...ସେମାନେ ମୁକ୍ତ ହୋଇ,...*

ସେମାନେ ସେମାନଙ୍କୁ ମାଡ଼ ମାରିବା ସହ ଧମକ ଦେବା ପରେ କହିଥିଲେ, "ଯଦି ତୁମେ ପୁନର୍ବାର କେବେ ଯୀଶୁଙ୍କ ନାମରେ ବାପ୍ତିଜିତ କର!" କିମ୍ବା, ଓଃ, ମୋର ଅଭିପ୍ରାୟ ସେହି... ତେବେ, ତାହା ଠିକ୍ ଅଟେ । ବୁଝିଲେ? "ଯଦି ତୁମେ ପୁନର୍ବାର କେବେ ଯୀଶୁଙ୍କ ନାମରେ ପ୍ରଚାର କର, ତୁମେ ଯାହାକିଛି ବି କର, ଆମେ ତୁମକୁ ଧରି ପକାଇବୁ!"

119 କହିଲେ, "ହୁଁ୍ୟ, ତାହା ଏକ ଧମକ ଅଟେ । ଆସନ୍ତୁ ଆମେ ଅବଶିଷ୍ଟ ଭାଇମାନଙ୍କ ପାଖକୁ ଯିବା ।" ଓଃ, ତାହା ହିଁ ହେଉଛି ଉପାୟ । ଏକତାରେ ହିଁ ଶକ୍ତି ଅଛି । ଏକତାରେ ହିଁ ଶକ୍ତି ଅଛି । କହିଲେ, "ଆସନ୍ତୁ ଆମେ କେବଳ ଅନ୍ୟ ବାକି ଭାଇମାନଙ୍କ ନିକଟକୁ ଯିବା ଓ ଦେଖିବା ଯେ ଆମେ କଅଣ କରିପାରିବା ।"

120 ବର୍ତ୍ତମାନ ସେମାନେ ସମସ୍ତେ ଏକାଠି ହେଲେ ଓ ବିଭିନ୍ନ ଅନୁଭୂତିମାନ କହୁଥିଲେ ।

*...ସେମାନେ ମୁକ୍ତ ହୋଇ, ଆପଣା ସଙ୍ଗୀମାନଙ୍କ ନିକଟକୁ ଗଲେ, ଏବଂ ପ୍ରଧାନ ଯାଜକ ଓ ପ୍ରାଚୀନମାନେ ସେମାନଙ୍କୁ ଯାହା ଯାହା କହିଥିଲେ, ସେହିସବୁ ଜଣାଇଲେ।*

*ସେମାନେ ତାହା ଶୁଣି, ଏକଚିତ୍ତରେ ପରମେଶ୍ୱରଙ୍କ ନିକଟରେ ଉଚ୍ଚ ସ୍ୱରରେ ପ୍ରାର୍ଥନା କରି କହିଲେ,...*

ତେବେ ଶୁଣନ୍ତୁ ସେମାନେ କଅଣ କହିଲେ। ତାଙ୍କୁ ଦେଖନ୍ତୁ, ସେମାନଙ୍କୁ ଦେଖନ୍ତୁ, ଫେରି ଯାଇ ତାହା କହିଲେ ନାହିଁ, "ଓଃ..." ଅନ୍ୟ କିଛି ବିଷୟରେ, "ହେ ପ୍ରଭୁ, ମୁଁ ବହୁତ ଦୁଃଖିତ..." ନା। ସେମାନେ ତ ଆଗରୁ ପରିତ୍ରାଣ ପାଇ ସାରିଥିଲେ। ସେମାନେ ଆତ୍ମାରେ ପରିପୂର୍ଣ୍ଣ ହୋଇଥିଲେ। ସେମାନଙ୍କ ପାଖରେ ଅନନ୍ତ ଜୀବନ ରହିଥିଲା।

*...ଏକଚିତ୍ତରେ,...ପରମେଶ୍ୱରଙ୍କ ନିକଟରେ ଉଚ୍ଚ ସ୍ୱରରେ ପ୍ରାର୍ଥନା କରି କହିଲେ, ହେ ପ୍ରଭୁ, ତୁମ୍ଭେ ପରମେଶ୍ୱର,...*

ଆମେନ୍! ଭାଇ ପାମର୍, ମୋତେ ତାହା ଠିକ୍ ପସନ୍ଦ ଲାଗେ। ମୋତେ ତାହା ଭଲ ଲାଗେ।

*...ତୁମ୍ଭେ ପରମେଶ୍ୱର ଅଟ* (ଆମେ ତାହା ଜାଣୁ) *ତୁମ୍ଭେ* ଆକାଶ, *ପୃଥିବୀ, ସମୁଦ୍ର ଏବଂ ସେସବୁ ମଧ୍ୟରେ ଥିବା ସମସ୍ତ ବିଷୟ ସୃଷ୍ଟି କରିଅଛ:*

*ତୁମ୍ଭେ ଆପଣା ଦାସ ଦାଉଦଙ୍କ ମୁଖ ଦେଇ...କହିଅଛ,...*

121 ତେବେ ଦେଖନ୍ତୁ, ଆପଣ ଫେରି ଆସି, କହିବାକୁ ଯାଉଛନ୍ତି, "ବର୍ତ୍ତମାନ, ଆମେ ନୋହୁଁ..." ତେବେ ଆପଣ ସେଠାକୁ ଯାଆନ୍ତୁ ଓ କୁହନ୍ତୁ, "ତେବେ, ବର୍ତ୍ତମାନ, ପ୍ରଭୁ, ବର୍ତ୍ତମାନ ଏଠାରେ ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ। ସେମାନେ କେବଳ ମୋର ଏତେ ଅଧିକ ପରିହାସ କରୁଛନ୍ତି!" କଅଣ ସେ ଏହା କହି ନ ଥିଲେ କି ଯେ ସେମାନେ ତାହା କରିବେ?

"ଖ୍ରୀଷ୍ଟ ଯୀଶୁଙ୍କଠାରେ ଧାର୍ମିକ ଭାବରେ ଜୀବନ ଯାପନ କରୁଥିବା ସମସ୍ତ ଲୋକମାନେ ନିର୍ଯ୍ୟାତନା ଭୋଗିବେ।"

"ହଁ, ଆପଣ ଜାଣନ୍ତି, ମୋ ମୁନୀବ ମୋତେ କହିଲେ ଯଦି ସେ ଧରି ପକାନ୍ତି..." କଅଣ ସେମାନେ ଏହା କହି ନ ଥିଲେ ଯେ ସେମାନେ ତାହା କରିବେ? "ତେବେ, ଆପଣମାନେ ଜାଣନ୍ତି, ସେମାନେ ମୋତେ ତାହା କହିବା ପାଇଁ, ଅନ୍ୟ ଏକ ଦିନ ନ୍ୟାୟାଳୟକୁ ଟାଣି ନେଇଥିଲେ।"

122 କଅଣ ସେ କହି ନାହାଁନ୍ତି, "ମୋର ନାମ ସକାଶୁ, ତୁମକୁ ରାଜା ଓ ଶାସକମାନଙ୍କ ସମ୍ମୁଖକୁ ଅଣାଯିବ। ତୁମେ କଅଣ କହିବ ତାହା ଚିନ୍ତା କରିବ ନାହିଁ, କାରଣ ଏହା ତୁମେ ନୁହଁ ଯିଏକି କହୁଥାଏ"? ଗତକାଲି ହିଁ ମୁଁ ଏହା ହେଉଥିବାର ଦେଖିଲି। "ଏହା ତ ପବିତ୍ରଆତ୍ମା ଅଟନ୍ତି ଯିଏକି

ତୁମ ଭିତରେ ବାସ କରନ୍ତି; ସେ କଥାବାର୍ତ୍ତା କରିବେ।" ଦେଖନ୍ତୁ, "ସେ।" ତାହା ଠିକ୍ ଅଟେ। ଠିକ୍ ଅଛି। "ଆପଣ କଅଣ କହିବେ ତାହା ଚିନ୍ତା କରନ୍ତୁ ନାହିଁ।"

ପ୍ରଭୁ, ଦ୍ଵାରା...*ତୁମ୍ଭେ ଆପଣା ଦାସ...ଦାଉଦଙ୍କ ମୁଖ ଦେଇ କଥା କହିଅଛ, ବିଜାତିମାନେ କାହିଁକି କଳହ କଲେ, ଆଉ ଲୋକମାନେ କାହିଁକି ଏକ ଅନର୍ଥକ ବିଷୟ କଳ୍ପନା କଲେ?*

*ପ୍ରଭୁଙ୍କ ବିରୁଦ୍ଧରେ ଓ ତାହାଙ୍କ ଅଭିଷିକ୍ତଙ୍କ ବିରୁଦ୍ଧରେ, ପୃଥିବୀର ରାଜାମାନେ ଠିଆ ହେଲେ ଓ ଶାସନକର୍ତ୍ତାମାନେ...ଏକତ୍ର ହେଲେ।*

*...କାରଣ, ତୁମ୍ଭର, ଯେଉଁ ପବିତ୍ର ଦାସ, ଯୀଶୁଙ୍କୁ ତୁମ୍ଭେ ଅଭିଷିକ୍ତ କଲ, ପ୍ରକୃତରେ ତାହାଙ୍କ ବିରୁଦ୍ଧରେ ହେରୋଦ, ଓ ପନ୍ତିୟ ପୀଲାତ, ଉଭୟ ବିଜାତି, ଓ ଇସ୍ରାଏଲର ଲୋକମାନଙ୍କ ସହିତ,...ଏହି ନଗରରେ,*

*ତୁମ୍ଭର ହସ୍ତ ଓ ତୁମ୍ଭର ସଂକଳ୍ପ ଦ୍ଵାରା ଯେସମସ୍ତ ବିଷୟ ଘଟିବ ବୋଲି ପୂର୍ବରୁ ନିରୂପିତ ହୋଇଥିଲା, ତାହା କରିବାକୁ ଏକତ୍ର ହେଲେ।*

ଓଃ, ମୋର ପ୍ରଭୁ! ମୁଁ ତାହା ପସନ୍ଦ କରେ। "ପ୍ରଭୁ, ସେମାନେ କେବଳ ଠିକ୍ ସେହି ବିଷୟ ସାଧନ କରୁଛନ୍ତି ଯାହା ସେମାନେ କରିବେ ବୋଲି ତୁମେ କହିଥିଲ।" ବାଇବଲ କଅଣ କହିଥାଏ? "ଶେଷ କାଳରେ, ନିନ୍ଦକମାନେ ଆସିବେ; ଦୁଃସାହସୀ, ଦାମ୍ଭିକ ହେବେ ଓ ପରମେଶ୍ୱରପ୍ରିୟ ନ ହୋଇ ବରଂ ବିଳାସପ୍ରିୟ ହେବେ; ଅମିଳନପ୍ରିୟ, ଅପବାଦକ, ଅଜିତେନ୍ଦ୍ରିୟ, ଉତ୍ତମ ବିଷୟର ଘୃଣାକାରୀ; ସେମାନେ ଭକ୍ତିର ଭେଖ ଧରନ୍ତି, କିନ୍ତୁ ସେଥିର ଶକ୍ତିକୁ ଅସ୍ୱୀକାର କରନ୍ତି..." ସେମାନେ କଦାପି ସେଠାରେ ଉପରକୁ ଯାଇ ଶକ୍ତି ଗ୍ରହଣ କଲେ ନାହିଁ: "...ପବିତ୍ରଆତ୍ମା ଆପଣଙ୍କ ଉପରକୁ ଆସିଲା ଉତ୍ତାରେ।" "ସେମାନେ ଭକ୍ତିର ଭେଖ ଧରନ୍ତି, କିନ୍ତୁ ସେଥିର ଶକ୍ତିକୁ ଅସ୍ୱୀକାର କରନ୍ତି: ଏପରି ଲୋକମାନଙ୍କଠାରୁ ଅନ୍ତର ହୁଅ।" ତାହାହିଁ ହେଉଛି ଯାହାକି ପବିତ୍ରଆତ୍ମା ଅଟେ। ବୁଝିଲେ?

*...ଯେସମସ୍ତ ବିଷୟ ଘଟିବ ବୋଲି...ପୂର୍ବରୁ ନିରୂପିତ ହୋଇଥିଲା।*

*...ଏବେ, ହେ ପ୍ରଭୁ, ସେମାନଙ୍କର ତର୍ଜନଗର୍ଜନ ପ୍ରତି ଦୃଷ୍ଟିପାତ କର: ପୁଣି— ପୁଣି ତୁମ୍ଭର ଦାସମାନଙ୍କୁ, ପୂର୍ଣ୍ଣ ସାହସର ସହ ତୁମ୍ଭର ବାକ୍ୟ କହିବାକୁ ଶକ୍ତି ଦିଅ,*

ଓଃ, ମୁଁ ତାହା ପସନ୍ଦ କରେ! ସେହି ପୁରୁଣା ଇଚ୍ଛାହାଡ଼କୁ ବାହାର କରି ଦିଅନ୍ତୁ, ଏବଂ ସେଠାରେ ଏକ ପ୍ରକୃତ ମେରୁଦଣ୍ଡ ହାଡ଼କୁ ପାଆନ୍ତୁ। ତେବେ ଏଠାରେ ଦେଖନ୍ତୁ।

*...ତୁମ୍ଭର ବାକ୍ୟ କହିବାକୁ ଶକ୍ତି ଦିଅ,*

*ଆରୋଗ୍ୟ କରିବା ନିମନ୍ତେ ତୁମ୍ଭର ହସ୍ତ ବିସ୍ତାର କର;...*

ହେ ଭାଇ! ଭୂତମାନେ ମରନ୍ତି ନାହିଁ, କିନ୍ତୁ ପବିତ୍ରଆତ୍ମା ମଧ୍ୟ ମରନ୍ତି ନାହିଁ। ବୁଝିଲେ?

*...ସଙ୍ଗେ ତୁମ୍ଭର ପବିତ୍ର ଦାସ ଯୀଶୁଙ୍କ ନାମରେ;...ଆରୋଗ୍ୟ କରିବା ନିମନ୍ତେ ଏବଂ ଲକ୍ଷଣ ଓ ଅଦ୍ଭୁତ କର୍ମମାନ ସାଧନ କରିବା ପାଇଁ ତୁମ୍ଭର ହସ୍ତ ବିସ୍ତାର କର।*

କଅଣ ଆପଣ ଦେଖୁଛନ୍ତି ଯେ ସେମାନେ କେଉଁ ବିଷୟରେ କଥାବାର୍ତ୍ତା କରୁଥିଲେ, କଅଣ ଆପଣ ଦେଖୁ ନାହାଁନ୍ତି କି? ସେମାନେ ଆଜି ମଧ୍ୟ ସେହି ସମାନ ବିଷୟ କରୁଛନ୍ତି, କିନ୍ତୁ ଏହା ଟିକିଏ ବି ଲାଭଜନକ ନୁହେଁ।

*ସେମାନେ ପ୍ରାର୍ଥନା କଲା ଉତ୍ତାରେ, ଯେଉଁ ସ୍ଥାନରେ ଏକତ୍ର ହୋଇଥିଲେ ତାହା କମ୍ପି ଉଠିଲା; ପୁଣି ସମସ୍ତେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହୋଇ,...ସାହସରେ ସହିତ ପରମେଶ୍ୱରଙ୍କ ବାକ୍ୟ କହିବାକୁ ଲାଗିଲେ।*

123 ହଁ୍ୟା! ମୋର ପ୍ରଭୁ! ସେମାନେ କିଛି ପାଇଥିଲେ ଯେତେବେଳେ ସେମାନେ ସେଠାରେ ଉପରକୁ ଯାଇଥିଲେ, କଅଣ ନୁହେଁ କି? ସେହି ପ୍ରତିଜ୍ଞା କହିଥିଲା ଯେ ତାହା ନିମନ୍ତେ ଯାହା ପାଇଁକି ପବିତ୍ରଆତ୍ମା ପ୍ରଦାନ କରା ହୋଇଥିଲା, ଆପଣଙ୍କୁ ସାହସ ଦେବା ପାଇଁ, ଆପଣଙ୍କୁ ସାନ୍ତ୍ୱନା ଦେବା ପାଇଁ, ଆପଣଙ୍କୁ ମୁଦ୍ରାଙ୍କିତ କରିବା ପାଇଁ, ଆପଣଙ୍କୁ ଏକ ଚିହ୍ନ ପ୍ରଦାନ କରିବା ପାଇଁ। ଓଃ, ମୋର ପ୍ରଭୁ!

124 ଶୁଣନ୍ତୁ। ଓଃ, ମୋର ଇଚ୍ଛା ଯେ ଆମ ପାଖରେ କେବଳ ସମୟ ଥାଆନ୍ତା, ଆମେ ଫିଲିପ୍ପ ସହିତ ଶମିରୋଣୀୟମାନଙ୍କ ନିକଟକୁ ଯାଇପାରିଥାନ୍ତୁ। ପ୍ରେରିତ ପକ୍ରିୟା ୫:14 ରେ; ଆପଣ ସମସ୍ତଙ୍କ ପାଇଁ ଯେଉଁମାନେକି ଏହାକୁ ଲେଖୁଛନ୍ତି। ସେମାନେ ଅତିଶୟ ଆନନ୍ଦ ପ୍ରାପ୍ତ ହୋଇଥିଲେ, ସେମାନଙ୍କର ବହୁତ ମହାନ ଆରୋଗ୍ୟତାମାନ ହୋଇଥିଲା, କିନ୍ତୁ ସେମାନେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇଥିଲେ। କିନ୍ତୁ ସେମାନେ ପିତରଙ୍କୁ ଆଣିବା ପାଇଁ, ଯିରୁଶାଲମକୁ ଲୋକ ପଠାଇଥିଲେ; ଯେ ସେ ଆସି ସେମାନଙ୍କ ଉପରେ ହାତ ରଖିବେ, ଏବଂ ସେମାନେ ପବିତ୍ରଆତ୍ମା ଗ୍ରହଣ କରିବେ। ପ୍ରେରିତ କ୍ରିୟା ୫:14।

125 ସେହି ବିଜାତିମାନେ, କର୍ଣ୍ଣୀଲିୟ ନାମକ ଜଣେ ଥିଲେ। ସେ ଜଣେ ଅତି ଉତ୍ତମ ବ୍ୟକ୍ତି ଥିଲେ, ଦଶମାଂଶ ଦେଉଥିଲେ, ଲୋକମାନଙ୍କ ପାଇଁ ସମାଜଗୃହ ନିର୍ମାଣ କରିଥିଲେ, ପରମେଶ୍ୱରଙ୍କୁ ସମ୍ମାନ କରୁଥିଲେ, ପରମେଶ୍ୱରଙ୍କୁ ଭୟ କରୁଥିଲେ; ଜଣେ ଭଲ ମଣିଷ, ଭଲ ପ୍ରେସ୍‌ବିଟେରିଆନ୍, ମେଥୋଡିଷ୍ଟ, ବାପ୍‌ଟିଷ୍ଟ, କିମ୍ବା ଅନ୍ୟ କିଛି, ଦେଖନ୍ତୁ, ଜଣେ ବହୁତ ଭଲ ବ୍ୟକ୍ତି ଥିଲେ। କିନ୍ତୁ ଦିନେ ପରମେଶ୍ୱର କହିଲେ, "ସେ ଜଣେ ଭଲ ଲୋକ; ତେଣୁ ମୁଁ ତାକୁ ଏକ ସଭାକୁ ପଠାଇବାକୁ ଯାଉଅଛି। ମୋତେ ମୋର ପ୍ରଚାରକକୁ ଏଠାରେ ଆଣିବାକୁ ପଡିବ ଓ ତାକୁ ଏହା ବିଷୟରେ ଜଣାଇବାକୁ ପଡିବ।" ଠିକ୍ ଅଛି।

ତେଣୁ ସେ ଏକ ଦର୍ଶନ ଦେଖିଲେ, "ଯାଫୋକୁ ଯାଅ, ଏବଂ ତୁମେ ସେଠାରେ ଶିମୋନ ନାମକ ଜଣେ, ଚର୍ମକାରକୁ ପାଇବ। ଏବଂ ସେଠାରେ ଜଣେ, ଶିମୋନ ପିତର, ସେଠାରେ ଅଛନ୍ତି। ସେ ଏଠାକୁ ଆସନ୍ତୁ; ସେ ତୁମକୁ ବାଟ କହିବେ, କାରଣ ସେ କିଛି ପାଇଛନ୍ତି।"

126 ଏବଂ ଯେତେବେଳେ ପିତର ସେଠାରେ ଛିଡ଼ା ହୋଇଥିଲେ...ଏବଂ କର୍ଣ୍ଣୀଲିୟ ସେହି ପ୍ରଚାରକଙ୍କୁ ଉପାସନା କରିବାକୁ ଯାଉଥିଲେ। ସେ ଥିଲେ...କିନ୍ତୁ ପିତର କହିଲେ, "ଛିଡ଼ା ହୁଅ। ମୁଁ ତୁମ ପରି ଜଣେ ବ୍ୟକ୍ତି ଅଟେ।"

"ଏବଂ ପିତର ଏହିସବୁ କଥା କହୁଥିବା ସମୟରେ," ଯେ ସେମାନେ କିପରି ଗଲେ, ଆରମ୍ଭରେ...ସେହି ସମାନ କଥା ଯାହା ବିଷୟରେ ମୁଁ କହୁଅଛି, ଯେ ପରମେଶ୍ୱର କିପରି ପବିତ୍ରଆତ୍ମା ଦେବା ପାଇଁ ପ୍ରତିଜ୍ଞା କରିଥିଲେ। "ପିତର ଏହିସବୁ କଥା କହୁଥିବା ସମୟରେ, ପବିତ୍ରଆତ୍ମା ସେମାନଙ୍କ ଉପରେ ଅବତରଣ କଲେ।" ହୁଁ! ହଁ। ତାହାହିଁ ହେଉଛି ଯାହାକି ପବିତ୍ରଆତ୍ମା ଅଟନ୍ତି, ଯାହା ପାଇଁ ତାହା ଅଟନ୍ତି। ନିଶ୍ଚିତରେ। "ଏବଂ ସେମାନେ ସମସ୍ତେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହେଲେ।"

127 ତେବେ ଧ୍ୟାନ ଦିଅନ୍ତୁ ଏଫିସରେ, ସେଠାରେ ଜଣେ ବାପ୍ତିଷ୍ଟ ଭାଇ ଥିଲେ। ସେ ପ୍ରଥମେ ଜଣେ ଓକିଲ, ପ୍ରଖର, ବୁଦ୍ଧିମାନ ବ୍ୟକ୍ତି ଥିଲେ, ଆଇନ ଜାଣିଥିଲେ; ମହାନ ବ୍ୟକ୍ତି, ଜଣେ ପଣ୍ଡିତ ଥିଲେ। ଦିନେ ସେ ବାଇବଲ ପାଠ କରିବାକୁ ଗଲେ, ଏବଂ ସେ ସେଠାରେ ଦେଖିଲେ ଯେ ମଶୀହଙ୍କ ନାମରେ ଜଣେ ଆସିବାକୁ ଅଛି। ଏବଂ ଯେତେବେଳେ ସେ ତାହା କଲେ, କାହିଁକି, ସେ ଏହି ଯୀଶୁଙ୍କ ବିଷୟରେ ଶୁଣିବାକୁ ପାଇଲେ, ଏବଂ ସେ କହିଲେ, "ମୁଁ ସୁନିଶ୍ଚିତ ଅଟେ। ଏବଂ ମୁଁ ଖୋଲାଖୋଲି ଭାବେ ମୋର ବିଶ୍ୱାସକୁ କହୁଛି ଯେ ଯୀଶୁ ହିଁ ଖ୍ରୀଷ୍ଟ, ପରମେଶ୍ୱରଙ୍କ ପୁତ୍ର ଅଟନ୍ତି।" ସେ ଜଣେ ପ୍ରକୃତ ବାପ୍ତିଷ୍ଟ ଥିଲେ। ଏଠାରେ ସେ ଆସନ୍ତି, "ମୁଁ ଖୋଲାଖୋଲି ଭାବେ କହୁଛି ଯେ ଯୀଶୁ ହିଁ ହେଉଛନ୍ତି ଖ୍ରୀଷ୍ଟ।" ସେ ତାହା ଏତେ ଅତ୍ୟଧିକ କରିବାକୁ ଲାଗିଲେ ଯେ ପରମେଶ୍ୱର ତାଙ୍କୁ ସେବାକାର୍ଯ୍ୟ ମଧ୍ୟକୁ ଡାକି ନେଲେ। ପରମେଶ୍ୱର ସର୍ବଦା ଜଣେ ପ୍ରକୃତ ହୃଦୟ ସହିତ କଥା ହେବେ।

128 ଏବଂ ସେଠାରେ ତଳେ ଜଣେ ସ୍ୱାମୀ ଓ ସ୍ତ୍ରୀ, ଆକ୍ୱିଲା ଏବଂ ପ୍ରିସ୍କିଲା ନାମରେ ପୁରୁଣା ତମ୍ବୁ ନିର୍ମାଣକାରୀ ଥିଲେ। ସେମାନେ ତମ୍ବୁ ନିର୍ମାଣକାରୀ ଥିଲେ। ପ୍ରେରିତ ୧୮ତମ ପର୍ବ, ଆପଣଙ୍କୁ ଏହା ବିଷୟରେ କହିଥାଏ। ପାଉଲ, ସେମାନେ ତାଙ୍କର ବନ୍ଧୁମାନେ ଥିଲେ। ସେମାନେ ପାଉଲ ଏବଂ ତାଙ୍କ ଶିକ୍ଷା ଅଧୀନରେ ପବିତ୍ରଆତ୍ମାଙ୍କୁ ଗ୍ରହଣ କରିଥିଲେ।

ସେମାନେ ଶୁଣିଲେ ଯେ ସେଠାରେ ଏକ ଉଦ୍ଦୀପନା ସଭା ହେଉଅଛି, ତେଣୁ ସେମାନେ ସେଠାକୁ ଗଲେ। ସେଠାରେ କେବଳ ପ୍ରାୟଃ ଦଶ କିମ୍ବା ବାରଜଣ ଉପସ୍ଥିତ ଥିଲେ। ତେଣୁ ସେ ତାହା ଦେଖିବା ପାଇଁ ସେଠାକୁ ଗଲେ, ଏବଂ ସେ ଏହି ପ୍ରଚାରକଙ୍କୁ ତାଙ୍କ ହୃଦୟର ନିଷ୍ଠାପରତାରେ ପ୍ରଚାର, କରୁଥିବାର ଶୁଣିଲେ। ସେ କହିଲେ, "ତୁମେ ଜାଣ, ମୁଁ ବିଶ୍ୱାସ କରେ ଯେ ସେ ସତ୍ୟ ଶୁଣିବେ।"

ତେଣୁ ସେବା ସମାପ୍ତ ହେବା ପରେ, ସେ ତାଙ୍କୁ ତମ୍ବୁ ପଛ ପଟରେ ଡାକିଲେ, ଓ କହିଲେ, "ଦେଖନ୍ତୁ, ଆମେ ଏତେ ଉଚ୍ଚତା ବିଶିଷ୍ଟ ଜଣେ ଭାଇଙ୍କୁ ପାଇଅଛୁ, ଟିକିଏ ବଙ୍କା-ନାକ ଥିବା

ଜଣେ ଯିହୁଦୀ, ଏବଂ, ମାତ୍ର ଯେତେବେଳେ ସେ ଆସନ୍ତି, ସେ ଆପଣଙ୍କୁ ପରମେଶ୍ୱରଙ୍କ ବାକ୍ୟ, ଅତି ସ୍ୱଷ୍ଟ ଭାବେ ଶିଖାଇବେ ।" ତେବେ, କିଛି ସମୟ ପରେ...

129 ପାଉଲ ସେହି ସମୟରେ କାରାଗାରରେ ଥିଲେ । ଜଣେ ଆଧୁନିକବାଦୀ ପ୍ରଚାରକ ପାଇଁ ଭୟଙ୍କର ସ୍ଥାନ ଅଟେ, ନୁହେଁ କି? କିନ୍ତୁ ସେ କାରାଗାରରେ ଥିଲେ, ଏବଂ ପ୍ରଭୁ ତାଙ୍କୁ ସେଠାରେ ରଖିଥିଲେ । ତେଣୁ ଭୂମିକମ୍ପ ଆସିବା ପରେ, ତାହା କାରାଗାରକୁ ହଲାଇ ଦେଇଥିଲା, ସେ କାରାଗାର ରକ୍ଷକ ଏବଂ ତାଙ୍କର ସପରିବାରକୁ ନେଇ ସମସ୍ତଙ୍କୁ, ପ୍ରଭୁ ଯୀଶୁଙ୍କ ନାମରେ ବାପ୍ତିସ୍ମ ଦେଲେ, ଏବଂ ସେଠାରୁ ବାହାରି, ଏଠାକୁ ଆସିଲେ ।

ଏବଂ ସେ ଠିକ୍ ସେତେବେଳେ ଭାଗ୍ୟଗଣନା କହୁଥିବା ଜଣେ ସାନ, ଝିଅଠାରୁ ଏକ ଶୟତାନକୁ ବାହାର କରିଥିଲେ । ଆଉ, ତେବେ, ସେମାନେ ସେହି ଝିଅ ଦ୍ୱାରା ବହୁତ ଟଙ୍କା ଲାଭ କରୁଥିଲେ, ତେଣୁ ସେ ଠିକ୍ ସେମାନଙ୍କର ଯୋଜନାକୁ ଉନ୍ମୋଚିତ କରିଥିଲେ, ତେଣୁକରି ସେମାନେ ତାଙ୍କୁ ତାହା ପାଇଁ କାରାଗାରରେ ନିକ୍ଷେପ କରିଥିଲେ । ଏବଂ ପ୍ରଭୁ କାରାଗାରକୁ ଦୋହଲାଇ ଥିଲେ, କାରଣ ସେଠାରେ ତଳେ ସତ୍ୟକୁ ଶୁଣିବା ନିମନ୍ତେ ସେ ଅନେକ ଲୋକମାନଙ୍କୁ ରଖିଥିଲେ । ଆପଣ ପରମେଶ୍ୱରଙ୍କ ବାକ୍ୟକୁ ବାନ୍ଧି ରଖିପାରିବେ ନାହିଁ । ସେଠାରେ...ଯାହା ହେଉନା କାହିଁକି, ଆପଣ କରିପାରନ୍ତି ନାହିଁ । ଆପଣ ତାହା କରି ହିଁ ପାରନ୍ତି ନାହିଁ ।

130 ତେଣୁ ସେ ସେଠାକୁ ଆସିଲେ ଯେଉଁଠାରେ ଏହି ଲୋକଟି ଥିଲା । ଏବଂ ଆକ୍ୱିଲା ଏବଂ ପ୍ରିସ୍କିଲା, ବୋଧହୁଏ ସେମାନେ କିଛି ସାଣ୍ଡୱିଚ୍ ଖାଉଥିଲେ । ଏବଂ ସାଣ୍ଡୱିଚ୍ ଖାଇସାରିବା ପରେ ତୁରନ୍ତ, କହିଲେ, "ଆମେ ଉଦ୍ଦୀପନା ସଭାକୁ ଯିବା ।"

ପାଉଲ ସେଠାରେ ପଛରେ ବସି ନିଜର ଛୋଟ ପୋଷାକଟିକୁ ଧରି ରହିଥିଲେ, ଓ ଏହି ବାପ୍ଟିଷ୍ଟ ପ୍ରଚାରକଙ୍କର କଥା ଶୁଣୁଥିଲେ ।

ସେ କହିଲା, "ତାହା ଉତ୍ତମ ଅଟେ, ଯାହା ଆପଣ ପ୍ରଚାର କରୁଛନ୍ତି, କିନ୍ତୁ ଏହାର ଆହୁରି କିଛି ଅଧିକ ଅଛି ।" କହିଲେ, "ମୁଁ ଆପଣଙ୍କୁ ଏକ ପ୍ରଶ୍ନ ପଚାରିବାକୁ ଚାହୁଁଛି, ଡାକ୍ତର ଆପଲ୍ଲୋ । ବିଶ୍ୱାସ କରିବା ସମୟରେ କଅଣ ଆପଣ ପବିତ୍ରଆତ୍ମା ପାଇଥିଲେ?"

"ଓଃ," ସେ କହିଲେ, "ଆମେ ଜାଣି ନ ଥିଲୁ ଯେ ସେପରି କିଛି ଅଛି କି ନାହିଁ । 'ପବିତ୍ରଆତ୍ମା' କହିବା ଦ୍ୱାରା ଆପଣଙ୍କର ଅଭିପ୍ରାୟ କଅଣ? ଆମେ ତ ବାପ୍ଟିଷ୍ଟ ଅଟୁ ।"

କହିଲେ, "ଆପଣ କିପରି ଜାଣିଲେ ଯେ ଆପଣ ବାପ୍ଟିଷ୍ଟ ଅଟନ୍ତି?" ବୁଝିଲେ?

"ତେବେ, ଆମେ ବାପ୍ତିଜିତ ହୋଇଛୁ । ଆମେ ହିଁ କେବଳ ଯୋହନଙ୍କର ବାପ୍ତିସ୍ମ ଜାଣୁ ।"

ସେ କହିଲେ, "ସେ ତ କେବଳ ମନପରିବର୍ତ୍ତନ ନିମନ୍ତେ ବାପ୍ତିସ୍ମ ଦେଇଥିଲେ, ଏହା କହି ଯେ 'ତାଙ୍କ ଉତ୍ତାରେ ଯିଏ ଆସୁଛନ୍ତି ତାହାଙ୍କଠାରେ ବିଶ୍ୱାସ କର,' ଅର୍ଥାତ୍ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ।"

ଏବଂ ଯେତେବେଳେ ସେ ଏହା ଶୁଣିଲେ, ସେମାନେ ପୁନର୍ବାର ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଲେ । ଏବଂ ପାଉଲ ସେମାନଙ୍କ ଉପରେ ହାତ ରଖନ୍ତେ, ପବିତ୍ରଆତ୍ମା ସେମାନଙ୍କ ଉପରକୁ ଅବତରଣ କଲେ, ଆଉ ସେମାନେ ପରଭାଷାରେ କଥାବାର୍ତ୍ତା କଲେ ଏବଂ ଭବିଷ୍ୟଦ୍‌ବାଣୀ କହିଲେ । କହିଲେ, "ଯେକେହି ।"

131 ତେବେ, ବର୍ତ୍ତମାନ, ଆମେ ଏହା କିପରି କରୁ? ମୁଁ ଆପଣଙ୍କୁ କିଛି କହିବାକୁ ଚାହେଁ, ତାହାପରେ ମୁଁ...ଆମେ ଶେଷ କରିବା, କାରଣ, ଏହା, ମୁଁ ଆପଣଙ୍କୁ କହିଥିଲି ଯେ ମୁଁ ଆପଣମାନଙ୍କୁ ଶୀଘ୍ର ଛାଡିଦେବି । ଆପଣ ଜାଣିଲେ ଯେ ପବିତ୍ରଆତ୍ମା କଅଣ ଅଟେ । ଆଜି ରାତି ପାଇଁ ଶେଷ ଶାସ୍ତ୍ରାଂଶ...ମୋ ପାଖରେ ଏଠାରେ ଆଉ ଏକ ହଲେ ଅଛି, ମାତ୍ର ଆମକୁ ତାହା ଛାଡିବାକୁ ହେବ । ଆସନ୍ତୁ ପ୍ରଥମ କରିନ୍ଥୀୟ 12 କୁ ଯିବା । ଏବଂ ତାହାପରେ ଆମେ ଏହାକୁ ପାଠ କରିବା, ଏବଂ ତାହାପରେ ଆମେ—ଆମେ ଶେଷ କରିବା । ଠିକ୍ ଅଛି । ପ୍ରଥମ କରିନ୍ଥୀୟ, ତାର 12ଶ ପର୍ବ ।

କେତେ ଲୋକ ସାଧୁ ପାଉଲଙ୍କ ଶିକ୍ଷାକୁ ବିଶ୍ୱାସ କରନ୍ତି? ନିଶ୍ଚିତରେ! ସେ ଗାଲାତୀୟ 1:8 ରେ, କହିଲେ, "ଯଦି ଜଣେ ସ୍ୱର୍ଗଦୂତ ସୁଦ୍ଧା ତଦ୍‌ଭିନ୍ନ ଅନ୍ୟ କିଛି ଶିଖାଏ, ସେ ଶାପଗ୍ରସ୍ତ ହେଉ," ଜଣେ ପ୍ରଚାରକକୁ ଛାଡି ଦିଅନ୍ତୁ । "ଯଦି ଜଣେ ସ୍ୱର୍ଗର ଦୂତ ସୁଦ୍ଧା ଓହ୍ଲାଇ ଆସି କିଛି ଅନ୍ୟ ଶିକ୍ଷା ଦିଅନ୍ତି, ତେବେ ସେ ଶାପଗ୍ରସ୍ତ ହେଉ ।" ଦେଖନ୍ତୁ, ଏହାର ସହିତ କୌଣସି ସମ୍ପର୍କ ନାହିଁ ।

132 ତେବେ ଏହାକୁ, ପ୍ରଥମ କରିନ୍ଥୀୟ 12 କୁ ଦେଖନ୍ତୁ । କେତେ ଜଣ—କେତେ ଜଣ ଜାଣନ୍ତି ଯେ ପୁନରୁତ୍‌ଥାନରେ ଯିବାକୁ ହେଲେ ଆମକୁ ଖ୍ରୀଷ୍ଟଙ୍କଠାରେ ରହିବା ଆବଶ୍ୟକ ଅଟେ, କାରଣ ଏହା ତାହାଙ୍କର ଶରୀର ଅଟେ ଯାହାକୁ ପରମେଶ୍ୱର ଉଠାଇବାକୁ ପ୍ରତିଜ୍ଞା କରିଛନ୍ତି? ଅନ୍ୟ କୌଣସି ଉପାୟ ନାହିଁ । ଯଦି ଆପଣ ଖ୍ରୀଷ୍ଟଙ୍କ ବାହାରେ ଅଛନ୍ତି, ତେବେ ଅନ୍ୟ ଉପାୟ ନାହିଁ ।

ଆପଣ ହୁଏତ *ଏଠା*ରେ ପଛକୁ ଚାହିଁ ତାଙ୍କ ଉପରେ ବିଶ୍ୱାସ କରିପାରନ୍ତି, କହିପାରନ୍ତି, "ନିଶ୍ଚିତ, ମୁଁ ତାହାଙ୍କୁ ବିଶ୍ୱାସ କରେ । ସେ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି ।" ଭାଇ, ତାହା ଉତ୍ତମ ଅଟେ, ଯେତେବେଳେ ଆପଣ ତାହା କୁହନ୍ତି ମୁଁ ଆପଣଙ୍କ ସହିତ ହାତ ମିଶାଇବାକୁ ପ୍ରସ୍ତୁତ ଅଟେ । "ମୁଁ ତାହାଙ୍କ ଉପରେ ବିଶ୍ୱାସ କରେ । ମୁଁ ତାହାଙ୍କୁ ମୋର ତ୍ରାଣକର୍ତ୍ତା ଭାବରେ ସ୍ୱୀକାର କରିବି ।" ତାହା ଭଲ ଅଟେ, କିନ୍ତୁ ଆପଣ ତଥାପି ତାହାଙ୍କଠାରେ ନାହାଁନ୍ତି । "ମୁଁ ପ୍ରଚାରକଙ୍କ ସହିତ ହାତ ମିଶାଇବି । ମୁଁ ମୋର ପାପଗୁଡିକୁ ସ୍ୱୀକାର କରିବି ।" ତାହା ଏବେ ସୁଦ୍ଧା ତାହାଙ୍କଠାରେ ରହିବା ନୁହେଁ ।

133 ତେବେ ଲକ୍ଷ୍ୟ କରନ୍ତୁ, ଦେଖନ୍ତୁ ଯେ ପାଉଲ କଅଣ କହିଛନ୍ତି, ଆପଣ ଖ୍ରୀଷ୍ଟଙ୍କଠାରେ କିପରି ପ୍ରବେଶ କରନ୍ତି । ଆପଣ କିପରି ସୁନ୍ନତ ଭାବରେ ପରିଚିତ ହେବାକୁ ଯାଉଛନ୍ତି?

ଅବ୍ରହାମ, ସେମାନଙ୍କୁ ଏକ ଚିହ୍ନ ଦିଆଯାଇଥିଲା । ତେବେ ଏହାକୁ ଶୁଣନ୍ତୁ, ପ୍ରଥମ କରିନ୍ଥୀୟ, 12ଶ ପର୍ବ, ଏବଂ ଆସନ୍ତୁ 12ଶ ପଦରୁ ଆରମ୍ଭ କରିବା ।

> *କାରଣ ଯେପରି ଶରୀର ଏକ, ଆଉ ସେଥିର ଅଙ୍ଗପ୍ରତ୍ୟଙ୍ଗ ଅନେକ, ଏବଂ ଶରୀରର...ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଅନେକ, ହେଲେହେଁ, ଏକ ଶରୀର ଅଟେ: ସେହିପରି ମଧ୍ୟ ଖ୍ରୀଷ୍ଟ ।* (ବିଭାଜିତ ନୁହେଁ । "ଏକ!")

ଶୁଣନ୍ତୁ । "ଏକ ମଣ୍ଡଳୀ ଦ୍ୱାରା"? ମୋ ପଛେ ପଛେ କେତେ ଜଣ ପଢୁଛନ୍ତି? "ଏକ ହାତ ମିଶାଇବା ଦ୍ୱାରା"? "ଏକ ଜଳ ଦ୍ୱାରା"? ନା । ତାହାହେଲେ କେହି ଜଣେ ଭୁଲ୍ ଅଟନ୍ତି ।

"ଏକ ଆତ୍ମାଙ୍କ ଦ୍ୱାରା!" କଅଣ ଏହା ଏକ ବଡ଼ ଅକ୍ଷରରେ ଅଛି କି? ତାହା ହେଉଛି, "ପବିତ୍ରଆତ୍ମା," ତେବେ । ବୁଝିଲେ?

> *...ଯେଣୁ ଆମ୍ଭେମାନେ ଯିହୁଦୀ ହେଉ ବା ବିଜାତି ହେଉ, ଦାସ ହେଉ ବା ସ୍ୱାଧୀନ ହେଉ, ସମସ୍ତେ ତ ଏକ ଆତ୍ମାଙ୍କ ଦ୍ୱାରା ଏକ ଶରୀର ହେବା ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛୁ; ଆଉ ସମସ୍ତେ ଏକ ଆତ୍ମାରୁ ପାନ କରିଅଛୁ ।*

134 ଖ୍ରୀଷ୍ଟଙ୍କ ଶରୀର ଏକ ଆତ୍ମା ଅଟେ, ଯେଉଁଠାରେକି ପ୍ରତ୍ୟେକ ସଦସ୍ୟ, ପେଣ୍ଟିକଷ୍ଟଠାରୁ ନେଇ ଏହି ସମୟ ପର୍ଯ୍ୟନ୍ତ, ସେହି ସମାନ ନୂତନ ଦ୍ରାକ୍ଷାରସରୁ, ସେହି ସମାନ ପବିତ୍ରଆତ୍ମାରୁ ପାନ କରିଥାନ୍ତି, ଓ ସମାନ ପରିଣାମଗୁଡିକୁ ଆଣିଥାନ୍ତି । ଆମେ ତାହା କିପରି କରୁ? "ଏକ ଆତ୍ମାଙ୍କ ଦ୍ୱାରା ।"

ଏହା ପରମେଶ୍ୱରଙ୍କ ଉନ୍ମୁକ୍ତ ଦ୍ୱାର, ପବିତ୍ରଆତ୍ମା ଅଟନ୍ତି । ଏହା କଅଣ ଅଟେ? ଏହା ପରମେଶ୍ୱରଙ୍କ ଉନ୍ମୁକ୍ତ ଦ୍ୱାର ଅଟେ । ଏହା ଏକ ଚିହ୍ନ ଅଟେ । ଏହା ଏକ ମୁଦ୍ରା ଅଟେ । ଏହା ଏକ ସାହାଯ୍ୟକାରୀ ଅଟେ । ଏହା ଜଣେ ଓକିଲ ଅଟେ । ଏହା ଏକ ଆଶ୍ୱାସନା ଅଟେ । ଏହା ବିଶ୍ରାମ ଅଟେ । ଏହା ଶାନ୍ତି ଅଟେ । ଏହା ଉତ୍ତମତା ଅଟେ । ଏହା ସୁସ୍ଥତା ଅଟେ । ଏହା ଜୀବନ ଅଟେ । ଏହି ସମସ୍ତ ବିଷୟଗୁଡିକ ପାଇଁ ତାହା—ତାହା ପରମେଶ୍ୱରଙ୍କ ଉନ୍ମୁକ୍ତ ଦ୍ୱାର ଅଟେ । ଏହା ଖ୍ରୀଷ୍ଟଙ୍କ ପାଇଁ ପରମେଶ୍ୱରଙ୍କ ଉନ୍ମୁକ୍ତ ଦ୍ୱାର ଅଟେ, ଯାହାର ଅଛି...

ପରମେଶ୍ୱର ପ୍ରମାଣିତ କଲେ ଯେ ସେ ଯୀଶୁଙ୍କୁ ମୃତ୍ୟୁରୁ ପୁନରୁତ୍ଥିତ କଲେ, ଏବଂ ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ମୃତ ଅଛନ୍ତି ପରମେଶ୍ୱର ସେମାନଙ୍କୁ ପୁନରୁତ୍ଥାନରେ ନିଜ ସହିତରେ ଆଣିବେ । "ଆଉ ଯେଉଁ ପବିତ୍ରଆତ୍ମାଙ୍କ ଦ୍ୱାରା ତୁମ୍ଭେମାନେ ମୁକ୍ତିର ଦିବସ ନିମନ୍ତେ ମୁଦ୍ରାଙ୍କିତ ହୋଇଅଛ ତାହାଙ୍କୁ ଦୁଃଖ ଦିଅ ନାହିଁ ।" ହ୍ୟୁ! କେତେ ଲୋକ ଏହାକୁ ବିଶ୍ୱାସ କରନ୍ତି?

135 ଖ୍ରୀଷ୍ଟ କଅଣ ଅଟନ୍ତି? ପବିତ୍ରଆତ୍ମା କଅଣ ଅଟନ୍ତି? ଏହା ଏପରି କୌଣସି ବିଷୟ ନୁହେଁ ଯେ ଲୋକମାନେ ପରିହାସ କରିବେ । ଏହା ଏପରି କିଛି ବିଷୟ ଅଟେ ଯାହାକୁ ଲୋକମାନେ ପରିହାସ କରନ୍ତି; କିନ୍ତୁ ଏହା ବିଶ୍ୱାସୀ, ପାଇଁ ନୁହେଁ ।

ଅବିଶ୍ଵାସୀ ପାଇଁ! ମୋର ଇଚ୍ଛା ଯେ କାଳେ ମୋ ପାଖରେ ଦୀର୍ଘ ଦୁଇ ତିନି ସପ୍ତାହ ଥାଆନ୍ତା, ମୁଁ ଆସନ୍ତାକାଲି ରାତିରେ ନେବାକୁ ଚାହିଁବି ଏବଂ କହିବାକୁ ଚାହିଁବି ଯେ ତାହା ଅବିଶ୍ଵାସୀଙ୍କ ପାଇଁ କଅଣ ଅଟେ । ମୋତେ କେବଳ ଏକ ମୁହୂର୍ତ୍ତକ ପାଇଁ, ନେବାକୁ ଦିଅନ୍ତୁ । ଏହା ଏକ ହାସ୍ୟାସ୍ପଦ ବିଷୟ ଅଟେ । ଏହା ଏକ ଫାନ୍ଦ ଅଟେ । ଏହା ଏକ ବାଧାଜନକ ପ୍ରସ୍ତର ଅଟେ । ଏହା ମୃତ୍ୟୁ ଅଟେ । ଏହା ପରମେଶ୍ଵରଙ୍କଠାରୁ ଅନନ୍ତକାଳୀନ ପୃଥକ୍କୀକରଣ ଅଟେ । ମୁଁ ସେହି ଜିନିଷଗୁଡ଼ିକ ବିଷୟରେ ଚିନ୍ତା କରିପାରେ ନାହିଁ ଯାହାକି ତାହା ଅବିଶ୍ଵାସୀ ପାଇଁ ଅଟେ!

136 ମନେରଖନ୍ତୁ, ସେହି ବର୍ଷା ଯାହାକି ଅବିଶ୍ଵାସୀ ପରିହାସ କରିଥିଲା, ସେହି ସମାନ ବର୍ଷା ହିଁ ଥିଲା ଯାହାକି ନୋହ ଏବଂ ତାଙ୍କ ପରିବାରକୁ ବଞ୍ଚାଇଥିଲା । ବୁଝିଲେ? ସେହି ସମାନ ଆତ୍ମା, ପବିତ୍ରଆତ୍ମା ଯାହାକୁ ଲୋକମାନେ ପରିହାସ କରୁଛନ୍ତି ଏବଂ କହୁଛନ୍ତି "ପାଗଳ, ଏବଂ ମୂର୍ଖମାନଙ୍କର ଏକ ଦଳ, ଏହା ପାଗଳାମି ଅଟେ," ଏହା ସେହି ସମାନ ବିଷୟ ଅଟେ ଯାହାକି ମଣ୍ଡଳୀକୁ ଉର୍ଦ୍ଧାନ୍ତିକରଣକୁ ନେଇଯିବ ଏବଂ ଶେଷ ଦିନରେ ଏହାକୁ ଉର୍ଦ୍ଧ୍ଵକୁ ଗ୍ରହଣ କରିବ; ତାହା ଅବିଶ୍ଵାସୀଙ୍କ ଉପରକୁ ବିଚାର ଆଣିବ । ତାହା ଠିକ୍ । ତାହାହିଁ ହେଉଛି ଯାହାକି ପବିତ୍ରଆତ୍ମା ଅଟେ ।

137 ସେମାନେ ଧନ୍ୟ...ମୁଁ ଏହା ମୋର ହୃଦୟର ନିଷ୍ଠାପରତାରୁ, ଏହାକୁ କହିପାରେ । ଯେଉଁମାନେ ଏଥି ନିମନ୍ତେ କ୍ଷୁଧିତ ଓ ତୃଷିତ ସେମାନେ ଧନ୍ୟ, କାରଣ ସେମାନେ ପରିତୃପ୍ତ କରାଯିବେ ।

138 ଆସନ୍ତାକାଲି ରାତିରେ ଆମେ ଏହା ବିଷୟରେ କହିବାକୁ ଯାଉଅଛୁ ଯେ ଏହା ସେତେବେଳେ କିପରି ହୋଇଥାଏ, ଏହା କଅଣ କରିଥାଏ ଯେତେବେଳେ ଏହା ଆସେ ।

139 ତେବେ, ଏଠାରେ କେତେଜଣ ପବିତ୍ରଆତ୍ମା ଗ୍ରହଣ କରିବାକୁ ଚାହିଁବେ, ଏବଂ ଚାହିଁବେ ଯେ କେହିଜଣେ ଆପଣଙ୍କ ପାଇଁ ପ୍ରାର୍ଥନା କରୁ, ଯେପରିକି ଆପଣ ଆଲୋକକୁ ଦେଖିବେ?

ଆପଣ ଜାଣିଲେ "ଯେ ଏହା କଅଣ ଅଟେ ।"

ତେବେ, ଆସନ୍ତାକାଲି ରାତି, ଆମେ ନେବାକୁ ଯାଉଛୁ, "ଏହା କଅଣ କରେ ।"

140 ଏବଂ ତାହାପରେ ପରବର୍ତ୍ତୀ ରାତି, ହେଉଛି, "ଏହାକୁ କିପରି ଗ୍ରହଣ କରିବା ।" ତାହାପରେ ଆମେ ଡାକିବାକୁ ଯାଉଛୁ, ଏଠାରେ ଲୋକମାନଙ୍କୁ ନିର୍ଦ୍ଦେଶ ଦେବାକୁ ଯାଉଛୁ, ଏବଂ ସୀଧା କୋଠରୀଗୁଡିକୁ ଯାଇ ସେଠାରେ ରହିବାକୁ ଯାଉଅଛୁ, ଯଦି ଏହା ସମଗ୍ର ଖ୍ରୀଷ୍ଟମାସ ସାରା ଲାଗେ, ତାହା ଠିକ୍ ଅଛି, ଯେପର୍ଯ୍ୟନ୍ତକି ପବିତ୍ରଆତ୍ମା ନ ଆସି ଯାଆନ୍ତି । ଆମେ ଏହାକୁ ଏକ ବୁଦ୍ଧିମତ୍ତାର ସହ, ବାଇବଲ ମୂଳଦୁଆରୁ ନେବାକୁ ଯାଉଅଛୁ । ଆମେ ଏହା ନେବାକୁ ଯାଉଛୁ ଏବଂ ଏହାକୁ ଠିକ୍ ସେହିପରି ଭାବରେ ପାଇବାକୁ ଯାଉଅଛୁ ଯେପରି ପରମେଶ୍ଵର ଏହାକୁ ପ୍ରତିଜ୍ଞା କରିଥିଲେ, ଏବଂ ଯେପରି ଏହା ଆରମ୍ଭରେ ଆସିଥିଲା । ଠିକ୍

ସେହିପରି ଭାବରେ କରିବା ପାଇଁ ଆମେମାନେ ଏଠାରେ ଅଛୁ । ମୁଁ...ଏଥିରେ କିଛି ଫରକ୍ ପଡ଼େ ନାହିଁ ଯେ କିଏ କଅଣ କହୁଛି, ଆମେ ତ...

ପରମେଶ୍ୱରଙ୍କ ବାକ୍ୟ...ମୋ ହୃଦୟରେ ପ୍ରାଧାନ୍ୟତା ରହିଅଛି । ତାହା ଠିକ୍ । ଏବଂ ମୁଁ ତାହା ଚାହେଁ ଯାହା ପରମେଶ୍ୱର ମୋ ପାଇଁ ରଖିଛନ୍ତି । ଆଉ ଯଦି କିଛି ଅଧିକ ଥାଏ, ହେ ପ୍ରଭୁ, ସ୍ୱର୍ଗକୁ ଖୋଲି ଦିଅ, କାରଣ ମୋର—ମୋର ହୃଦୟ ତାହା ପାଇଁ ଖୋଲା ଅଛି । ତାହା ଠିକ୍ ଅଟେ ।

141 କେତେ ଜଣ ତାହା ଚାହାଁନ୍ତି? ତେବେ ନିଜର ହାତ ଉଠାନ୍ତୁ, କୁହନ୍ତୁ, "ମୋ ପାଇଁ ପ୍ରାର୍ଥନା କରନ୍ତୁ ।" ତେବେ, ଯେତେବେଳେ ଆପଣ ନିଜର ହାତକୁ ଉପରକୁ, କରି ରହିଥାନ୍ତି ।

ସ୍ୱର୍ଗୀୟ ପିତା, ଆମେ ଏକ ଦୀର୍ଘ ସମୟ ଧରି ଶିକ୍ଷା ଦେଇଅଛୁ । ମାତ୍ର ତୁମର ଆତ୍ମା ଏଠାରେ ଅଛି । ତେବେ ଏପରି ହାତଗୁଡିକ ଅଛି ଯାହାକି ବର୍ତ୍ତମାନ ଉପରକୁ ଉଠିଅଛି । ଏବଂ ସେମାନେ ଜାଣିଛନ୍ତି ଯେ ଏହା କଅଣ ଅଟେ, ସେମାନେ ଜାଣିଛନ୍ତି ଯେ ପବିତ୍ରଆତ୍ମା କଅଣ ଅଟେ । ହେ ପରମେଶ୍ୱର, ମୁଁ ପ୍ରାର୍ଥନା କରୁଛି ଯେ ଏହି ସଭା ସମାପ୍ତ ହେବା ପୂର୍ବରୁ, ଯେ ଏଠାରେ ଥିବା ପ୍ରତ୍ୟେକ ହାତ ଉପରକୁ ଉଠିବ ଯେ ସେମାନେ ଏହାକୁ ପ୍ରାପ୍ତ କରିଛନ୍ତି । ହେ ପ୍ରଭୁ, ଏହା ପ୍ରଦାନ କର ।

142 ଆମେ ସେମାନଙ୍କ ପାଇଁ ପ୍ରାର୍ଥନା କରୁଛୁ । ଆମେ ଅନୁରୋଧ କରୁଛୁ ଯେ ତୁମେ ସେମାନଙ୍କୁ ଆଶୀର୍ବାଦ କର ଏବଂ ସେମାନଙ୍କର ହୃଦୟର ଇଚ୍ଛାଗୁଡିକୁ ସେମାନଙ୍କୁ ପ୍ରଦାନ କର । ହେ ପ୍ରଭୁ, ସେମାନଙ୍କ ହାତଗୁଡିକୁ ଦେଖ । ସେମାନେ ତୁମକୁ ପ୍ରେମ କରନ୍ତି । ସେମାନେ ଏହାକୁ ଚାହାଁନ୍ତି । ସେମାନେ ଜାଣନ୍ତି ଯେ ସେମାନେ ଯାଇପାରିବେ ନାହିଁ...ଆସନ୍ତାକାଲି ରାତିରେ, ଯଦି ତୁମେ ମୋତେ ସାହାଯ୍ୟ କରିବ, ହେ ପ୍ରଭୁ, ଆମେ ଏହାକୁ ଶାସ୍ତ୍ରରେ ପ୍ରମାଣ କରିପାରିବୁ ଯେ ସେମାନେ ଏହା ବିନା କଦାପି ଉର୍ଦ୍ଧାନ୍ତିକରଣରେ ଯାଇପାରିବେ ନାହିଁ । ତେଣୁ ହେ ପିତା, ମୁଁ ପ୍ରାର୍ଥନା କରୁଛି, ଯେ ତୁମେ ସେମାନଙ୍କୁ କ୍ଷୁଧା ଓ ତୃଷା ଦେବ, ଯେପରିକି ସେମାନେ ପରିତୃପ୍ତ ହୋଇପାରିବେ । ପିତା, ମୁଁ ସେମାନଙ୍କୁ ବର୍ତ୍ତମାନ ତୁମ ନିକଟରେ ଉପସ୍ଥାପନ କରୁଅଛି । ଏବଂ, ଏହି ଆଶୀର୍ବାଦଗୁଡିକ ପ୍ରଦାନ କର, ଯେତେବେଳେକି ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

ମୁଁ ତାହାଙ୍କୁ ପ୍ରେମ କରେ, ମୁଁ ତାହାଙ୍କୁ ପ୍ରେମ କରେ
କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ
ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
କାଲବରୀ ବୃକ୍ଷ ଉପରେ ।

143 ଆମେ ପୁଣିଥରେ ଗୀତ ଗାଇବା ପୂର୍ବରୁ ମୁଁ ଏହାକୁ କହିବାକୁ ଚାହେଁ । ମୁଁ ଏଠାରେ ଥିବା କୋଠରୀରେ ସେବକମାନଙ୍କର ଏକ ସମୂହ ସହିତ ସାକ୍ଷାତ କରିବାକୁ ଚାହେଁ, ଶୁକ୍ରବାର ରାତି, ସେବା ଆରମ୍ଭ ହେବା ପୂର୍ବରୁ, ଦେଖନ୍ତୁ, ଶୁକ୍ରବାର ରାତି । ମୁଁ...

ଆପଣ ଦେଖନ୍ତୁ ଯେ ମୁଁ କଅଣ କରିବାକୁ ଚେଷ୍ଟା କରୁଛି? ଏହା ଦେଖାଉଅଛି ଯେ ତାହା କଅଣ ଅଟେ, ତାହା ପାଖକୁ କିପରି ଯିବାକୁ ଅଛି ଏବଂ କଅଣ ସମ୍ମାନ କରିବାକୁ ଅଛି; ତେବେ ଯାଇ ଆପଣ ଅନ୍ଧ ଭାବରେ ଆସୁ ନାହାଁନ୍ତି, ଓ ଅନ୍ଧରିଆ ଭାବେ ବାଡି ବୁଲାଉ ନାହାଁନ୍ତି । ସେଇଥିପାଇଁ ମୁଁ ତାହାକୁ ଆଜି ରାତିରେ କଦାପି କହିଲି ନାହିଁ । ମୁଁ ଚାହେଁ ଯେ ଆପଣ ଜାଣନ୍ତୁ ଏହା କଅଣ ଅଟେ । ଏହା ଏକ ପ୍ରତିଜ୍ଞା ଅଟେ । ଏହା ଏକ ମୁଦ୍ରା ଅଟେ । ଏହା ସେହି ସାହାଯ୍ୟକାରୀ ଅଟେ । ଏହା ସେହିପରି ପ୍ରଭୃତି ଅଟେ ।

ତାହାପରେ, ଆସନ୍ତାକାଲି ରାତି ଏବଂ ପରବର୍ତ୍ତୀ ରାତିରେ, ତେବେ ଆମେ ଠିକ୍ ସେଠାରୁ ଆରମ୍ଭ କରିବା, ସେହିଠାରୁ ନେଇ, ଏହା ଆସିବା ପର୍ଯ୍ୟନ୍ତ । ସେଥିରେ କିଛି ଫରକ୍ ପଡ଼େ ନାହିଁ ଯେ କେତେ ସମୟ ଲାଗେ; ଆମେ ସେପର୍ଯ୍ୟନ୍ତ ରହିବା ଯେପର୍ଯ୍ୟନ୍ତକି ସେ ଆସିବେ ନାହିଁ । ନିଜ ହୃଦୟକୁ ପରିଷ୍କାର କରି ନିଅନ୍ତୁ । ସେ କଦାପି ଅପରିଷ୍କାର ହୃଦୟ ମଧ୍ୟରେ ତାହାକୁ ଢାଳିବେ ନାହିଁ । ଠିକ୍ କରି ନିଅନ୍ତୁ, ପ୍ରସ୍ତୁତ ରୁହନ୍ତୁ, ଏବଂ ସେ ତାହା ପ୍ରଦାନ କରିବେ ।

> ମୁଁ ତାହାଙ୍କୁ ପ୍ରେମ କରେ, ମୁଁ ତାହାଙ୍କୁ ପ୍ରେମ କରେ

ଆସନ୍ତୁ ନିଜର ହାତଗୁଡିକୁ ଉଠାଇବା ।

> କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ
> ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
> କାଲଵରୀ ବୃକ୍ଷ ଉପରେ ।

ପାଳକ ବର୍ତ୍ତମାନ ହିଁ କହିଛନ୍ତି, ଏବଂ ଆମେ ସହମତ ଅଟୁ, ଯେ ଆସନ୍ତାକାଲି ରାତି ଆମେ ସାତଟା-ତିରିଶ ବଦଳରେ ସାତଟାରେ ଆରମ୍ଭ କରିବା । ଏବଂ ତାହା ମୋତେ ଆପଣମାନଙ୍କୁ ନଅଟା-ତିରିଶ ବଦଳରେ ଆଠଟା-ତିରିଶରେ ଛାଡିଦେବାକୁ ସମୟ ଦେବ । ସାତଟା ତିରି-... ଆସନ୍ତାକାଲି ରାତି, ସାତଟା ବେଳେ, ଗୀତ ସେବା ଆରମ୍ଭ ହେବ । ମୁଁ ସାତଟା-ତିରିଶରେ ମୋର ବାର୍ତ୍ତାରେ ରହିବି ।

> ମୁଁ ତାହାଙ୍କୁ ପ୍ରେମ କରେ,

ଆସନ୍ତୁ ଆମର ରୁମାଲଗୁଡିକୁ ବାହାର କରି ତାଙ୍କ ନିମନ୍ତେ ହଲାଇବା ।

> ମୁଁ ତାହାଙ୍କୁ ପ୍ରେମ କରେ

ତେବେ ପ୍ରଚଳିତ ଆନୁଷ୍ଠାନିକ ଧାରାକୁ କେବଳ ଭାଙ୍ଗି ଦିଅନ୍ତୁ!

> କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ
> ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
> କାଲଵରୀ ବୃକ୍ଷ ଉପରେ ।

ଠିକ୍ ଅଛି, ବର୍ତ୍ତମାନ ଆପଣଙ୍କର ପାଳକ, ଭାଇ ନେଭିଲ୍ ।

***ପବିତ୍ରଆତ୍ମା କଅଣ ଅଟେ?*** ORI59-1216

(What Is The Holy Ghost?)

**ପବିତ୍ରଆତ୍ମା ଶୃଙ୍ଖଳା**

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଡିସେମ୍ବର 16, ୧୯୫୯, ବୁଧବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲ୍ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2023 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.


For more information or for other available material, please contact:


VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org